

ଅନୀଲ କୁମ୍ବଲେଙ୍କୁ ପଛରେ ପକାଇଲେ ଅଶ୍ୱିନ
ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 189 | ଭାଗ ୩୨ | ସଂଖ୍ୟା ୧୮୯ | Bhubaneswar | Saturday 28 September 2024 | Page 8 Rs. 4.00 | ଭୁବନେଶ୍ୱର | ଶନିବାର ୨୮ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଆଶିଷ ଘୋଷ

**ଭୁବନେଶ୍ୱର, ୨୭।୦୯(ସଂଚାର ବ୍ୟୁରୋ) :** ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ୨୦୨୪ ମସିହା ପାଇଁ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଁ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏହି ତାଲିକା ସମଗ୍ର ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ଗବେଷଣା ଏବଂ ନିବେଶରେ ଉତ୍କର୍ଷକୁ ଆଲୋକିତ କରିଥାଏ। ପ୍ରଫେସର ଘୋଷ ତାଙ୍କର ଉଲ୍ଲେଖନୀୟ ଗବେଷଣା କାର୍ଯ୍ୟ ଏବଂ ପ୍ରକାଶନକୁ ନେଇ ଏହା ହାସଲ କରିଛନ୍ତି । ତାଙ୍କର ଗବେଷଣାର ବିଷୟବର୍ଗ ହେଉଛି 'କୃତ୍ରିମ ବୁଦ୍ଧିମତା ଓ ଇମେଜ୍ ପ୍ରକ୍ରିୟାକରଣ।' ଗତ ସପ୍ତାହ



ଆରମ୍ଭରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ୨୨ଟି ବୈଜ୍ଞାନିକ କ୍ଷେତ୍ର ଓ ୧୭୪ଟି ଉପକ୍ଷେତ୍ର ନେଇ ଏହି ବିଶ୍ୱସ୍ତରୀୟ ତାଲିକା ପ୍ରସ୍ତୁତ କରିଛନ୍ତି । ଏଥିରେ ୨,୨୩,୨୫୨ ଜଣଙ୍କ ମଧ୍ୟରୁ ୨୦୨୩ ପାଇଁ ୫୩୫୨ ଜଣ ସ୍ଥାନ ପାଇଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଫେସର ଘୋଷ ମତାମତ ଦେଇଛନ୍ତି ଯେ 'ସେ ଏହି ସଫଳତା ପାଇଁ ଖୁସି ଯେ ତାଙ୍କ କାର୍ଯ୍ୟ ଗ୍ଲୋବାଲ ଫୋରମ୍‌ରେ ଅନ୍ତର୍ଭୁକ୍ତ ହୋଇଛି ।' ବାସ୍ତବରେ ସେ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତାର ଡୋମେନ୍ ବିସ୍ତୃତ ଓ ଟେକ୍‌ନୋଲୋଜି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ କରିବାରେ ଅନେକ ସମ୍ଭାବନା ପ୍ରଦାନ କରେ ।

### ଦୁଇ ଦିନିଆ ଜିଲ୍ଲାପାଳ ସମ୍ମିଳନୀ

# ମୋହନ ମନ୍ତ୍ର: ବାବୁ, ସାହେବ 'ଖୋଳପା'ରୁ ବାହାର

**ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** ଦୁର୍ନୀତି ଉପରେ ଶୂନ୍ୟ ସହନଶୀଳତା ଅବଲମ୍ବନ କର। ଜିଲ୍ଲା ସ୍ତରୀୟ ଅଫିସଗୁଡ଼ିକ ପରିଦର୍ଶନ କରି ଅନିୟମିତତା ଦେଖିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅ। ପୂର୍ବ ସରକାର ବେଳେ ହୋଇଥିବା ଦୁର୍ନୀତିର ତଦନ୍ତ କର ଏବଂ ଗଣମାଧ୍ୟମ, ସୋଶାଲ ମିଡିଆରେ ଆସୁଥିବା ଅଭିଯୋଗ ଉପରେ ଅନୁଧ୍ୟାନ କରି ପଦକ୍ଷେପ ନିଅ ବୋଲି ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପରାମର୍ଶ ଦେଇଛନ୍ତି।

ଶୁକ୍ରବାର ଲୋକସେବା ଭବନର କନ୍‌ଭେନସନ ହଲ୍‌ରେ ଅନୁଷ୍ଠିତ ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଧ୍ୟକ୍ଷତା କରି ଜନସାଧାରଣଙ୍କୁ ଠିକ୍ ସମୟରେ ଦୁର୍ନୀତିମୁକ୍ତ ସେବା ପ୍ରଦାନ, ଜନପ୍ରତିନିଧିଙ୍କୁ ସମ୍ମାନ, ୫-ଟି ସମେତ ପୂର୍ବ ସରକାର ସମୟରେ ହୋଇଥିବା ଦୁର୍ନୀତିର ତଦନ୍ତ ଆଦି ଉପରେ ପ୍ରାଧାନ୍ୟ ଦେଇଛନ୍ତି। ଏହାସହିତ ୫-ଟିକୁ କଟାକ୍ଷ କରିଛନ୍ତି। ଶ୍ରୀ ମାଝୀ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ନିଜ ଅନୁଭୂତି ଓ ଅଭିଜ୍ଞତାରୁ ପ୍ରଶାସନିକ

- ପୂର୍ବ ସରକାରଙ୍କ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ସଚେତନ କଲେ ମୁଖ୍ୟମନ୍ତ୍ରୀ
- ଅଫିସର ବଦଳିଲେ ସ୍ୱଚ୍ଛତା ଆସିବ
- ଗଣମାଧ୍ୟମରେ ଆସୁଥିବା ଅଭିଯୋଗର ଯାଞ୍ଚ କର
- ଦୁର୍ନୀତି ସହ ସାଲିସ କରାଯିବନି
- ପ୍ରତି ତିନି ମାସରେ ଯୋଜନାର ବ୍ଲକସ୍ତରୀୟ ସମୀକ୍ଷା କରିବାକୁ ପରାମର୍ଶ
- ଜିଲ୍ଲାପାଳମାନେ କ୍ଷେତ୍ର ପରିଦର୍ଶନ କରନ୍ତୁ



ସ୍ତରରେ ପୂର୍ବରୁ ହେଉଥିବା ଅନେକ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ମଧ୍ୟ ଜିଲ୍ଲାପାଳମାନଙ୍କୁ ସଚେତନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ସବୁ ଯୋଜନା ଠିକ୍ ସମୟରେ ଆରମ୍ଭ ହେବା ଓ ଠିକ୍ ସମୟରେ ଶେଷ ହେବା ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅନେକ ସମୟରେ ବିଳମ୍ବ ହେଉଛି। ଏହା ଦ୍ୱାରା ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହିତ ଅନିୟମିତତା, ଦୁର୍ନୀତି ଓ ପ୍ରକଳ୍ପ ଖର୍ଚ୍ଚ ମଧ୍ୟ ବଢୁଛି। ସବୁ ଯୋଜନା ଯେପରି ଠିକ୍ ସମୟରେ କାର୍ଯ୍ୟକାରୀ ହେବ, ଏଥିପାଇଁ ଜିଲ୍ଲାପାଳମାନେ ନିତି ଦିନିଆ ଭାବେ ନିଜ ନିଜ ଜିଲ୍ଲାରେ ଆର୍ଥିକ ତଥା ଫିଜିକାଲ ପ୍ରୋଗ୍ରେସ୍ ଉପରେ ଦୃଷ୍ଟି ରଖିବା ଆବଶ୍ୟକ। ଯୋଜନାର ବ୍ଲକୱାରୀ ତ୍ରୈମାସିକ ସମୀକ୍ଷା କରିବା ମଧ୍ୟ ଆବଶ୍ୟକ। ସରକାର ଯଦି ଟଙ୍କାଟିଏ ଲୋକଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି, ତାହା ସେମାନଙ୍କ ପାଇଁ ଟଙ୍କାଟିଏ ଆୟ। ତିନି ମାସ ମଧ୍ୟରେ ଗତ ସରକାର ସମୟରେ ହୋଇଥିବା ଅନେକ ଅନିୟମିତତା ବିଷୟରେ ଅବଗତ ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଅନୁଧ୍ୟାନ ସମୟରେ କିଛି ଅନିୟମିତତା ଦୃଷ୍ଟିକୁ ଆସିଲେ ସେ ସବୁକୁ ଯାଞ୍ଚ କରି ପୃଷ୍ଠା-୬





## ପୁଣି ରାସନକାର୍ଡରେ ଗହମ



**ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** ନୂଆ ସରକାରଙ୍କ ନୂଆ ପଦକ୍ଷେପ। ପୁଣି ରାସନକାର୍ଡରେ ମିଳିବ ଗହମ। ଅକ୍ଟୋବରରୁ ଏହି ସୁବିଧା ରାସନକାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଓଡ଼ିଶା ସମେତ ୯ ରାଜ୍ୟର ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ ପାଇବେ। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବ ସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ କହିଥିଲେ। କିନ୍ତୁ ଗହମ ଯୋଗାଇ ଦେବାକୁ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଷୀଙ୍କୁ ଅନୁରୋଧ କରାଯାଇଥିଲା। ସେ ଅନୁରୋଧ ରଖିଛନ୍ତି। ଏଣିକି ହିତାଧିକାରୀ ମୁଣ୍ଡ ପିଛା ଏକ ପଞ୍ଚମାଂଶ ଗହମ ମଳିବ। ଅର୍ଥାତ ଜଣେ ହିତାଧିକାରୀଙ୍କୁ ୨୦ ପ୍ରତିଶତ ଗହମ ମିଳିବ। ଜଣେ ହିତାଧିକାରୀ ୨୦ କେଜି ଚାଉଳ ସହ ୫କେଜି ଗହମ ନେଇ ପାରିବେ। ଯଦି ଜଣେ ହିତାଧିକାରୀ ଚାହିଁବେ ୧୫ କେଜି ଚାଉଳ ସହ ୧୦ କେଜି ଗହମ ମଧ୍ୟ ନେଇପାରିବେ।

ମନ୍ତ୍ରୀ କହିଛନ୍ତି, ଯେଉଁମାନେ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି ସେମାନଙ୍କର ଇ-କେୱାଇସି ଯାଞ୍ଚ ଚାଲିଛି। ଯାଞ୍ଚ ପରେ ସେମାନଙ୍କୁ ରାସନକାର୍ଡ ମିଳିବ। ଇ-କେୱାଇସି ଯାଞ୍ଚ ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅଧିକ ରହିଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟରେ ଏବେ ୩ କୋଟି ୨୬ ଲକ୍ଷ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବ ସରକାର ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ରାସନ କାର୍ଡ ହିତାଧିକାରୀଙ୍କୁ ସାଧାରଣବଣ୍ଟନ ବ୍ୟବସ୍ଥାରେ ଗହମ ଯୋଗାଣ ବନ୍ଦ କରି ଦେଇଥିଲେ। ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବେଳେ ନିଷ୍ପତ୍ତି ନେଇଥିଲେ।

## ଏସ୍ମାକୁ ନର୍ସିଂ କର୍ମଚାରୀଙ୍କ ବେଖାତିର

- ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ପ୍ରଭାବିତ
- କାର୍ଯ୍ୟରେ ଯୋଗଦେବା ଲାଗି ସରକାରଙ୍କ ଅନୁରୋଧ
- କ୍ୟାପିଟାଲ ହସ୍ପିଟାଲରେ ଆଉଟସୋର୍ସିଂର ସହାୟତା

**ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** ନର୍ସିଂ ଅଫିସର ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସାରା ରାଜ୍ୟରେ ରୋଗୀ ସେବା ପ୍ରଭାବିତ ହୋଇଛି। ଏସ୍ମାକୁ ନ ଡରି ଏବଂ ସରକାରଙ୍କ ନିବେଦନକୁ ଅଗ୍ରାହ୍ୟ କରି ନର୍ସିଂ କର୍ମଚାରୀମାନେ ଶୁକ୍ରବାର ଠାରୁ ଜରୁରୀକାଳୀନ ସେବାରୁ ଓହରି ସଂପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଦାବିଗୁଡ଼ିକ ଉପରେ ବିଚାର କରାଯିବା ଲାଗି ପଦକ୍ଷେପ ନିଆଯାଇଛି ଓ ହସ୍ପିଟାଲକୁ ଫେରି ରୋଗୀ ସେବା କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନୁରୋଧ କରିଛନ୍ତି।

ତିନି ଦିନରେ ପହଞ୍ଚିଛି ଓଡ଼ିଶା ନର୍ସିଂ କର୍ମଚାର ସଂଘର ଆନ୍ଦୋଳନ। ଗତ ୨ ଦିନ ଜରୁରୀକାଳୀନ ଚିକିତ୍ସାରେ ରହି ରୋଗୀଙ୍କୁ ସେବା ଯୋଗାଇ ଆସୁଥିବା ନର୍ସିଂ କର୍ମଚାରୀ ଆଜିଠାରୁ ଜରୁରୀକାଳୀନ ଚିକିତ୍ସାରୁ ଓହରି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଯାହାର ସିଧାସଳଖ ପ୍ରଭାବ ରୋଗୀ ସେବା ଉପରେ ପଡ଼ିଛି। ଆଇସିୟୁ, ଶିଶୁରୋଗ ବିଭାଗର ଏସ୍‌ଏନ୍‌ସିୟୁ, କାଜୁଆଲଟି, ଭେଣ୍ଟିଲିଟର ରହିଥିବା ୱାର୍ଡରେ ସ୍ୱାସ୍ଥ୍ୟସେବା ବେଶ ପ୍ରଭାବିତ ହୋଇଥିବା ଦେଖାଯାଇଛି।

କଟକର ଏସ୍‌ସିବି, ବ୍ରହ୍ମପୁରର ଏମ୍‌କେସିଜି, ବୁର୍ଲାସ୍ଥିତ ଭୀମସାର, କ୍ୟାପିଟାଲ ହସ୍ପିଟାଲ, କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ପୁରୀ ଆଦି ଜିଲ୍ଲାରେ ପୃଷ୍ଠା-୬

## ଶିକ୍ଷାବିତଙ୍କ ପରାମର୍ଶରେ ପ୍ରାଧ୍ୟାପକ ନିଯୁକ୍ତି



**ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧ୍ୟାପକ ପଦବୀ ତୁରନ୍ତ ପୂରଣ ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ବିଭିନ୍ନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଓ ୟୁଜିସି ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ସରକାର କିମ୍ବା ପ୍ରଶାସନ ନୁହେଁ ଶିକ୍ଷକ ନିଯୁକ୍ତିରେ ଜଣାଶୁଣା ଶିକ୍ଷାବିତମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଏମାନଙ୍କ ପରାମର୍ଶ ଅନୁଯାୟୀ ପ୍ରାଧ୍ୟାପକ ନିଯୁକ୍ତି କରାଯିବ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗଣମାଧ୍ୟମକୁ କହିଛନ୍ତି, ୨୦୨୦ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷକ ନିଯୁକ୍ତିରେ ସମସ୍ୟା ସୃଷ୍ଟି ହେଉଥିଲା। ଏ ସଂପର୍କରେ ବୈଠକରେ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ପୃଷ୍ଠା-୬

### କର୍ପୋରେସନ ବୈଠକ ପୂର୍ବରୁ ବିଜେଡି କର୍ପୋରେଟରଙ୍କ ମେଳି

## ଲିଟୁ, ବାଇଁଆଙ୍କୁ ବିରୋଧକରି ଅଧା ଆସିଲେନି !

**ଷଡ଼ଯନ୍ତ୍ର ପଛରେ କିଏ ?**

**ଗାଣିତିକ ତ୍ରୁଟି କହି ୬୪ଲକ୍ଷ ଛାଡ଼ି ଦେବାକୁ ମସୁଧା**

**ଭୁବନେଶ୍ୱର, ୨୭।୯(ଇମିସ):** ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ୪୫ ନମ୍ବର ୱାର୍ଡ କର୍ପୋରେଟର ଅମରେଶ ଜେନା (ବାଇଁଆ) ଅହି-ନକୁଳ ସମ୍ପର୍କ। ଗୋଟିଏ ଦଳରେ ଥିଲେଏ ମଧ୍ୟ ଗୋଡ଼ ଭିଡ଼ାଭିଡ଼ି। ଗତ ନିର୍ବାଚନ ସମୟରେ ମୁହାଁମୁହିଁ ସ୍ଥିତି।

ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର (ଲିଟୁ)ଙ୍କ ମଧ୍ୟରେ ଅନୁରୂପ ସମ୍ପର୍କ। ଛାଇ ପଡ଼ିଲେ ନାହି ଡିଏଁ। ଗତ ନିର୍ବାଚନରେ ଉଭୟଙ୍କ ବିରୋଧରେ ଉଭୟଙ୍କର ବୟାନବାଜି ଓ ନିର୍ବାଚନ ପରେ ବିଜେପି ନେତାଙ୍କ ସହ ଲିଟୁଙ୍କ ମଉଜ ମଜଲିସ ଉଭୟଙ୍କ କଳି ବାବଦରେ କାହାରିକୁ ଅଛପା ରଖିନାହିଁ। ତେବେ ଏହି ଘର କଳି ଯାଇ ଶଙ୍ଖ ଭବନରେ ପହଞ୍ଚିଛି। ସେଠାରେ ହରତାଳ ପାଇଁ ପ୍ରସ୍ତୁତି ବୈଠକରେ ଲିଟୁ ବାଇଁଆଙ୍କୁ ବିରୋଧ ହେବା ପରେ ଥାନାରେ ଗୋଟିଏ ପରେ ଗୋଟିଏ ଏତଲା ହେବା ବିଜେଡିର ଫାଟ ଚର୍ଚ୍ଚାକୁ ରୋଚକ କରିଛି। ଏତେ ପରେ ବି ବରିଷ୍ଠ ନେତା ହସ୍ତକ୍ଷେପ ନକରିବାରୁ ସ୍ଥିତି ଭୟଙ୍କର ଆଡ଼କୁ ଗତି କରିଛି। ଆଜି ବିଏମ୍‌ସିରେ ମାସିକ କର୍ପୋରେସନ ବୈଠକ ବସିଥିଲା। ଏହା ପୂର୍ବରୁ ଏକାମ୍ର ଓ ମଧ୍ୟ ନିର୍ବାଚନମଣ୍ଡଳୀର ବିଜେଡି କର୍ପୋରେଟର ଏକ ହୋଟେଲ୍‌ରେ ମେଳି କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ଲିଟୁ-ବାଇଁଆ ବୈଠକକୁ ଗଲେ ସେମାନେ ବୈଠକ ବର୍ଜନ କରିବାକୁ କୁଆଡ଼େ ପୂର୍ବତନ ମନ୍ତ୍ରୀ ଅଲିଖିତ ନିର୍ଦ୍ଦେଶ ଦେଇଥିଲେ। ଯୋଜନା ଥିଲା କୋରମ ଅଭାବରୁ ବୈଠକ ବାତିଲ ହେବ, ଫଳରେ ଲିଟୁ,ବାଇଁଆଙ୍କ ଉପରେ ହାଇକମାଣ୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୃଷ୍ଠା-୬

## ଅରୁଣ ଷଡ଼ଙ୍ଗୀ ଓପିଏସ୍‌ସି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ତଥା ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅରୁଣ ଷଡ଼ଙ୍ଗୀଙ୍କୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓପିଏସ୍‌ସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ୬ ବର୍ଷ ଅବା ତାଙ୍କୁ ୬୨ ବର୍ଷ ହେବା ପର୍ଯ୍ୟନ୍ତ, ପୃଷ୍ଠା-୬



## ଟ୍ରେଣ୍ଡିଂ ନ୍ୟୁଜ୍

- 'ମୁଡା'ଦୁର୍ନୀତି ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ତାଙ୍କ ପତ୍ନୀ ପାର୍ବତୀ, ଶଳା ମଲ୍ଲିକାର୍ଜୁନ ସ୍ୱାମୀ ଏବଂ ଜଣେ ଜମି ମାଲିକଙ୍କ ବିରୋଧରେ ଲୋକାୟୁକ୍ତଙ୍କ ପକ୍ଷରୁ ମାମଲା ରୁଜୁ।
- ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷ ଏବଂ ତାଲା ଥାନାର ପୂର୍ବତନ ଓଆଇସି ଅଭିଜିତ ମଣ୍ଡଳଙ୍କ ବିରୋଧରେ ଥିବା ଭିଯୋଗ ପ୍ରମାଣିତ ହେଲେ ଉଭୟଙ୍କୁ ମୃତ୍ୟୁଦଣ୍ଡ ମିଳିପାରେ ବୋଲି କୋଲକାତାର ସିବିଆଇ କୋର୍ଟ କହିଲେ।
- ଲଗାଣ ବର୍ଷା ଯୋଗୁ ଝରଣାରେ ପ୍ରଖର ସ୍ରୋତ ଆସିବାରୁ ପଞ୍ଚ ଲିଙ୍ଗେଶ୍ୱର ମନ୍ଦିରରେ ଦର୍ଶନ ବନ୍ଦ।
- ବଲିଉଡ୍ ଅଭିନେତା ସୈଫ ଅଲୀ ଖାନ ଇଣ୍ଡିଆ ଟୁଡେ କନକ୍ଲେଭରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସାହାସୀ ରାଜନେତା ଓ କିପରି ସମାଲୋଚନାକୁ ହ୍ୟାଣ୍ଡେଲ କରାଯାଏ ତାହା ଭଲଭାବେ ଜାଣିଛନ୍ତି ବୋଲି କହିଲେ।
- ଏଲ୍‌ଡିପି ନିର୍ବାଚନରେ ଶିଗେରୁ ଇଶିବା ବିଜୟୀ ହୋଇ ଫୁମିଓ କିସିଦାଙ୍କ ସ୍ଥାନରେ ଜାପାନର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ।
- ମୁଦ୍ରାସ୍ଫୀତି ହ୍ରାସ କାରଣରୁ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରିବା ସମ୍ଭାବନା
- ସୋସାଲ ମିଡିଆରେ ଆପତ୍ତି ଜନକ ପୋଷ୍ଟକୁ କେନ୍ଦ୍ରକରି ଭଦ୍ରକ ସନ୍ତିଆ ପୋଲ ନିକଟରେ ପୋଲିସ ଜନତା ମୁହାଁମୁହିଁ। ପୋଲିସର ଲାଠି ଚାର୍ଜ। ସନ୍ତିଆରେ ୧୬୩ ଧାରା ଜାରି।
- ପ୍ରାୟ ୩ ବର୍ଷ ହେଲା ଜୋମାଟୋର କାର୍ଯ୍ୟନିର୍ବାହୀ ଥିବା ତଥା ସହ ପ୍ରତିଷ୍ଠାତା ଅକ୍ରିତି ଚୋପ୍ରା ଇସ୍ତଫା ଦେଲେ।
- କେରଳରେ ମଙ୍କିପକ୍ସର ଦ୍ୱିତୀୟ ସଂକ୍ରମିତ ଚିହ୍ନଟ। ନିକଟରେ ଜଣେ ୨୯ ବର୍ଷୀୟ ଯୁବକ ୟୁଏଇରୁ କେରଳଫେରିଥିଲେ।

# ଶପଥ ନେଇ ନବୀନଙ୍କ ଛାୟା ମନ୍ତ୍ରିମଣ୍ଡଳ ଛୁ...

**ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** ଗତ ନିର୍ବାଚନରେ କ୍ଷମତାଚ୍ୟୁତ ହେବାପରେ ବିଜୁଜନତା ଦଳର ମୁଖିଆ ନବୀନ ପଟ୍ଟନାୟକ ଜୁଲାଇ ୧୭ ତାରିଖରେ ତାଙ୍କ ଦଳର ବିଧାୟକମାନଙ୍କୁ ନେଇ ଏକ ଛାୟା ମନ୍ତ୍ରିମଣ୍ଡଳ ଗଠନ କରିଥିଲେ। ଏହି ଅବସରରେ ବିଜେଡି କହିଥିଲା, ବିରୋଧୀ ଦଳ ହେଉଛି ଜନସାଧାରଣଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ। ବିଜେଡି ବିରୋଧୀ ଦଳଭାବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବ। ଏଥିପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦଳର ଦଳର ୫୦ ଜଣ ନିର୍ବାଚିତ ସଦସ୍ୟଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ପ୍ରଦାନ କରିଛନ୍ତି।

ଏହି ଛାୟା ମନ୍ତ୍ରିମଣ୍ଡଳ ଗଠନ ହେବାର ଇତିମଧ୍ୟରେ ଦୁଇମାସ ବିତିଗଲାଣି। ବିଭିନ୍ନ ବିଭାଗର ଦାୟିତ୍ୱ ପାଇଥିବା ବିଧାୟକମାନେ ଏବେ କେବଳ ନିଜ ଭାଗ୍ୟକୁ ନିନ୍ଦା କରିବାରେ ଲାଗିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏବେ ରାଜ୍ୟରେ ଯେଉଁସବୁ ଅନିୟମିତତା ଦେଖିବାକୁ ମିଳୁଛି,



ସେ ସବୁଥିରେ ବିଜେଡି ସରକାରର ହାତ ରହିଛି। ତେଣୁ ବିଜେଡି ବିଧାୟକମାନେ ଅନିୟମିତତା ସମ୍ପର୍କରେ କିଛି କହିବା ପରିବର୍ତ୍ତେ ଚୁପ୍ ରହିବାକୁ ଉଚିତ ମନେକରୁଥିବା ସାଧାରଣରେ ଆଲୋଚନା ହେଉଛି।

ଏବେ ସାରାଦେଶରେ ଭରତପୁର ଥାନାର କେଲେଙ୍କାରୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗୃହ ବିଭାଗ ଉପରେ ନଜର ରଖିବାକୁ ଦାୟିତ୍ୱ ମିଳିଥିବା ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ ଏହି ଥାନାର ପୂର୍ବତନ ଥାନା ଅଧିକାରୀ ଦିନକୃଷ୍ଣ ମିଶ୍ରଙ୍କ ସମ୍ପର୍କରେ ଚୁପ୍ ରହିଛନ୍ତି। କାରଣ ଦିନକୃଷ୍ଣଙ୍କ ସମେତ ଭୁବନେଶ୍ୱର ଡିସିପି, ପୁଲିସ କମିଶନର ବିଜେଡି ସରକାର ସମୟରେ ନିଯୁକ୍ତି ପାଇଥିଲେ। ତେଣୁ ସେମାନଙ୍କ ସମ୍ପର୍କରେ ବିଧାୟକ ପୂଜାରୀ ନୀରବ ରହିଥିବା ଆଲୋଚନା ହେଉଛି।

ଦ୍ୱିତୀୟ ସମସ୍ୟା ରାଜ୍ୟରେ ରାସ୍ତାଘାଟ ସବୁ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୂର୍ତ୍ତବିଭାଗ ଉପରେ ବିଭାଗ ଉପରେ ନଜର ରଖିବାକୁ ଦାୟିତ୍ୱ ମିଳିଛି ବିଧାୟକ ବ୍ୟୋମକେଶ ରାୟ ଓ ଅଭିମନ୍ୟୁ ସେଠୀଙ୍କୁ। ସେମାନେ ମଧ୍ୟ ଏନେଇ ଚୁପ୍ ରହିଛନ୍ତି। କାରଣ ବିଜେଡି ଶାସନ କାଳରେ ନିର୍ବାଚନ ପୂର୍ବରୁ ବ୍ୟାପକ ପିସି କାରବାର ହୋଇଥିବାରୁ ରାସ୍ତାଘାଟ ନିର୍ମାଣ ଓ ମରାମତି ନାମରେ ଦୁର୍ନୀତି ହୋଇଛି। ଯାହାଫଳରେ ଅନେକ ଯନ୍ତ୍ରୀ ଏବେ ଭିଜିଲାନ୍ସ ଜାଲରେ ପଡ଼ି ଛଟପଟ ହେଉଛନ୍ତି। ପିସି ନେଇଥିବା କୌଣସି ବିଜେଡି ନେତା ପିଠିରେ ପଡୁ ନାହାନ୍ତି।

ବିଧାୟକ ଗଣେଶ୍ୱର ବେହେରାଙ୍କୁ ମିଳିଛି ଖଣି ବିଭାଗ। ନିକଟରେ ଶେଷ ହୋଇଥିବା ବିଧାନସଭାର ତଥ୍ୟ ଅନୁସାରେ ରାଜ୍ୟର ୧୮୧ଟି ଖଣି ବର୍ଷ ବର୍ଷ ଧରି ବନ୍ଦ ରହିଛି। କିନ୍ତୁ ବିଜେଡି ସରକାର ସେହିସବୁ ଖଣିକୁ ସରକାର ନିଲାମ କରିବା ପରିବର୍ତ୍ତେ ସନ୍ ଆଲୟେଜ୍ ଆଣ୍ଡ ମିନେରାଲ୍ସ ଭଳି ଅନେକ ଖଣିକୁ ତରବରିଆ ଭାବରେ ନିର୍ବାଚନ ଘୋଷଣା ପୃଷ୍ଠା-୬

SANCHAR ସଂଚାର

### ବେଲପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

# ଆବେଦନକାରୀ ୱାର୍ଡ ସଭ୍ୟାଙ୍କ ଦସ୍ତଖତ ଯାଞ୍ଚ

**ରାଜନଗର, ୨୭।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ସରପଞ୍ଚଙ୍କ ବିରୁଦ୍ଧରେ ଆଜି ଅନସ୍ଥା ପ୍ରସ୍ତାବ ଆସିବା ପରେ ଆବେଦନକାରୀ ୱାର୍ଡ ସଭ୍ୟାସଭ୍ୟଙ୍କର ଦସ୍ତଖତ ଯାଞ୍ଚ କରାଯାଇଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ୮ଜଣ ୱାର୍ଡ ସଭ୍ୟା ସଭ୍ୟଙ୍କର ଦସ୍ତଖତ ତନଖି କରାଯାଇଛି। ସେମାନଙ୍କ ଆବେଦନ ପତ୍ରରେ କରିଥିବା ଦସ୍ତଖତ ଅସଲି କି ନକଲି ତାହା ଜାଣିବା ପାଇଁ ଆଜି ଉପଜିଲ୍ଲାପାଳଙ୍କ ସମ୍ମୁଖରେ ଦସ୍ତଖତ କରିଥିଲେ। ରାଜନଗର ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାଶ, ବେଲପାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କ ମେଳ ଖାଇବା ପରେ ଏବେ ଅନାସ୍ଥା ବୈଠକ ପାଇଁ ତାରିଖ ଧାର୍ଯ୍ୟ ହେବ। ଉପଜିଲ୍ଲାପାଳ ଅନାସ୍ଥା ବୈଠକ ପାଇଁ ତାରିଖ ଧାର୍ଯ୍ୟ କରି ଚିଠି କରିବା ପରେ ଅନାସ୍ଥା ବୈଠକ ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟରେ ବସିବ। ବେଲପାଳ ପଞ୍ଚାୟତର ୧୧ଜଣ ୱାର୍ଡସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୮ଜଣ ୱାର୍ଡସଭ୍ୟ ସଭ୍ୟା କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କୁ ଭେଟି ଅନାସ୍ଥା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ।

ବର୍ତ୍ତମାନର ସରପଞ୍ଚ ତିଲୋତମା ବରାଳ ଦୁର୍ନୀତି, ପଞ୍ଚାୟତରେ ଅନୁପସ୍ଥିତ ରହିବା ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୪ର ଉପଧାରା (୧) ଓ (୨) ଅନୁସାରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ପଞ୍ଚାୟତର ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡଙ୍କ ସଭାପତିତ୍ୱରେ ଚଳିତମାସ ୧୧ ତାରିଖ ଦିନ ଗାଁର ସିଦ୍ଧବାସୁଳାଇ ମନ୍ଦିର ପ୍ରାଙ୍ଗଣରେ ଜରୁରୀକାଳିନ ବୈଠକରେ ସର୍ବସମ୍ମତି କ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଛି। ବେଲପାଳ ଗ୍ରାମପଞ୍ଚାୟତର ୱାର୍ଡସଭ୍ୟ ସଭ୍ୟାମାନଙ୍କର ବିଶ୍ୱାସ ହରାଇଥିବା ସରପଞ୍ଚଙ୍କ ବିରୁଦ୍ଧରେ ଆଇନ ମୁତାବକ ବହିଷ୍କାର ନିମନ୍ତେ ଯେଉଁ ଅନାସ୍ଥା ପ୍ରସ୍ତାବ ଆସିଛି, ତାର ତାରିଖ ଧାର୍ଯ୍ୟ କରି ବିହୀତ କାର୍ଯ୍ୟାନୁଷ୍ଠାନ ନେବାକୁ ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡ, ନିରଞ୍ଜନ ଜେନା, ଗୀତାଞ୍ଜଳୀ ଥାଟୋଇ, ମମତା ମଞ୍ଜରୀ ସେଠୀ, ସଂଧ୍ୟାରାଣୀ ସ୍ୱାଇଁ, ମିନତୀ ପ୍ରଧାନ, କଳ୍ପତରୁ ସାହୁ, ରଙ୍ଗଲତା ଜେନା ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ସେମାନଙ୍କ ଅଭିଯୋଗ ମୁତାବକ ଦୀର୍ଘ ଅଢ଼େଇବର୍ଷ ହେଲା ସରପଞ୍ଚ ପଞ୍ଚାୟତରେ ଅନୁପସ୍ଥିତ ରହିବା ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ପଡ଼ି ରହିଛି। ସରପଞ୍ଚଙ୍କ ସ୍ୱାମୀ କିଛି ଅସାମାଜିକ ଓ ଖଳ ପ୍ରକୃତିର ଯୁବକମାନଙ୍କୁ ମଦ ମାଂସରେ ଆପ୍ୟାୟିତ କରି ନିର୍ବାଚିତ ସଭ୍ୟସଭ୍ୟାଙ୍କୁ ଗାଳି ଗୁଲଜ ସହିତ ମାରିଦେବାର ଧମକ ଦେଉଛନ୍ତି ଏବଂ ରେଜ୍ୟୁଲେସନରେ ନପଢ଼ି ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି। ସରପଞ୍ଚ ସ୍ୱାମୀଙ୍କ କଥା ଆମେ ଗ୍ରହଣ କରୁନଥିବାରୁ ଆମକୁ ମାସିକ ଭତା ଦେଉନାହାଁନ୍ତି। ସରପଞ୍ଚ କେନ୍ଦ୍ରାପଡ଼ାରେ ରହି ପିଲାଙ୍କୁ ପଢ଼ାଉଛନ୍ତି, ଗ୍ରାମ ପଞ୍ଚାୟତକୁ ଆଦୌ ଆସୁନାହାଁନ୍ତି। ଯାହାଦ୍ୱାରା ପଞ୍ଚାୟତରେ କାମ ନହୋଇ ପଡ଼ି ରହୁଛି। ଏହି ସବୁ ଦୁର୍ନୀତି, ବେଆଇନ, ଅବହେଳା କାରଣରୁ ସରପଞ୍ଚ ଆସ୍ଥା ହରାଇଛନ୍ତି। ତେଣୁ ତାଙ୍କୁ ଆଇନ ମୁତାବକ ବହିଷ୍କାର କରିବା ପାଇଁ ୱାର୍ଡସଭ୍ୟ ସଭ୍ୟାମାନେ ଦାବୀ କରିଛନ୍ତି।



**ଅଧିକାରୀଙ୍କ ପ୍ରତାରଣାର ଶିକାର ହେଲେ ଶିକ୍ଷୟିତ୍ରୀ**

## ହାଇକୋର୍ଟ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି

**ବାଲିପାଟଣା, ୨୭।୯ (ସଂଚାର ବ୍ୟୁରୋ):** ମିଛ ପ୍ରତିଶ୍ରୁତି ଦେଇ ଉପରିସ୍ଥ ଅଧିକାରୀ ଠକିଥିବା ଏକ ସଙ୍ଗିନ୍ ଅଭିଯୋଗ କରିଛନ୍ତି ସ୍କୁଲ୍ ଶିକ୍ଷୟିତ୍ରୀ । ଘଟଣା କ୍ରମରେ ବାଲିପାଟଣା ବ୍ଲକ୍ ଅଧିନ ଭଁଅରାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଛବରାଣୀ ନାୟକ ପୂର୍ବ ବର୍ଷ ଆପୋଷ ବୁଝାମଣାରେ ବଦଳି ପାଇଁ ଆପ୍ଲାଇ କରିଥିଲେ। କିନ୍ତୁ ଚଳିତ ବର୍ଷ ଜାନୁଆରୀ ମାସରେ ଏହି ଆପୋଷ ବୁଝାମଣା ବଦଳିକୁ ବାତିଲ୍ ପାଇଁ ବିଇଓ କାର୍ଯ୍ୟାଳୟରେ ଦରଖାସ୍ତ ଦେଇଥିଲେ। କିନ୍ତୁ ଗତ ଅଗଷ୍ଟ ମାସ ୨୯ ତାରିଖ ଦିନ ତାଙ୍କ ବଦଳି କରାଯାଇଥିବା ଜାଣିବାକୁ ପାଇଥିଲେ। ତେଣୁ ସେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏନେଇ ଅଭିଯୋଗ କରିଥିଲେ । ସାତ ଦିନ ମଧ୍ୟରେ ଏହାକୁ ସମାଧାନ କରିବାକୁ ଜିଲ୍ଲାପାଳ ଡିଇଓ ଖୋର୍ଦ୍ଧା ଅଫିସ୍‌କୁ ଚିଠି କରିଥିଲେ। ଚିଠି ପାଇବା ପରେ ଖୋର୍ଦ୍ଧା ଡିଇଓ ଦୁଇ ପକ୍ଷର ବିଇଓ, ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କୁ ଡକାଇ ତଦନ୍ତ କରି ମୌଖିକ ଭାବେ ଛବିରାଣୀଙ୍କୁ ଏହି ବଦଳି ବାତିଲ୍ କରିଦେବେ ବୋଲି ପ୍ରତିଶ୍ରୁତି ଦେଇ ନିଜ ନିଜ ସ୍କୁଲ୍‌କୁ ଫେରିଯିବାକୁ କହିଥିଲେ । କିନ୍ତୁ ଚଳିତ ୨୬ ତାରିଖ ଦିନ ବାଲିପାଟଣା ବିଇଓ ଶିକ୍ଷୟିତ୍ରୀ ଛବିରାଣୀଙ୍କୁ ବଦଳି ପାଇଁ ଚିଠି କରିଥିଲେ। ଏଥିରେ ମର୍ମାହତ ହୋଇ ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଏହା ସହିତ ସେ ଏହି ନିଷ୍ପତ୍ତି ବିରୁଦ୍ଧରେ ହାଇକୋର୍ଟର ଆଶ୍ରୟ ନେବେ ବୋଲି କହିଛନ୍ତି । ଅନ୍ୟପଟେ ଏହା ବିଷୟରେ ବାଲିପାଟଣା ବିଇଓଙ୍କୁ ପଚାରିବାରୁ କହିଛନ୍ତି ଯେହେତୁ ଏହା ଡିଇଓଙ୍କ ନିର୍ଦ୍ଦେଶ ତେଣୁ ସେ ବଦଳି ନିର୍ଦ୍ଦେଶ କରିଛନ୍ତି।

## ହଷ୍ଟେଲରୁ ଛାତ୍ରୀଙ୍କ ଶବ ଉଦ୍ଧାର

**ବ୍ରହ୍ମପୁର, ୨୭।୯ (ସଂଚାର ବ୍ୟୁରୋ):** ଗୋପାଳପୁର ଥାନା ଅନ୍ତର୍ଗତ ଖଡାସିଂ ସ୍ଥିତ ଏକ ହଷ୍ଟେଲରୁ ଶବ ଉଦ୍ଧାର ହୋଇଛି । ରୋଲାଣ୍ଡ ଫାର୍ମାସୀ କଲେଜ୍ ହଷ୍ଟେଲରେ ଏହି ଘଟଣା ଘଟିଥିବା କଲେଜରୁ ସୂଚନା ମିଳିଛି। ରିତୁପୂର୍ଣ୍ଣାର ଶବ ଜବତ ହୋଇଛି । ଆତ୍ମହତ୍ୟା ସନ୍ଦେହ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଉଛି । ଶବ ବ୍ୟବଚ୍ଛେଦ କରାଯାଇଛି । ରିପୋର୍ଟ ଫେରିବା ପରେ ଘଟଣା ଦିଗରେ ଆହୁରି ସଠିକ ଜଣାଯିବ । ଗତକାଲି ରାତିରେ ଏହି ଘଟଣା ଘଟିଥିବା ବେଳେ ପୋଲିସର ତନାଘନା ଚାଲିଛି। ସେ ଡିପ୍ଲୋମା ଫାର୍ମାସୀ ୨ୟ ବର୍ଷରେ ଅଧ୍ୟୟନ କରୁଥିବା ପୋଲିସ କହିଛି। ପୁରୀ ଜିଲ୍ଲା କୃଷ୍ଣ ପ୍ରସାଦ ତାଙ୍କର ଗ୍ରାମ। କୁଆଡେ ପ୍ରେମ ଘଟଣାକୁ ନେଇ ଏହା ଘଟିଥିବା ଆଲୋଚନା ଚାଲିଛି । ସେ ରହୁଥିବା ରୁମ୍ ରେ ଅନ୍ୟ ୨ଜଣ ବାହାରକୁ ଯାଇଥିଲେ । ରିତୁ ଗତ କାଲି ଏକା ଥିଲେ । ରାତିରେ ତାଙ୍କ ନିକଟକୁ ଫୋନ୍ ଆସିଥିଲା । ପରେ ସେ ଆଉ ଫୋନ୍ ଉଠାଇନଥିଲେ । ୱାର୍ଡେନଙ୍କ ନିକଟକୁ ଫୋନ୍ ଆସିବା ପରେ ଘଟଣା ଜଣାଯାଇଛି । କଲେଜର ଜଣେ ଉଚ୍ଚ ଅଧିକାରୀଙ୍କ ନିକଟରୁ ଏହା ଜାଣିବାକୁ ମିଳିଛି । କଲେଜ ଏ ଦିଗରେ ପୋଲିସକୁ ଜଣାଇଥିଲେ ।

## ଚାଷୀ ପଞ୍ଜୀକରଣ ସଚେତନତା ଶିବିର

**ବାଲିଅନ୍ତା, ୨୭।୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ପଞ୍ଚାୟତରେ ଥିବା କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଓ ରାଜସ୍ୱ ବିଭାଗର ମିଳିତ ଆନୁକୂଲ୍ୟରେ ଚାଷୀ ପଞ୍ଜିକରଣ ସଚେତନତା ଶିବିର କୃଷି ଜିଲ୍ଲା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭିଙ୍ଗାରପୁର ଓ ବଇଁଚୁଆ ପଞ୍ଚାୟତ ରୁ ଆସିଥିବା ୩୦ ଜଣ ଚାଷୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଡ.ପ୍ରଦୀପ କୁମାର ପଣ୍ଡା, ରାଜସ୍ୱ ବିଭାଗର ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ, ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା, ସହକାରୀ ନିର୍ଦ୍ଦେଶକ ସାରଦା ପ୍ରସନ୍ନ କର ଓ ପିୟୁସ ବଲ୍ଲଭ ପରିଡ଼ା ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ ଏବଂ ବ୍ଲକ୍ କୃଷି ଅଧିକାରୀ ସ୍ଥିତପ୍ରଜ୍ଞା ଖମାରୀ ଉପସ୍ଥିତ ଥିଲେ।

## ଗୁଲନଗର ପଞ୍ଚାୟତରେ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ୨୭।୯ (ସଂଚାର ବ୍ୟୁରୋ):** ବର୍ତ୍ତମାନ ବରିଷ୍ଠ ନାଗରିକ ହେଉ କିମ୍ବା ସାଧାରଣ ଲୋକମାନେ ହୁଅନ୍ତୁ ବିଭିନ୍ନ ପ୍ରକାର ରୋଗରେ ପୀଡିତ ହେଉଛନ୍ତି। ବିଷେଶ କରି ପିଠି ଓ ଅଣ୍ଟା ଯନ୍ତ୍ରଣା, ମାଂସପେଶୀଜନିତ ଯନ୍ତ୍ରଣା, ସ୍ନାୟୁଗତ ସମସ୍ୟା, ପକ୍ଷଘାତ, ଗଣ୍ଠି ବ୍ୟଥା କିମ୍ବା ଲିଗାମେଣ୍ଟ ସମସ୍ୟା ଦେଖାଯାଉଛି। ଏହାକୁ ଲକ୍ଷ୍ୟକରି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ରାମନଗର ପାଟଣା ଠାରେ ନିୟୁ ହୋପ ଫିଜିଓ ଥେରାପି କେନ୍ଦ୍ର ଡା. ପ୍ରତାପ ରଞ୍ଜନ ନାୟକଙ୍କ ଉଦ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଫିତା କାଟି ଉଦ୍‌ଘାଟନ କରିଛନ୍ତି।

ଡା. ନାୟକ କହିଛନ୍ତି ଯେ ମୁଁ ଗ୍ରାମାଞ୍ଚଳ ଲୋକଙ୍କ ସେବା ପାଇଁ ଫିଜିଓଥେରାପି ଡାକ୍ତର ହୋଇଛି। ଆଖପାଖ ଅଞ୍ଚଳରେ ଏହି ସୁବିଧା ମିଳୁନାହିଁ। ତେଣୁ ମୋର ନିଜ ଗୁଲନଗର ପଞ୍ଚାୟତରେ ଏହାକୁ ଖୋଲିଛି। ଏହି ସପ୍ତାହରେ ସମସ୍ତଙ୍କ ପାଇଁ ମାଗଣାରେ ଚିକିତ୍ସା କରାଯିବ ଓ ଏହା ପରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଗରିବ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଚିକିତ୍ସା କରାଯିବ। ଏହା ସବୁଦିନ ସକାଳ ସମୟ ୬ଟା୩୦ରୁ ୯.୩୦ ଓ ସନ୍ଧ୍ୟା ୬.୩୦ରୁ ୮.୩୦ ମଧ୍ୟରେ ଚିକିତ୍ସା କରାଯିବ। ଆଜି ପ୍ରଥମେ ବିଧାୟକ ଶ୍ରୀ ବେହେରାଙ୍କ ମେରୁଦଣ୍ଡ ଯନ୍ତ୍ରଣା ହେଉଥିବାରୁ ଚିକିତ୍ସା କରାଯାଇଥିଲା। ଏହି କେନ୍ଦ୍ର ଉଦ୍‌ଘାଟନ ସମୟରେ କେନ୍ଦ୍ରାପଡ଼ା କଲେଜର ପୂର୍ବତନ ପ୍ରଫେସର ପଦ୍ମଚରଣ ସାମନ୍ତରାୟ, ଗୁଲନଗର ପଞ୍ଚାୟତର



ପୂର୍ବତନ ସରପଞ୍ଚ ପିତବାସ ବେହେରା, ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନଳିନୀକାନ୍ତ ସାହୁ, ଜ୍ଞାନ ରଞ୍ଜନ ନାୟକ, ଗଣେଶ୍ୱର ସାହୁ ସହଯୋଗ କରିଥିଲେ।

## ସର୍ବୋଚ୍ଚ ନ୍ୟାୟାଳୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ମାମଲା ଖାରଜ

**ଖଣ୍ଡପଡ଼ା, ୨୭।୯ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡା, ସାଥୀ ଜ୍ୟୋତି ରଞ୍ଜନ ପଣ୍ଡା ଓ ଯୋଗେନ୍ଦ୍ର କୁମାର ସ୍ୱାଇଁ ଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ କରିଥିବା ଆବେଦନ ମଙ୍ଗଳବାର ଦିନ ଖାରଜ ହୋଇଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ବିଚାରପତି ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ପ୍ରସନ୍ନ ବି. ବାର୍ଲେ ମଙ୍ଗଳବାର ଦିନ ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଆବେଦନ କରିଥିବା କେସ ନଂ ୯୫୪୮/୨୩ ର ରାୟ ଶୁଣାଣି କରିଥିଲେ। ବିଚାରପତି ମାନେ ତାଙ୍କର ଚୁଡାନ୍ତ ରାୟ ରେ ଶ୍ରୀ ପରିଡ଼ା ଓ ତାଙ୍କର ଦୁଇ ସାଥୀ ମାନଙ୍କ ବିରୁଦ୍ଧରେ କରିଥିବା ଆବେଦନକୁ ଭିତ୍ତିହୀନ ବୋଲି ଦର୍ଶାଇବା ସହ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିକୁ କାୟମ ରଖିବା ସହ ଉକ୍ତ ମାମଲାକୁ ଖାରଜ କରିଥିଲେ। ପୂର୍ବରୁ, ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଉକ୍ତ ମାମଲାରେ ଗୟାଧର ଓ ତାଙ୍କର ଦୁଇ ଜଣ ସାଥୀଙ୍କୁ ଜାମିନୀ ମିଳିଥିଲା । ମାତ୍ର , ଶ୍ରୀମତି ବେହେରା ଏହାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ନ୍ୟାୟାଳୟରେ ଗତ ବର୍ଷ ଅଗଷ୍ଟ ମାସ ୭ତାରିଖରେ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ମଙ୍ଗଳବାର ଦିନ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିବା ମାମଲାଟି ଖାରଜ ହୋଇଥିଲା।

### ସରକାରୀ କର୍ମଚାରୀଙ୍କ ପରକୀୟା ପ୍ରୀତି

# କେନ୍ଦ୍ରାପଡ଼ାରୁ ରାଜନଗର ବଦଳି ହେଲେ କର୍ମଚାରୀ

**କେନ୍ଦ୍ରାପଡ଼ା, ୨୭।୯ (ସଂଚାର ବ୍ୟୁରୋ):** ପରକୀୟା ପ୍ରୀତିରେ ଜଡ଼ିତ ଥିବା ଦୁଇ ସରକାରୀ କର୍ମଚାରୀ ପ୍ରେମିକା ଏବଂ ପ୍ରେମିକା ଗୁରୁବାର ଦିନ ଗୁଲନଗର ଦଣ୍ଡାମୁଣ୍ଡ ଛକରେ ହାତାହାତି ଘଟଣାକୁ ନେଇ ଶୁକ୍ରବାର ଜଣେ କର୍ମଚାରୀଙ୍କୁ କେନ୍ଦ୍ରାପଡାରୁ ରାଜନଗର ତହସିଲକୁ ବଦଳି କରାଯାଇଛି । ଏହାକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି ହୋଇଛି।

ଦୁଇ ତହସିଲ କର୍ମଚାରୀଙ୍କ ମଧ୍ୟରେ ଚୋରା ପ୍ରେମ ଚାଲିଥିଲା । ହେଲେ କୌଣସି କାରଣକୁ ନେଇ ମହିଳା ଜଣଙ୍କ ପୁରୁଷ ବନ୍ଧୁଙ୍କ ଠାରୁ ଦୂରତ୍ୱ ରକ୍ଷା କରୁଥିଲେ । କିନ୍ତୁ ଏଥିରେ ପୁରୁଷ ବନ୍ଧୁ ଜଣଙ୍କ ଅତିଷ୍ଟ ହୋଇପଡିଥିଲେ। ଏହାର କାରଣ ଥିଲା ଦୀର୍ଘ ଦୁଇ ବର୍ଷ ଧରି ଉଭୟଙ୍କ ମଧ୍ୟରେ ଯେଉଁ ଗୋପନ ପ୍ରେମ ଚାଲିଥିଲା ସେହି ସମୟରେ ପୁରୁଷ ବନ୍ଧୁ ଜଣଙ୍କ ଅନେକ ଉପହାର ମହିଳାଙ୍କୁ ଦେଇଥିଲେ । ଏପରିକି ମହିଳା ଜଣଙ୍କ ଗରାପୁରରେ ଯେଉଁ ଆଲିସାନ ବଙ୍ଗଳା କରିଛନ୍ତି ସେଥିରେ ପୁରୁଷ ବନ୍ଧୁଙ୍କ ଅର୍ଥ ଲାଗିଛି । କିନ୍ତୁ କିଛିଦିନ ହେବ ମହିଳା ଜଣଙ୍କ ପୁରୁଷ ବନ୍ଧୁଙ୍କ ଠାରୁ ଦୂରତ୍ୱ ରକ୍ଷା କରୁଥିବାରୁ ପୁରୁଷ ବନ୍ଧୁ ଏଥିରେ କ୍ଷୁବ୍ଧ ହୋଇଥିଲେ । ତେଣୁ ରାଗ ସୁଝାଇବା ପାଇଁ ସେ ମଉକା ଖୋଜୁଥିଲେ । ଗୁରୁବାର ସନ୍ଧ୍ୟାରେ ମହିଳା ଜଣଙ୍କ ତହସିଲ କାର୍ଯ୍ୟାଳୟରୁ ଗରାପୁରସ୍ଥିତ ନିଜ ଆଲିସାନ ବଙ୍ଗଳାକୁ ଯାଉଥିବା ବେଳେ ତାଙ୍କୁ ପୁରୁଷ ବନ୍ଧୁ ଅନୁସରଣ କରିଥିଲେ। ଦଣ୍ଡାମୁଣ୍ଡ ଛକରେ ମହିଳାଙ୍କ ସ୍କୁଟିକୁ ସାଇଡ ମାରିଥିଲେ । ଫଳରେ ମହିଳା ଜଣଙ୍କ ତଳେ ପଡି ଆହତ ହୋଇଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ହାତାହାତି ବା ଗଡ଼ାପଡ଼ା ହୋଇଥିଲା ।

ତେବେ ଦୁଇଜଣ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କୁ କାହିଁକି ବଦଳି କରାଗଲା ଓ ଅନ୍ୟ ଜଣଙ୍କୁ କାହିଁକି ଓ କେଉଁ କାରଣରୁ ସୁରକ୍ଷା ଦିଆଗଲା ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ଙ୍କ ଦାୟୀତ୍ୱରେ ଥିବା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସେ ଏହି ବଦଳି କରିଛନ୍ତି । ଯଦି ଗ୍ରୁପ- ସି ଚାକିରୀ କରିଥିବା ଜଣେ କର୍ମଚାରୀ ଆଲିସାନ ବଙ୍ଗଳା କରିଛନ୍ତି ତାହାର ତଦନ୍ତ ହେବ ।

# ମୁଖ୍ୟ ଚିକିତ୍ସାଳୟରେ ମହିଳା କର୍ମଚାରୀ ଅସୁରକ୍ଷିତ

**◆ ଫାଣ୍ଡିରେ ତାଲା, କର୍ମଚାରୀଙ୍କ ଦେଖାନାହିଁ ◆ ଏସ୍‌ପି ଦୃଷ୍ଟି ଦେବାକୁ ମହିଳାଙ୍କ ଦାବି**

**ଜଗତସିଂହପୁର, ୨୭।୯ (ସଂଚାର ବ୍ୟୁରୋ):** ନିକଟରେ କୋଲକତାରେ ଜଣେ ଟ୍ରେନିଂ ମହିଳା ଡାକ୍ତରଙ୍କୁ ମେଡ଼ିକାଲରେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ସାରା ରାଜ୍ୟରେ ରାତ୍ରିକାଳୀନ ଡ୍ୟୁଟିରେ ଥିବା ମହିଳା କର୍ମଚାରୀଙ୍କୁ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାତି ଡ୍ୟୁଟିରେ ଥିବା ୭୦ ଶତପ୍ରତିଶତ ମହିଳା କର୍ମଚାରୀଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଦାୟିତ୍ୱ ପୂରା ଢ଼ିଲା ଥିବା ଦେଖିବାକୁ ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଥିବା ପୋଲିସ ଫାଣ୍ଡିରେ କନେଷ୍ଟବଳ ଯିବା ପରେ ରାତ୍ରିକାଳୀନ କେହି ନାହାନ୍ତି ଦିନରେ ଜଣେ ହୋମଗାର୍ଡ କେତେ ବେଳେ ଆସନ୍ତି, ଯାଆନ୍ତି କେହି କର୍ମଚାରୀ ଜାଣନ୍ତି ନାହିଁ। ସେହିପରି ଆବଶ୍ୟକ ସୁରକ୍ଷା କର୍ମୀ ନଥିବାରୁ ଡ୍ୟୁଟିରେ ଥିବା ମହିଳା ଡାକ୍ତର, ନର୍ସମାନେ ନିଜକୁ ଅସୁରକ୍ଷିତ ବୋଲି ଅଭିଯୋଗ ଆଣିଛନ୍ତି । ଏଥିରୁ



ସ୍ପଷ୍ଟ ଜଣାପଡୁଛି ପୋଲିସ ପ୍ରଶାସନ ମହିଳାଙ୍କ ପ୍ରତି କେତେ ସୁରକ୍ଷା ଦେଉଛନ୍ତି।

ସୂଚନା ଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ଥିବା ପୋଲିସ ଫାଣ୍ଡିରେ କାର୍ଯ୍ୟରତ ଥିବା କନେଷ୍ଟବଳ ତାଙ୍କ ପତ୍ନୀଙ୍କ ମଧ୍ୟରେ ପାରିବାରିକ ବିବାଦ ନେଇ ଜଗତସିଂହପୁର ଥାନା ଏତଲା ଦେଇଥିଲେ। ପତ୍ନୀଙ୍କ ଅଭିଯୋଗ ପରେ କାର୍ଯ୍ୟନୁଷ୍ଠାନ ନହେବାରୁ ଏସପିଙ୍କ ନିକଟରେ ପତ୍ନୀ ସ୍ୱାମୀଙ୍କ ବିରୋଧ ବାରମ୍ବାର ଚାପ ପକାଇବାରୁ ଏସପି କୁଜଙ୍ଗ ଥାନାକୁ ବଦଳି କରିଥିଲେ। ପରେ କୌଣସି କାରଣ ଯୋଗୁ କାର୍ଯ୍ୟରେ କେନେଷ୍ଟବଳ ଯୋଗଦେବାରେ ବିଳମ୍ବ କରିବାରୁ ଶେଷରେ ଏସପିଙ୍କ ନିର୍ଦ୍ଦେଶରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ତରବରିଆ ବଦଳି ଓ ନିଲମ୍ବିତ କରାଯିବା ଘଟଣାକୁ ନେଇ ଉକ୍ତ କନେଷ୍ଟବଳ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ପରେ ନିଲମ୍ବିତ ପ୍ରତ୍ୟାହାର କରାଯାଇ ଅଭୟଚାନ୍ଦପୁର ଥାନାକୁ ବଦଳି କରାଯାଇଛି। ଏହି ବଦଳିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ, ସାଧାରଣ ଜନତା ବିରୋଧ କରୁଛନ୍ତି । ତେବେ ଏହି ଘଟଣାର ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ କରି ପୂର୍ବତନ ଫାଣ୍ଡି ଦାୟିତ୍ୱରେ ଥିବା କନେଷ୍ଟବଳ ବଦଳି ବାତିଲ କରିବା ସହିତ ପୂର୍ଣ୍ଣବାର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରାଇ ଆଣିବା ସହ ଏଥିପ୍ରତି ଜିଲ୍ଲା ଏସପି ଦୃଷ୍ଟି ଦେବା ସହ ମେଡ଼ିକାଲ ଫାଣ୍ଡିରେ ପୂର୍ବତନ କନେଷ୍ଟବଳକୁ ନିଯୁକ୍ତି ଦିଆଯାଉ ବୋଲି ବୁଦ୍ଧିଜୀବି ଓ ଅଞ୍ଚଳବାସୀ ଦାବୀ କରିଛନ୍ତି ।




## ପଦ ହରାଇଲେ ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା

**ଖଣ୍ଡପଡା, ୨୭।୯ (ସଂଚାର ବ୍ୟୁରୋ):** ଏନଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଆଜି ଅନାସ୍ଥା ଭୋଟ ଅନୁଷ୍ଠିତ ହେବା ନେଇ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଗତକାଲି ଠାରୁ ପ୍ରସ୍ତୁତି ସାରିଥିଲା ଜିଲ୍ଲା ପ୍ରଶାସନ। ଏଥିନିମନ୍ତେ ଆଜି ସକାଳ ୬ରୁ ଆସନ୍ତାକାଲି ସକାଳ ୬ ପର୍ଯ୍ୟନ୍ତ ଏନଏସି କାର୍ଯ୍ୟାଳୟର ୨ ଶହ ମିଟର ପରିସୀମାରେ ବିଏନଏସଏସ ଧାରା ୧୬୩ ଲଗାଇଥିଲା ଜିଲ୍ଲା ପ୍ରଶାସନ। ତଦନୁଯାୟୀ ଆଜି ପୂର୍ବାହ୍ନ ୧୧ ଟାରେ ବିଜେଡି ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ମିହିର କୁମାର ମିଶ୍ରଙ୍କ ସମେତ ମୋଟ ୯ଜଣ କାଉନସିଲର ଏନଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେହିପରି ଅଧ୍ୟକ୍ଷାଙ୍କ ଶିବିରରୁ ଜଣେ କାଉନସିଲର ଦିଗାମ୍ବର ମିଶ୍ର ପହଞ୍ଚିଥିବା ବେଳେ ବିଜେପି ଜିଲ୍ଲା ସଭାପତି ତାପସ ରଞ୍ଜନ ମାର୍ଥା ମଧ୍ୟ ଦଳୀୟ ଏଜେଣ୍ଟ ଭାବେ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ। ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ବୈଠକ ତଥା ନିର୍ବାଚନ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ସମର୍ଥିତ ସମସ୍ତ ୯ କାଉନସିଲର ଅଧ୍ୟକ୍ଷାଙ୍କ ବିରୋଧରେ ଭୋଟ ଦେଇଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ଶ୍ରୀ ସମାଦାର ଫଳାଫଳ ଘୋଷଣା କରିନଥିବା ବେଳେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ ଏହାକୁ ସ୍ଥଗିତ ରଖାଯାଇଥିବା ପ୍ରତିକ୍ରିୟା ଦେଇଛନ୍ତି। ବିଧିବଦ୍ଧ ଭାବେ ଫଳ ଘୋଷଣା କରାଯାଇନଥିବା ବେଳେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ତଥା କୋର୍ଟକୁ ଜଣାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଉପାଧ୍ୟକ୍ଷ ଶ୍ରୀ ମିଶ୍ର ଭୋଟିଂ ସହ ଗଣତି ଓ ରେଜିଷ୍ଟରରେ ଏହାକୁ ଲିପିବଦ୍ଧ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଏଥିସହିତ ଧର୍ମର ଜୟ ହୋଇଥିବା ଏବଂ ଖୁବଶୀଘ୍ର ବିଜୟ ଫଳାଫଳ ସମ୍ପର୍କିତ ଚିଠି ମିଳିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏନଏସି ଅଧ୍ୟକ୍ଷା ଆରତି ପ୍ରଧାନ କାଉନସିଲରମାନଙ୍କୁ ଅଣଦେଖା କରିବା ସହ ବିଭିନ୍ନ ଅନିୟମିତତା କରୁଥିବା ଅଭିଯୋଗରେ ଅନାସ୍ଥା ପ୍ରସ୍ତାବ ପାଇଁ ଗତ ଅଗଷ୍ଟ ୧ ତାରିଖରେ ନୟାଗଡ ଜିଲ୍ଲାପାଳଙ୍କ ପାଖରେ ଫେରାଦ ହୋଇଥିଲେ ଏନଏସି ଉପାଧ୍ୟକ୍ଷ ମିହିର ମିଶ୍ରଙ୍କ ନେତୃତ୍ୱରେ ୮ ଜଣ କାଉନସିଲର।

## ଲଗାଣ ବର୍ଷାରେ ଭାଙ୍ଗିଲା କଚାଘର, ସହାୟତା ଦାବି

**ବାଲିଚନ୍ଦ୍ରପୁର, ୨୭।୯ (ସଂଚାର ବ୍ୟୁରୋ):** ଲଘୁଚାପ ଜନୀତ ଲଗାଣ ବର୍ଷାରେ ତିନି ଦିନ ହେବ ବାଲିଚନ୍ଦ୍ରପୁର ଅଞ୍ଚଳରେ ବ୍ୟାପକ ବର୍ଷା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦୋକାନ ବଜାର ରାସ୍ତାଘାଟ ଶୁନସାନ ରହୁଛି। ଗ୍ରାମାଞ୍ଚଳରେ ବର୍ଷା କାରଣରୁ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ କେତେକଙ୍କ ଘରେ ପାଣି ପସିଯିବା ସହ ରାସ୍ତାଘାଟ ବୁଡ଼ିରହିଥିବା ପରିଲକ୍ଷିତ ହୋଇଛି। ଏପରିଅବସ୍ଥା ଦେଖିବାକୁ ମିଳୁଛି ନଳୀପୁର ଓ ଚାରିନଙ୍ଗଳ ପଞ୍ଚାୟତରେ। ବିଶେଷ କରି ଚାରିନଙ୍ଗଳ ବଜାର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଥିବା ବେଳେ ଏହି ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ନଳୀପୁର ପଞ୍ଚାୟତର ୯ ଗୋଟି ୱାର୍ଡ଼ ଜଳମଗ୍ନ ହୋଇରହୁଛି। ଏପରିକି ଲଗାଣ ବର୍ଷାରେ ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ଗ୍ରାମରେ ଏକ ବିରାଟ ଚାଳଛପର ଖଞ୍ଜାଘରଟି ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ବେଳେ ଆଉ ଏକ ଘର ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ଘର ଗୁଡ଼ିକ ହେଉଛି ସଞ୍ଜୟ କୁମାର ସାମଲ, ଶାନ୍ତିଲତା ସାମଲ ଓ ଅକ୍ଷୟ କୁମାର ସାମଲଙ୍କର, ଅଧାଭଙ୍ଗା ଘର ହେଉଛି ସୁଧାଂଶୁ ସାମଲ ଓ କନକଲତା ସାମଲଙ୍କର। ସେହିପରି ନଳୀପୁର ପଞ୍ଚାୟତ ୮ ନମ୍ବର ୱାର୍ଡ଼ ସେକ୍ ମହଲା ଗ୍ରାମର ସେକ୍ ଫାରୁକ୍ କାସିବ୍‌ଙ୍କ ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏହି ଅଞ୍ଚଳ ଗୁଡ଼ିକ ଦର୍ପଣ ତହସିଲ ଅନ୍ତର୍ଗତ ବାଲିଚନ୍ଦ୍ରପୁର ରାଜସ୍ୱ ନିରିକ୍ଷକଙ୍କ ଅଧିନରେ ରହିଛି। ତହସିଲ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଉଭୟ ପଞ୍ଚାୟତବାସୀ ଦାବୀ କରିଛନ୍ତି।



**ତୁଳସୀକ୍ଷେତ୍ର ପ୍ରଭୁ ସିଦ୍ଧ ବଳଦେବଜୀଉ ମନ୍ଦିର**

# ବ୍ୟବହୃତ ଘିଅ ଏବଂ ପ୍ରସାଦର ମାନକୁ ନେଇ ସନ୍ଦେହ

**କେନ୍ଦ୍ରାପଡ଼ା, ୨୭।୯ (ସଂଚାର ବ୍ୟୁରୋ):** ସାଧାରଣତଃ ମନ୍ଦିରଗୁଡ଼ିକରେ ତିଆରି କରାଯାଉଥିବା ରନ୍ଧାଭୋଗରେ ଘିଅ ବ୍ୟବହାର କରାଯାଇଥାଏ । କେବଳ ସେତିକି ନୁହେଁ, ଚୁଡାଘଷା ଠାରୁ ଆରମ୍ଭ କରି ଅନ୍ୟ ଶୁଖିଲା ଭୋଗଗୁଡ଼ିକ ମଧ୍ୟ ଘିଅରେ ହୋଇଥାଏ । ଏହି ଘିଅ ସବୁ ଖାଣ୍ଟି ଗାଈଘିଅ କି ନୁହେଁ ତାହା ପରଖାଯିବାର ଆବଶ୍ୟକତା ରହିଛି । କେବଳ ସେତିକି ନୁହେଁ, ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କୁ ଯେଉଁ ଦୀପ ବିକ୍ରୟ କରାଯାଇଥାଏ ସେଗୁଡ଼ିକରେ ଘିଅ ବୋଲି କୁହାଯାଉଥିବା ଯେଉଁ ପଦାର୍ଥ ସବୁ ଥାଏ ତାହା ୪୦ଡିଗ୍ରୀ ଖରାରେ ବି ତରଳେ ନାହିଁ । ହେଲେ କିଛିଦିନ ତଳେ ତିରୁପତି ମନ୍ଦିର ମଧ୍ୟରେ ବ୍ୟବହୃତ ଘିଅ ଏବଂ ପ୍ରସାଦ ମଧ୍ୟରେ ମାଛ ତେଲ ବ୍ୟବହାର କରାଯାଉଥିବା ଅଭିଯୋଗ ଆସିବା ପରେ ହିନ୍ଦୁ ଧର୍ମର ଦେବା ଦେବୀଙ୍କୁ ବିଶ୍ୱାସ ରଖିଥିବା ଭକ୍ତ ମାନଙ୍କ ମନରେ ଏକ ଆଘାତ ସୃଷ୍ଟି କରିଛି ।

ପଡ଼ୋଶୀ ରାଜ୍ୟରେ ଏଭଳି ଘଟଣା ପ୍ରକାଶ ହେବାପରେ ଓଡ଼ିଶାର ପ୍ରସିଦ୍ଧ ମନ୍ଦିରଗୁଡ଼ିକରେ ବ୍ୟବହୃତ ଘିଅକୁ ନେଇ ସନ୍ଦେହ ଘେରକୁ ଆସିଛି। ଯାହା ଫଳରେ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରରେ ବର୍ଷ ବର୍ଷ ଧରି ବ୍ୟବହାର କରାଯାଇ ଆସୁଥିବା ଘିଅ ଏବଂ ପ୍ରସାଦର



**ତିରୁପତି ମନ୍ଦିରରେ ଚର୍ବିମିଶା ଘିଅ ବ୍ୟବହୃତ ଅଭିଯୋଗ ପରେ ଏବେ ସନ୍ଦେହ ଘେରରେ ଓଡ଼ିଶାର ମଠ, ମନ୍ଦିରର ଘିଅ**

ମାନ ସଠିକ୍ କି ନୁହେଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। କେବଳ ଶ୍ରୀମନ୍ଦିର କାହିଁକି ଓଡିଶାରେ ଥିବା ଅନ୍ୟ ମଠ ମନ୍ଦିର ଠାରୁ ଆରମ୍ଭକରି ଘରେ ଘରେ ଲୋକେ ଯେଉଁ ଘିଅ ଦୀପ ଜାଳୁଛନ୍ତି ତାହାର ଗୁଣବତ୍ତା ଘେନି ପ୍ରଶ୍ନ ଉଠୁଛି । ପୂଜା ସାମଗ୍ରୀ ଦୋକାନଗୁଡିକରେ ଶସ୍ତା ଦରରେ ମିଳୁଥିବା ଘିଅଗୁଡିକର ଡବା ଓ ପ୍ୟାକେଟ୍ ଉପରେ କେବଳ ପୂଜାପାଇଁ ବୋଲି ଲେଖାଯାଉଛି । ଅର୍ଥାତ୍ ଏଗୁଡିକ ଖାଦ୍ୟ ଉପଯୋଗୀ ନୁହେଁ । ତେବେ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରରେ ନିୟମିତ ଭାବେ ଲାଗିହେଉଥିବା ଘିଅ ତାହା ପ୍ରସାଦ ପାଇଁ ଉପଯୋଗୀ କି ନୁହେଁ ଏନେଇ ଭକ୍ତ ମାନଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ଦୋକାନବଜାରରେ ଅପମିଶ୍ରିତ ଘିଅ ହାଉଜାଉ ହେଉଥିବାବେଳେ ତାହାକୁ ବିଭାଗୀୟ କର୍ତ୍ତୃପକ୍ଷ ନିୟନ୍ତ୍ରଣ କରୁନାହାନ୍ତି । ଏହି ଘିଅ ସବୁ ପୋଡା ମୋବିଲ, ପଶୁ ଚର୍ବି କିମ୍ବା ଅନ୍ୟ ରସାୟନିକ ପଦାର୍ଥରୁ ତିଆରି ହେଉଛି ତାହା ଜାଣିବା ଖାଉଟିଙ୍କ ପକ୍ଷେ ସମ୍ଭବପର ନୁହେଁ ।

ଅପମିଶ୍ରିତ ଘିଅରୁ ପ୍ରସ୍ତୁତ ପ୍ରସାଦ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବିଗୁଡୁଛି । ଏହି ଅପମିଶ୍ରିତ ଘିଅ ହୋମ ଯଜ୍ଞ ଆଦିରେ ବ୍ୟବହାର କରାଯିବା ଫଳରେ ବାୟୁମଣ୍ଡଳ ପରିଷ୍କୃତ ହେବା ପରିବର୍ତ୍ତେ ପ୍ରଦୂଷିତ ହେଉଛି । ପୁରୀ ଶ୍ରୀମନ୍ଦିର ମଧ୍ୟରେ ବ୍ୟବହୃତ ଘିଅକୁ ନେଇ ସନ୍ଦେହ ସୃଷ୍ଟି ହେବାପରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ତାହାର ମାନ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରରେ ଲାଗୁଥିବା ଘିଅର ତାହାର ମାନ କେବେ ଯାଞ୍ଚ କରାଯାଇନାହିଁ ।

ଏ ପରିପ୍ରେକ୍ଷୀରେ ଅପମିଶ୍ରିତ ଘିଅର ବିପଦରୁ ରକ୍ଷାକରିବା ପାଇଁ ସରକାରୀକଳ ବ୍ୟାପକ ଚଢାଉ ସହ ତୁରନ୍ତ ଏହାର ମାନ ଯାଞ୍ଚ କରିବାଲାଗି ବୁଦ୍ଧିଜୀବୀ ଓ ଜଗନ୍ନାଥ ପ୍ରେମୀଙ୍କ ମହଲରେ ଦାବି ହେଉଛି ।

# ଖୁବ୍ ଶୀଘ୍ର ଏକ କୋଟି ଛୁଇଁବ ପଞ୍ଜୀକରଣ



## ‘ସୁଭଦ୍ରା’ର ସଫଳ କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା

ଭୁବନେଶ୍ୱର, ୨୭।୯ (ସଂଚାର ବ୍ୟୁରୋ): ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ‘ସୁଭଦ୍ରା’ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏସଂପର୍କିତ ଉପସ୍ଥାପନ କରିଥିଲେ । ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ସେ ସମସ୍ତ ଜିଲ୍ଲାପାଳକୁ ଧନ୍ୟବାଦ ଜଣାଇଥିଲେ । ଏଥିରେ ଦର୍ଶାଯାଇଥିଲା ଯେ ଅଦ୍ୟାବଧି ଛପା ଯାଇଥିବା ୧ କୋଟି ୮୯ ଲକ୍ଷ ୩୪ ହଜାର ୧୭୬ ସୁଭଦ୍ରା ଆବେଦନ ଫର୍ମ ମଧ୍ୟରୁ ୧ କୋଟି ୫୭ ଲକ୍ଷ ୧ ହଜାର ୫୫ ଫର୍ମ ବଣ୍ଟନ କରାଯାଇଛି । ଆଜି ତାରିଖ ପର୍ଯ୍ୟନ୍ତ ୯୫ ଲକ୍ଷରୁ ଅଧିକ ଆବେଦନ ପଞ୍ଜୀକୃତ ହୋଇସାରିଛି । ସମୁଦାୟ ୨୫ ଲକ୍ଷ ୨୯ ହଜାର ୭୨୦ ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି । ଏଥି ମଧ୍ୟରୁ ୨୫ ଲକ୍ଷ ୧୭ ହଜାର ୫୪୫ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏବଂ ୧୨ ହଜାର ୧୭୫ ଜଣଙ୍କୁ ସିବିଡିସି ଜରିଆରେ ଅର୍ଥରାଶି ପଠାଯାଇଛି । ସମସ୍ତ ଅନୁମୋଦନ ଓ ଖାରଜ ଫର୍ମର ତାଲିକା କାରଣ ସହ ସୁଭଦ୍ରା ୱେବ୍ ପୋର୍ଟାଲରେ ଦର୍ଶାଯିବ । ଏସଏମସ ଦ୍ୱାରା ମଧ୍ୟ ସମସ୍ତଙ୍କୁ ଜଣାଇ ଦିଆଯିବ। ରାଜ୍ୟସାରା ଯେଉଁ ଗୁଜବ ଚାଲିଛି ଯେ ବ୍ୟାଙ୍କ ଆକାଉଣ୍ଟରୁ ପଇସା ନ ଉଠେଇଲେ ପଇସା ଆପେ ଆପେ ଫେରସ୍ତ ହେଇଯିବ, ଏପରି କିଛି ବି ବ୍ୟବସ୍ଥା କରାଯାଇ ନାହିଁ। ହିତାଧିକାରୀଙ୍କ ଅର୍ଥ ରାଶି ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ସୁରକ୍ଷିତ ରହିବ। ପରିଡ଼ା ବିଭାଗର ସମସ୍ତ ଅଧିକାରୀ ଓ ସମସ୍ତ ଜିଲ୍ଲାପାଳକୁ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଧନ୍ୟବାଦ ଜଣେଇବା ସହ ଜନଜାତି ବହୁଳ ଅଞ୍ଚଳମାନଙ୍କରେ ସୁଭଦ୍ରା କାର୍ଯ୍ୟକ୍ରମକୁ ପହଁଚାଇବା ପାଇଁ ବ୍ୟାପକ ଜନସଚେତନତାକୁ ପ୍ରାଥମିକତା ଦେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ । ଖୁବ୍ ଶୀଘ୍ର ସୁଭଦ୍ରା ଯୋଜନାରେ ଓଡିଶାର ଏକ କୋଟି ମହିଳାଙ୍କ ପଞ୍ଜୀକରଣ ହୋଇଯିବ। ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗରେ ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରାଯାଇଥିବାରୁ ସ୍ୱାସ୍ଥ୍ୟ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ପ୍ରଶଂସା କରିବା ସହିତ ଜିଲ୍ଲାସ୍ତରରେ ସର୍ବାଧିକ ସୁଭଦ୍ରା ଫର୍ମ ପଞ୍ଜୀକୃତ କରିଥିବା ‘ମୋ ସେବା କେନ୍ଦ୍ର’ ଓ ‘ଜନ ସେବା କେନ୍ଦ୍ର’କୁ ପୁରସ୍କୃତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପ୍ରସ୍ତାବ ଦେଇଥିଲେ । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ପଞ୍ଜୀକରଣ ଓ ଯାଞ୍ଚ ପ୍ରକ୍ରିୟା ବ୍ୟବସ୍ଥା ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ବିଷୟରେ ଅବଗତ କରାଇଥିଲେ । ସୁଭଦ୍ରା ଯୋଜନାକୁ ନେଇ କୋରାପୁଟ ଜିଲ୍ଲାବାସୀ ଉତ୍ସାହିତ ଅଛନ୍ତି ବୋଲି ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ପ୍ରକାଶ କରିଥିଲେ ।



ରାଜ ଭବନରେ ପୂର୍ବତନ ଉପରାଷ୍ଟ୍ରପତି ଏମ ଭେଙ୍କୟା ନାଇଡୁଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଜନଗଣନା ଆଭିମୁଖ୍ୟ ସ୍ପଷ୍ଟକର




ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଜାତି ଜନଗଣନା ପ୍ରସଙ୍ଗରେ ସର୍ବଭାରତୀୟ ସ୍ତରରେ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଏହି ଦାବି କରି ଆସୁଥିବା ବେଳେ ଇଣ୍ଡିଆ ବ୍ଲକ ବି ଦାବି କରି ଆସୁଛି । କିନ୍ତୁ କେନ୍ଦ୍ର ସରକାରଙ୍କ ଜାତି ଜନଗଣନା ନେଇ ସ୍ପଷ୍ଟ ଆଭିମୁଖ୍ୟ ନାହିଁ। ରାଜ୍ୟରେ ଜାତି ଜନଗଣନା ପାଇଁ ଦାବି ରଖିଲା କଂଗ୍ରେସ। ବିଜେପି ଏ କଥା କହିଥିଲେ ମଧ୍ୟ ଏବେ ଚୁପ। ଜାତି ଜନଗଣନା ହେଲେ କାହାର କେତେ ସଂଖ୍ୟା ଜଣାପଡିବା । କେଉଁ ବର୍ଗ କେଉଁ ସ୍ଥିତିରେ ଅଛନ୍ତି ତାହା ସ୍ପଷ୍ଟ ହେବ। ସେମାନଙ୍କ ସାମାଜିକ ଆର୍ଥିକ ସ୍ଥିତି ଜଣାପଡିବ। କେନ୍ଦ୍ର ଓ ରାଜ୍ୟ ସରକାର ସଠିକ ଭାବେ ନୀତିଗତ ନିଷ୍ପତ୍ତି ନେଇପାରିବେ। ରାଜ୍ୟରେଏସଟି-ଏସିଙ୍କ ସଂଖ୍ୟା ୪୦% ଚାକିରୀରେ ସଂରକ୍ଷଣ ୩୮.୭୫%। ଓବେସି/ଏସଇବିସିଙ୍କ ସଂଖ୍ୟା ୫୪% ଚାକିରୀରେ ସଂରକ୍ଷଣ ମାତ୍ର ୧୧% କିନ୍ତୁ ଶିକ୍ଷାରେ - ୦% । ସାଧାରଣ ବର୍ଗର ସଂଖ୍ୟା ଓଡ଼ିଶାରେ ମାତ୍ର ୬% କିନ୍ତୁ ସଂରକ୍ଷଣ ଉଭୟ ଚାକିରୀ ଓ ଶିକ୍ଷାରେ ଇଡବ୍ଲ୍ୟୁଏସ ୧୦% ଏସଟି-ଏସି ଓ ଓବେସି/ଏସଇବିସିଙ୍କ ସଂଖ୍ୟା - ୯୪% । କିନ୍ତୁ ବିଜେପି କାହିଁକି ସେମାନଙ୍କ ପ୍ରତି ପାତରଅନ୍ତର କରୁଛି ବୋଲି କଂଗ୍ରେସ ଦଳର ବରିଷ୍ଠ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଶ୍ନ ଉଠାଇଛନ୍ତି। “ସଂଖ୍ୟା ଯାହାର ଯେତେ - ଭାଗ ପାଇବେ ସେମାନେ ସେତେ” । ପ୍ରେସମିଟ ନେଇ କଂଗ୍ରେସ ନେତା ଡ଼ ବିଶ୍ୱରଂଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ ।

## ଧାନର ଗୁଣବତ୍ତା ଯାଞ୍ଚ ପାଇଁ ଗ୍ରେନ୍ ଆନାଲାଇଜର ବ୍ୟବହାର

### ଧାନ ସଂଗ୍ରହକୁ ସରଳ ଓ ତ୍ୱରାନ୍ୱିତ କରିବା ନିମନ୍ତେ ଉପ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଲୋକସେବା ଭବନର କନଭେନସନ ହଲରେ ଆଜି ଆୟୋଜିତ ଜିଲ୍ଲାପାଳ ସମ୍ମିଳନୀରେ ଯୋଗଦେଇ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଧାନ ସଂଗ୍ରହ କାର୍ଯ୍ୟକୁ ସରଳ ଓ ତ୍ୱରାନ୍ୱିତ କରିବା ନିମନ୍ତେପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଯେଉଁ ଜିଲ୍ଲାର ମଣ୍ଡିଗୁଡିକରେ କୌଣସି କାରଣ ବଶତଃ ଧାନ ସଂଗ୍ରହ ହୋଇପାରୁନାହିଁ, ସେହି କ୍ଷେତ୍ରରେ ନିକଟତମ ଜିଲ୍ଲାର ମଣ୍ଡିରେ ଚାଷୀମାନେ ନିଜର ଧାନକୁ ବିକ୍ରି କରିପାରିବେ। ସଂଗୃହିତ ଧାନର ଅନଲାଇନ ପଞ୍ଜୀକରଣ ହେବ ଆବଶ୍ୟକ। ଧାନ ନେଇ ଯାଉଥିବା ଗାଡି ଗୁଡିକର ଜିପିଏସ ଟ୍ରାକିଂ କରାଯିବ। ଯେପରିକି ଏଥିରେ କୌଣସି ଟାମ୍ପରିଂ ନ ହେବ। ମିଲରମାନଙ୍କ ତରଫରୁ ଚାଷୀଙ୍କୁ ଖୋଟ ବସ୍ତା ଓ ସୁତୁଲି ଯୋଗାଇଦିଆଯିବ। ଗଚ୍ଛିତ ଫସଲର ସୁରକ୍ଷା ପାଇଁ ୫୮ଟି ଶୀତଳ ଭଣ୍ଡାର ରାଜ୍ୟରେ ଖୁବ ଶୀଘ୍ର ଖୋଲାଯିବ। ରାଜ୍ୟର ଚାଷୀମାନେ କେବଳ ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏକାଧିକ ଫସଲ ଜୈବିକ ଉପାୟରେ କରିବା ପାଇଁ ମନ୍ତ୍ରୀ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏଗ୍ରି ଷ୍ଟାକ (ଇଏଜଓ ଝଓଇଉକ) ଆପ ସୃଷ୍ଟି କରାଯାଇଛି। ଏଥିରେ ଚାଷୀ ଓ ଚାଷ ଜମିର ପଞ୍ଜୀକରଣ ତଥ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ହେବ। ଜମିପଟ୍ଟା (ଜକ୍ଟଜ) ଥିବା ସମସ୍ତ ଚାଷଜମିର ମାଲିକ ଏଥିରେ ପଞ୍ଜୀକରଣ କରିପାରିବେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ କହିଲେ ଯେ ଚଳିତ ବର୍ଷ ଉଭୟ ଖରିଫ ଓ ରବି ଋତୁରେ ପ୍ରାୟ କୋଟିଏ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଧାନ ସଂଗ୍ରହ ପରିମାଣ ୨୫ ପ୍ରତିଶତ ଅଧିକ ବୃଦ୍ଧି ପାଇବ ବୋଲି ଯାଦବ ସୂଚନା ଦେଇଥିଲେ। ଧାନ ସଂଗ୍ରହର ସପ୍ତାହେ ପୂର୍ବରୁ ଚାଷୀ ମାନଙ୍କ ଆକାଉଣ୍ଟ ଯାଞ୍ଚ ପ୍ରକ୍ରିୟା ଶେଷ କରିବାକୁ ସେ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅନ୍ୟର ଆକାଉଣ୍ଟକୁ ବିକ୍ରୟ ଟଙ୍କା କିମ୍ବା ବୋନସ ରାଶି ଯିବାର ଆଶଙ୍କାକୁ ଦୂର କରାଯାଇପାରିବ ବୋଲି ସେ କହିଥିଲେ। ଉନ୍ନତ ମାନର ଧାନକୁ ମଣ୍ଡିକୁ ଆଣିବାକୁ ଚାଷୀ ମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



## ୨୪ ବର୍ଷ ଧରି ପଛୁଆବର୍ଗଙ୍କୁ ପ୍ରତାରଣା କରିଛି ବିଜେଡି



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ୨୪ ବର୍ଷ ଶାସନରେ ବିଜୁ ଜନତା ଦଳ ସରକାର ୫୪ ଭାଗ ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଛନ୍ତି। ନିଜେ ନବୀନ ବାବୁ ଏବଂ ତାଙ୍କ ଦଳ ବିଜେଡି ସମ୍ପୂର୍ଣ୍ଣ ଭାବେ ପଛୁଆବର୍ଗ ବିରୋଧୀ। ଶିକ୍ଷା, ନିଯୁକ୍ତି, ଏବଂ ରାଜନୈତିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଏହି ବର୍ଗଙ୍କୁ ବଞ୍ଚିତ କରିଛି ବିଜେଡି। ବିଜେଡି ଦଳରେ ପଛୁଆବର୍ଗ ପାଇଁ କୌଣସି ସେଲ୍‌ଫ ନଥିବା, ପଛୁଆବର୍ଗ ପ୍ରତି ତାଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ନିଜ ଦଳ ଭିତରେ ତୀବ୍ର ଗୋଷ୍ଠୀ କନ୍ଦଳ, ବିଦ୍ରୋହ ଏବଂ ଜଣକ ପରେ ଜଣେ ଦଳ ଛାଡୁଥିବାବେଳେ ସେଥିରୁ ଦୃଷ୍ଟି ହଟାଇବାକୁ ଯାଇ ବିଜେଡିର ନେତାମାନେ ଅନେକ ବୟାନବାଜୀ ଓ ନାଟକ ଆରମ୍ଭ କରିଦେଇଛନ୍ତି। ବିଜେଡି ମୁହଁରେ ଓବିସି ପ୍ରସଙ୍ଗ ଶୋଭା ପାଉନାହିଁ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି।

## ଓଡିଶାରେ ହେବ ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଓଡିଶାରେ ‘ନେସ୍‌ନାଲ ଫରେନ୍‌ସିକ ସାଇନ୍‌ସ ୟୁନିଭରସିଟି (ଏନ୍‌ଏଫଏସ୍‌ୟୁ)ର ଏକ କ୍ୟାମ୍ପସ ପ୍ରତିଷ୍ଠା କରାଯିବ। ଏହି କ୍ୟାମ୍ପସ ଓଡିଶାର ପିଲାମାନଙ୍କୁ ସାଇବର ସୁରକ୍ଷା ଉପରେ ଶିକ୍ଷା ପ୍ରଦାନ କରିବ।
ଏହି ଜାତୀୟ ବିଶ୍ୱବିଦ୍ୟାଳୟର ଏକ ପ୍ରତିନିଧି ଦଳ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଲୋକସେବା ଭବନରେ ସାକ୍ଷାତ କରି ଏହା ଉପରେ ଆଲୋଚନା କରିଛନ୍ତି। ବଢୁଥିବା ସାଇବର କ୍ରାଇମ ପରିପ୍ରେକ୍ଷୀରେ ରାଜ୍ୟରେ ଏହିପରି ଏକ ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କ୍ୟାମ୍ପସ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ। ଅପରାଧର ତଦନ୍ତ ଓ ଅପରାଧ ରୋକିବା ଦିଗରେ ଦକ୍ଷ ବିଶେଷଜ୍ଞ ସୃଷ୍ଟି କରିବାରେ ମଧ୍ୟ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଦ୍ୱାରା ରାଜ୍ୟର ପୋଲିସ ଅଧିକାରୀ ମାନେ ସାଇବର ସିକ୍ୟୁରିଟି ଉପରେ ପ୍ରଶିକ୍ଷଣ ପାଇବାରେ ସୁବିଧା ହେବା ସହିତ ରାଜ୍ୟରେ ସାଇଣ୍ଟିଫିକ୍ ଅଫିସର ମାନଙ୍କ ଆବଶ୍ୟକତା ପୂରଣ ହେବାରେ ସହାୟକ ହେବ। ଏହାକୁ ଏକ ସେଣ୍ଟର ଅଫ ଏକ୍‌ସେଲେନ୍‌ସ ଭାବରେ ବିକଶିତ କରାଯିବ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ନେସ୍‌ନାଲ ଫରେନ୍‌ସିକ ସାଇନ୍‌ସ ୟୁନିଭରସିଟି ଦିଲ୍ଲୀର ନିର୍ଦ୍ଦେଶିକା ଡ. ପୁରବୀ ପୋଖରିଆଲ, ଏନ୍.ଏଫ.ଏସ୍.ୟୁ, ତ୍ରିପୁରାର ନିର୍ଦ୍ଦେଶକ ଡ. ଏଚ୍. କେ. ପ୍ରତିହାରୀ ଏବଂ ଅନ୍ୟ ବିଶେଷଜ୍ଞମାନେ ବୈଠକରେ ଆଲୋଚନାରେ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ, ୱାଇ. ବି. ଖୁରାନିଆ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟକ୍ତି ନିର୍ମାଣରେ ରାଷ୍ଟ୍ର ନିର୍ମାଣ ସମ୍ଭବ

### ସରକାରଙ୍କ ବିଭିନ୍ନ ଗଣଶିକ୍ଷା ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ଗୁରୁତ୍ୱ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀର ଶୁଭାରମ୍ଭ କରାଯାଇଛି। ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର ଠାରେ ଆୟୋଜିତ ଉକ୍ତ ସମ୍ମିଳନୀର ଏକ ଅଧିବେସନରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଲିନୀ ପଣ୍ଡିତ ବିଭାଗୀୟ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଗଣ୍ଡ କହିଛନ୍ତି, ଶିକ୍ଷାରେ ପରିବର୍ତ୍ତନ ଆଣିବାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦୀ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ଓ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟର ସ୍କୁଲଗୁଡ଼ିକୁ ‘ପିଏମ-ଶ୍ରୀ’ ଯୋଜନାରେ ସାମିଲ କରାଯାଉଛି। ‘ନିପୁଣ ଓଡ଼ିଶା’ ମାଧ୍ୟମରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ଗୁଣାବତ୍ତା ଆସିଛି ଏବଂ ପ୍ରାଥମିକ ସ୍ତରରୁ ପିଲାମାନଙ୍କୁ ସକ୍ଷମ କରାଯାଉଛି ବୋଲି ମନ୍ତ୍ରୀ ମତପ୍ରକାଶ କରିବା ସହ ବ୍ୟକ୍ତି ନିର୍ମାଣରେ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ସେପ୍ଟେମ୍ବର ୫ ତାରିଖରେ ପବିତ୍ର ଗୁରୁ ଦିବସ ଅବସରରେ ନିପୁଣ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଥିଲେ। ନିପୁଣ ଓଡ଼ିଶା ମୁଖ୍ୟତଃ ଗୁଣାତ୍ମକ ପ୍ରାଥମିକ ଶିକ୍ଷାକୁ ପ୍ରାଧାନ୍ୟ ଦେଉଛି। ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ଛାତ୍ରଛାତ୍ରୀମାନଙ୍କୁ ପଢ଼ିବା, ଲେଖିବା ଓ ସଂଖ୍ୟା ଜ୍ଞାନରେ ନିପୁଣ କରିବା ଏହି ଯୋଜନାର ଉଦ୍ଦେଶ୍ୟ। ଏହି ଯୋଜନା ଉଭୟ ଜିଲ୍ଲା ଓ ବ୍ଲକସ୍ତରରେ କାର୍ଯ୍ୟକାରୀ ହେବ। ଏଥିସହିତ ଶିକ୍ଷା ସୋପାନ ରେଜିଷ୍ଟର ମାଧ୍ୟମରେ ପାଠ ପଢ଼ା ପରେ ବ୍ୟକ୍ତିଗତସ୍ତରରେ ବିଦ୍ୟାର୍ଥୀ କଣ ଶିଖିଲେ ତାହାର ମୂଲ୍ୟାଙ୍କନ କରିବା ଓ ସେମାନଙ୍କର ଅଗ୍ରଗତି ସମ୍ପର୍କରେ ଅବଗତ ହେବେ ଶିକ୍ଷକ-ଶିକ୍ଷୟିତ୍ରୀ। ଦ୍ୱିତୀୟରେ ପିଏମ୍-ଶ୍ରୀ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା

## ଆର୍ଚେରୀ ଚମ୍ପିଅନସିପ୍‌ରେ ପୂର୍ବତଟ ରେଳପଥକୁ ୪ ପଦକ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଏକ ଚମତ୍କାର ପ୍ରଦର୍ଶନରେପୂର୍ବତଟ ରେଳପଥର ଖେଳାଳିମାନେ ଚିତ୍ତରଞ୍ଜନ ଲୋକୋମୋଟିଭ୍ ୱାର୍କସ ସିଏଲଡବ୍ଲୁରେ ୨୩ ରୁ ୨୫ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଆୟୋଜିତ ୧୪ ତମ ସର୍ବ ଭାରତୀୟ ରେଳବାଇ ଆର୍ଚେରୀ ଚମ୍ପିଅନସିପ୍ ୨୦୨୪ ରେ ଚାରିଟି ପଦକ ହାସଲ କରିଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ସେମାନଙ୍କର ନିଷ୍ଠା ଏବଂ ପରିଶ୍ରମ ପାଇଁ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ମହାପ୍ରବନ୍ଧକ ଫୁଙ୍କୱାଲ ଉଭୟ ସୁଭମ୍ ଦାଶ ଏବଂ କୁଲଭେନ୍ଦର ସିଂଙ୍କ ଉଦ୍ୟମକୁ ପ୍ରଶଂସା କରି କ୍ରୀଡ଼ାରେ ଉତ୍କର୍ଷତା ପାଇଁ ଉଦ୍ୟମ ଜାରି ରଖିବାକୁ ତଥା ସଂଗଠନକୁ ଅଧିକ ଉତ୍ସାହିତ କରିବାକୁ ପ୍ରୋତ୍ସାହିତ କରିଥିଲେ । ଚାମ୍ପିୟନଶିପ୍‌ରେ ଜିତିଥିବା ପଦକଗୁଡ଼ିକ କେବଳ ରେଳ ସେବାରେ ନୁହେଁ ବରଂ କ୍ରୀଡାକୁ ପ୍ରୋତ୍ସାହିତ କରିବ।

## ଆନ୍ତଃ ଗଣମାଧ୍ୟମ ପ୍ରଚାର ସମିତି ବୈଠକ



ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶାରେ କାର୍ଯ୍ୟରତ ବିଭିନ୍ନ ବିଭାଗ ଏବଂ ଅନ୍ୟ କେନ୍ଦ୍ରୀୟ କାର୍ଯ୍ୟାଳୟ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମିତି ବୈଠକ ଆଜି ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିଆଇବିର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେଽଽ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ସଫଳତାର ବିସ୍ତୃତ ପ୍ରଚାରପ୍ରସାର ଲାଗି ଆପୋସ ସମନ୍ୱୟ ଏବଂ ସହଯୋଗ ବୃଦ୍ଧି ନେଇ ବୈଠକରେ ସହମତି ହୋଇଛି। ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ବର୍ତ୍ତମାନ ଜାରି ରହିଥିବା ‘ସ୍ୱଚ୍ଛତା ହିଁ ସେବା ଅଭିଯାନ’ ଅଧୀନରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଭିଯାନ ସମ୍ପର୍କରେ ସଚେତନତାକୁ ଆହୁରି ବ୍ୟାପକ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନର କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମର ଅଧିକ ପ୍ରଚାରପ୍ରସାର ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

## ଅଚ୍ୟୁତଙ୍କୁ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର ଇଞ୍ଜିନିୟର୍ସ ପକ୍ଷରୁ ଫେଲୋସିପ୍




ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ପକ୍ଷରୁ ସମ୍ମାନସୂଚକ ଫେଲୋସିପ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ପକ୍ଷରୁ ଚାଲିଥିବା ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ ‘ଫାୟାର ଇଣ୍ଡିଆ ୨୦୨୪’ ଅବସରରେ ଶୁକ୍ରବାର ସାମନ୍ତଙ୍କୁ ଏହି ଫେଲୋସିପ ପ୍ରଦାନ କରାଯାଇଛି। ଆଜି ସାମନ୍ତ ଏହି ଫେଲୋସିପ ଗ୍ରହଣ କରି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସକୁ କୃତଜ୍ଞତା ଜଣାଇବା ସହ ଏହାର ମହାନିର୍ଦ୍ଦେଶକ ଡ. ୟୁ ଏସ୍ ଛିଲ୍ଲାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ହେଉଛି ସାମନ୍ତଙ୍କର ୬ଷ୍ଠ ଫେଲୋସିପ। ଏହା ପୂର୍ବରୁ ସାମନ୍ତ ଆଇଏସ୍‌ଟିଇ, ସିଏସ୍‌ଆଇ, ଆଇସିଏ, ଏପିଏସିଏଚ୍ ଓ ଲଣ୍ଡନର ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରି ଭଳି ଦେଶ ବିଦେଶର ଖ୍ୟାତି ସମ୍ପନ୍ନ ୫ଟି ଅନୁଷ୍ଠାନରୁ ଫେଲୋସିପ ପାଇସାରିଛନ୍ତି। ଏହି ବୁଝାମଣା ଫଳରେ କିସ୍‌ର ୧ଶହ ଛାତ୍ରଛାତ୍ରୀ ଫାୟାର୍ ଇଞ୍ଜିନିୟରିଂ ତାଲିମ୍ ପାଇପାରିବେ। ଏହା ଦ୍ୱାରା କିସ୍‌ର ବହୁ ଛାତ୍ରଛାତ୍ରୀ ଭବିଷ୍ୟତରେ ଉପକୃତ ହୋଇପାରିବେ ବୋଲି ସାମନ୍ତ ସୂଚନା ଦେଇଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

### ନାବାଳିକା କୁକର୍ମ ମାମଲା ; ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଜଣେ ମାନସିକ ବିକୃତ ନାବାଳିକାଙ୍କୁ ବାରମ୍ବାର କୁକର୍ମ ମାମଲାର ବିଚାର କରି ଶୁକ୍ରବାର ଏଡିଜେ-୪ ତଥା ସ୍ପେଶାଲ ଜଜ୍ ପୋସକୋର ବିଚାରପତି ପ୍ରଦୀପ କୁମାର ବେହେରା ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ କୋର୍ଟ ଏହି ମାମଲାରେ ଅଭିଯୁକ୍ତ ପ୍ରଶାନ୍ତ କୁମାର ସ୍ୱାଇଁ ଓରଫ ଚିଲକୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅଧିକ ୧ବର୍ଷ ଅଭିଯୁକ୍ତ ଜେଲରେ ରହିବେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପିପି ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିବା ବେଳେ ମାମଲାରେ ୧୦ଟି ସାକ୍ଷୀ ଓ ୫୩ଟି ଦସ୍ତାବିଜ କୋର୍ଟରେ ଦାଖଲ କରାଯାଇଥିଲା। ମାମଲାକୁ ସେକ ଆକବର ଅଲ୍ଲୀ ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଗାଁ ଗୋଟାଏ। ନାବାଳିକା ଜଣଙ୍କ ମାନସିକ ବିକୃତ ଏବଂ ଠିକ ଭାବେ କଥା କହିପାରନ୍ତନି। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ସମୟରେ କୁକର୍ମ କରିଥାଏ। ଘଟଣା ଦିନ ଅଭିଯୁକ୍ତ ଜୋରଜବରଦସ୍ତି ପୀଡ଼ିତାଙ୍କୁ କୁକର୍ମ କରୁଥିବା ବେଳେ ତାଙ୍କ ଦାଦା ପୁଅ ଏହି ଘଟଣାକୁ ଦେଖିଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୭ ତାରିଖ ୨୦୨୦ ମସିହାରେ ଏନେଇ ବୋଲଗଡ଼ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୮ ତାରିଖ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ; ୨ ଗିରଫ

ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଗଣେଶ ପୁଜା ମଣ୍ଡପରେ ଫୋନରେ ଗାଳିଗୁଲଜକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଲୁହାରଡ଼ ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ, ବାକି ସହଯୋଗୀ ଫେରାର ରହିଥିବା ଜଣାପଡ଼ିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ, ସିଜୁଆ ଗ୍ରାମର ସୂର୍ଯ୍ୟକାନ୍ତ ଗୁମାନସିଂହ ଓ ତ୍ରିଲୋଚନ ପ୍ରଧାନ। ଆଜି ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ଆଦିତ୍ୟ ପ୍ରକାଶ ସାହୁ ଏକ ଘରୋଇ କଲେଜରେ ପାଠ ପଢ଼ନ୍ତି। ପୂର୍ବରୁ ଅଭିଯୋଗକାରୀଙ୍କ ବନ୍ଧୁ ସୁଶୀଲ କୁମାର ନାୟକଙ୍କର କିରଣ ଓ କିସୁ ନାମକ ଦୁଇ ସହପାଠୀ ଓ ନିମ୍ନୋକ୍ତ ଅଭିଯୁକ୍ତ ମାନଙ୍କ ସହିତ ଝଗଡ଼ା ହୋଇଥିଲା। ଗତ ୧୨ ତାରିଖ ରାତିରେ ଅଭିଯୋଗକାରୀ ସିଜୁଆ ଗଣେଶ ପୁଜା ମଣ୍ଡପ ପାଖରେ ଛିଡ଼ା ହୋଇଥିବା ବେଳେ, କିସୁ ତାଙ୍କୁ ଫୋନ କରି ଖରାପ ଭାଷାରେ ଗାଳିଗୁଲଜ କରିଥିଲା। କିଛି ସମୟ ପରେ ଅଭିଯୋଗକାରୀ ନିଜର ବନ୍ଧୁମାନଙ୍କ ସହିତ ଏମସ୍ ହସ୍ପିଟାଲ ସାମ୍ନାରେ ପହଞ୍ଚି ସେଠାରେ ଛିଡ଼ା ହୋଇଥିବା ବେଳେ, କିରଣ ନିମ୍ନୋକ୍ତ ଅଭିଯୁକ୍ତ ଓ ଅନ୍ୟ ସହଯୋଗୀ ମାନଙ୍କ ଆସି ବନ୍ଧୁ ସୁଶୀଲ କୁମାର ନାୟକଙ୍କୁ ଗାଳିଗୁଲଜ କରିଥିଲେ। ଅଭିଯୋଗକାରୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ମାନେ ସେମାନଙ୍କୁ ଏକ ଲୁହାରଡ଼ ଓ ୨ଟି କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଆକ୍ରମଣ ଫଳରେ ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁଙ୍କ ମୁଣରେ ଗଭିର ଆଘାତ ଲାଗିଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ଏମସ୍ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ୨ ଜଣ ଅଭିଯୁକ୍ତଙ୍କୁ ସିଜୁଆରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଖାଇବା ତେଲ-ଅନ୍ୟ ରାଜ୍ୟର ବ୍ୟବସାୟୀ ମାଲାମାଲ୍



ଭୁବନେଶ୍ୱର,୨୭।୯-(ତଥ୍ୟ) ଖାଇବା ତେଲର ଦର ଆକାଶଛୁଆଁ ହୋଇଥିବାବେଳେ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଏବେ ଓଡ଼ିଶାରୁ ବିପୁଳ ଲାଭ ଉଠାଇବାରେ ଲାଗିଛନ୍ତି। ରାଜ୍ୟରେ ଯେତିକି ପରିମାଣରେ ଖାଇବା ତେଲ ଆବଶ୍ୟକ ତାହାର ଅତି ନଗଣ୍ୟ ପରିମାଣ ଉତ୍ପାଦନ ହେଉଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ବଜାରରେ ଏବେ ସୋରିଷ ତେଲ ଲିଟର ୧୭୫ ଟଙ୍କାରେ ପହଞ୍ଚିଛି। ମାସକ ମଧ୍ୟରେ ଲିଟର ପ୍ରତି ଦର ୨୦ରୁ ୨୫ ଟଙ୍କା ବଢ଼ିଛି। ସେହଭଳି ପାମୋଲିନ୍ ତେଲ ଲିଟର ୧୨୦ ଟଙ୍କା ଅତିକ୍ରମ କରିଥିବାବେଳେ ସୂର୍ଯ୍ୟମୁଖୀ ତେଲ ୧୨୫ ଟଙ୍କାରେ ପହଞ୍ଚିଲାଣି। ସମସ୍ତ ପ୍ରକାର ଖାଇବାତେଲର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ତେବେ ଖାଇବା ତେଲର ସିଂହଭାଗ ରାଜ୍ୟ ବାହାରୁ ଆସୁଥିବାରୁ ଦରବୃଦ୍ଧି ଉପରେ ସରକାର ଲଗାମ ଲଗାଇ ପାରୁନାହାନ୍ତି। ଆମ ରାଜ୍ୟରେ ବାର୍ଷିକ ଖାଇବା ତେଲର ଚାହିଦା ୨ଲକ୍ଷ ୭୦ହଜାର ମେଟ୍ରିକ ଟନ୍ ରହିଛି। ଏଥି ମଧ୍ୟରେ ସୋରିଷ, ପାମୋଲିନ୍ ଓ ସୂର୍ଯ୍ୟମୁଖୀ ଆଦି ଅର୍ନ୍ତଭୁକ୍ତ। ତେବେ ପାମୋଲିନ୍ ତେଲ ପାଇଁ ସମ୍ପୂର୍ଣ୍ଣ ଭାବେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାବେଳେ ଓଡ଼ିଶାରେ ଅଳ୍ପ ପରିମାଣରେ ସୂର୍ଯ୍ୟମୁଖୀ ଓ ସୋରିଷ ଉତ୍ପାଦନ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ୨୨ହଜାର ମେଟ୍ରିକ ଟନ୍ ସୂର୍ଯ୍ୟମୁଖୀ ଓ ୫୧ହଜାର ମେଟ୍ରିକ ଟନ୍ ସୋରିଷ ଉତ୍ପାଦନ ହେଉଛି। ଯେତିକି ବି ସୋରିଷ ଓ ସୂର୍ଯ୍ୟମୁଖୀ ଉତ୍ପାଦନ ହେଉଛି ଅମଳ ସମୟରୁ ତାହାର ସିଂହଭାଗ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଖରିଦକରି ନେଉଛନ୍ତି। ରାଜ୍ୟରେ ଆବଶ୍ୟକ ପରିମାଣରେ ତୈଳବୀଜ ଉତ୍ପାଦନ ହେଉନଥିବାରୁ ଓଡ଼ିଶା ବର୍ଷ ସାରା ଖାଇବାତେଲ ପାଇଁ ରାଜସ୍ଥାନ, ଗୁଜୁରାଟ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଆଦି ଉପରେ ନିର୍ଭର କରୁଛି। ପ୍ରତିଦିନ ସେହିସବୁ ରାଜ୍ୟରୁ ଟ୍ରକ ଟ୍ରକ ଖାଇବାତେଲ ଓଡ଼ିଶାକୁ ଆସୁଛି। ଓଡ଼ିଶାରେ ଖାଇବା ତେଲର ଦର କେତେ ରହିବ ତାହା ସେହିସବୁ ରାଜ୍ୟର ବ୍ୟବସାୟୀମାନେ ସ୍ଥିର କରୁଛନ୍ତି। ଓଡ଼ିଶାରେ ତୈଳବୀଜ ଉତ୍ପାଦନର ପାଇଁ ଅନୁକୂଳ ପରିବେଶ ସହିତ ରାଜ୍ୟ ସରକାର ବ୍ୟାପକ ସହାୟତା ପ୍ରଦାନ କରୁଥିଲେ ମଧ୍ୟ ମଧ୍ୟ ଚାଷୀମାନେ ଆଉ ପୂର୍ବଭଳି ଚିନାବାଦାମ ଓ ଅନ୍ୟାନ୍ୟ ତୈଳବୀଜ ଚାଷ କରୁନାହାନ୍ତି। ଏକଦା ତୈଳବୀଜ ଉତ୍ପାଦନରେ ଓଡ଼ିଶା ବେଶ୍ ଆଗୁଆ ଥିବାବେଳେ ଖାଇବା ତେଲ ଉତ୍ପାଦନ ଓ ଯୋଗାଣ ପାଇଁ ରାଜ୍ୟ ସରକାର ସୁବର୍ଣ୍ଣା ନାମକ ସଂସ୍ଥା ଗଢିଥିଲେ। ଏହି ସରକାରୀ ସଂସ୍ଥାଟି ରାଜ୍ୟରେ ସୁବର୍ଣ୍ଣା ବ୍ରାଣ୍ଡରେ ଖାଇବାତେଲ ଯୋଗାଇ ଦେଉଥିଲା। ହେଲେ ତୈଳବୀଜ ଉତ୍ପାଦନ ହ୍ରାସ ପାଇବାପରେ ଏହି ସରକାରୀ ସଂସ୍ଥାର ଅକାଳ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଖାଇବା ତେଲ ସହିତ ଓଡ଼ିଶା ହରଡ ଡାଲି, ଆଳୁ, ପିଆଜ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ମହାରାଷ୍ଟ୍ର, ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ପଶ୍ଚିମବଙ୍ଗ ଓ କର୍ଣ୍ଣାଟକ ଆଦି ରାଜ୍ୟ ଉପରେ ନିର୍ଭରଶୀଳ। ଖାଇବା ତେଲ ସହିତ ବଜାରରେ ଏବେ ହରଡଡାଲି ଓ ପିଆଜର ଦର ମଧ୍ୟ ବଢ଼ିବାରେ ଲାଗିଛି।

## ଓଡିଶା ଫଟୋ ଏକ୍ସପୋ ଉଦଘାଟିତ

ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ): ଓଡିଶା ଫୋଟୋ ଏକ୍ସପୋ-୨୦୨୪ ଭୁବନେଶ୍ୱର ସ୍ଥିତ ସୋୟା ୟୁନିଭରସିଟି କନଭେନ୍ସନ ସେଣ୍ଟରଠାରେ ଉଦଘାଟିତ ହୋଇଯାଇଛି। ଯାଯପୁର ସାଂସଦ ଡ. ରବିନାରାୟଣ ବେହେରା ମୁଖ୍ୟ ଅତିଥିଭାବେ ଓ ସମ୍ମାନୀତ ଅତିଥି ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମାନନୀୟ ସାଂସଦ ତାଙ୍କ ବକ୍ତବ୍ୟରେ କହିଲେ ଦିନଥିଲା ସେ ମଧ୍ୟ ଜଣେ ଫୋଟୋଗ୍ରାଫର ଥିଲେ, ଜଣେ ଫୋଟୋଗ୍ରାଫର ଜୀବନର ଯଥାର୍ଥତା ବିଷୟରେ ଅବଗତ କରାଇଥିଲେ ସେହିପରି ଏକାମ୍ର ବିଧାୟକ ଫଟୋଗ୍ରାଫର ମାନଙ୍କର ଏହିପରି ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ। ଏହି କାଯ୍ର୍ୟକ୍ରମରେ ସିନେ ଜଗତ ହାସ୍ୟ ଅଭିନେତା ହରି ମହାପାତ୍ର ଅନ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ମେଳାରେ ରାଜ୍ୟ ଏବଂ ରାଜ୍ୟବାହରୁ ଆସିଥିବା ଫୋଟୋଗ୍ରାଫର ଏବଂ ଓଡ଼ିଶାର ବୟୋଜ୍ୟେଷ୍ଠ ଫୋଟୋଗ୍ରାଫର ମାନଙ୍କୁ ସମ୍ମାନିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ କୁ ଓଡିଶା ଫୋଟୋଗ୍ରାଫିକ ସିଣ୍ଡିକେଟ ଦ୍ୱାରା ଆୟୋଜିତ ହୋଇଥିଲା।

ଜୀବନ ଅମୃତ ଅନୁଚିନ୍ତା

ଅହଙ୍କାର-ଅହଙ୍କାର ଏପରି ଏକ କଳା ଚାଦର ଯାହା ପୂର୍ଣ୍ଣିମାକୁ ଅମାବାସ୍ୟାରେ ପରିଣତ କରିଦିଏ।

SANCHAR
ସଂଚାର



# ଚୀନର ମୁକାବିଲା ପ୍ରସ୍ତୁତି

ଗତ ଆର୍ଥିକ ବର୍ଷରେ ଭାରତର ଡିଫେନ୍ସ ପ୍ରଡକ୍ସନ ବା ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ୧ ଲକ୍ଷ ୨୭ ହଜାର କୋଟି ଟଙ୍କାରେ ପହଞ୍ଚିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସୂଚନା ପ୍ରଦାନ କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ସ୍ୱାବଲମ୍ବୀ କରିବାକୁ ଆରମ୍ଭ କରିଥିବା ପ୍ରୟାସର ଏହା ହେଉଛି ସୁଫଳ। ଏହା ଫଳରେ ବିଦେଶରୁ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦରେ ବ୍ୟୟ ହ୍ରାସ ପାଇଛି। ବରଂ ଭାରତକୁ ବିଦେଶକୁ ଏହା ରପ୍ତାନୀ କରି ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ଚୀନକୁ ଦୃଷ୍ଟିରେ ରଖି ଭାରତ ନିଜର ପ୍ରତିରକ୍ଷା ବ୍ୟୟ ବୃଦ୍ଧି କରିବା ସହ ଏଲଏସିରେ ଅଧିକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର ମୁତୟନ କରୁଛି। ଗତ ବର୍ଷ ଆମେରିକାର ଏକ ସଙ୍ଗଠନ ଫେଡେରେସନ ଅଫ ଆମେରିକାନ ସାଇଣ୍ଟିଷ୍ଟସ (ଏଏଫଏସ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, ଭାରତ ଏବେ ଚୀନକୁ ଟାର୍ଗେଟ କରି ନିଜ ସାମରିକ ଶକ୍ତି ବିଶେଷ କରି ପରମାଣୁ ଶକ୍ତିର ବିକାଶ ଏବଂ ଆଧୁନୀକିକରଣ କରୁଛି। ପୂର୍ବରୁ ଭାରତ ନିଜର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ପାକିସ୍ତାନର ମୁକାବିଲା ନିମନ୍ତେ ନିଜକୁ ପ୍ରସ୍ତୁତ କରୁଥିଲା। କିନ୍ତୁ ଏବେ ପାକିସ୍ତାନ ଗୌଣ ହୋଇଯାଇଛି। ଏବେ ଚୀନ ଭାରତ ପାଇଁ ବିପଦର ଆଶଙ୍କା ସୃଷ୍ଟି କରିଛି। ପ୍ରାୟ ୨୫ ବର୍ଷ ତଳେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ ଠିକ ଏହି କଥା କହିଥିଲେ। ଏଥିପାଇଁ ସମାଲୋଚନାର ଶୀକାର ହେବାକୁ ପଡ଼ିଥିଲା। କିନ୍ତୁ ସେ ଯାହା କହିଥିଲେ ତାହା ସତ। ବାସ୍ତବରେ ପାକିସ୍ତାନ ତୁଳନାରେ ଚୀନ ଅଧିକ ମାରାତ୍ମକ ଏବଂ ଏହାର ସାମରିକ ଶକ୍ତି ଭାରତ ତୁଳନାରେ ଢେର ଅଧିକ। ପାକିସ୍ତାନର ଆର୍ôଥକ ସ୍ଥିତି ଯାହା ସେଥିରେ ଏହା ଭାରତର ମୁକାବିଲା କରିବା ଏବେ ସମ୍ଭବ ନୁହେଁ। ପାକିସ୍ତାନ କେବଳ ଆତଙ୍କବାଦ ମାଧ୍ୟମରେ ଭାରତ ବିରୋଧରେ ଛାୟା ଯୁଦ୍ଧ ଚଳାଇଛି। କିନ୍ତୁ ଅସଲ ବିପଦ ହେଉଛି ବେଜିଂ। ବେଜିଂକୁ ବିଶ୍ୱାସ ନାହିଁ। ଚୀନ ସେନା ବାରମ୍ବାର ଏଲଏସି ଅତିକ୍ରମ କରି ଭାରତୀୟ ସୀମା ଭିତରେ ପ୍ରବେଶ କରି ହରକତ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତ ଏବେ ସାଜଗ ହୋଇଯାଇଛଇ ଏବଂ ଚୀନର ସମ୍ଭାବ୍ୟ ମୁକାବିଲା ନିମନ୍ତେ ନିଜକୁ ପ୍ରସ୍ତୁତ କରୁଛି। ଉଭୟ ପାରମ୍ପରିକ ଏବଂ ପରମାଣୁ ଅସ୍ତ୍ରରେ ଭାରତ ସଜ୍ଜିତ ହେଉଛି। କିଛି ବିଦେଶରୁ ଆମଦାନୀ କରାଯାଉଛି, ଆଉ କିଛି ସ୍ୱଦେଶୀ ଜ୍ଞାନ କୌଶଳରେ ଏଠାରେ ନିର୍ମିତ ହେଉଛି। ଚୀନର ମୁକାବିଲା ପାଇଁ ଭାରତ ସରକାରଙ୍କ ରଣନୀତିକୁ ରାଜନୈତିକ ମତପାର୍ଥକ୍ୟ ସତ୍ତ୍ୱେ ସବୁ ଦଳ ସମର୍ଥନ ଏବଂ ସହଯୋଗ କରିବା ଉଚିତ। ଗତ ବର୍ଷ ଅରୁଣାଚଳ ପ୍ରଦେଶର ତୱାଙ୍ଗ ସେକ୍ଟରରେ ଚୀନ ସେନା ଏଲଏସି ଅତିକ୍ରମ କରି ଭାରତୀୟ ସୀମା ଭିତରେ ପ୍ରବେଶ କକରିଥିଲା। କିନ୍ତୁ ଏଥିରେ କିଛି ନୂତନତ୍ୱ ନାହିଁ। ଚୀନ ଏଭଳି ନିୟମିତ ଭାବେ ଏଲଏସି ଅତିକ୍ରମ କରିଥାଏ। ଭାରତୀୟ ଅଞ୍ଚଳ ଉପରେ ଚୀନର ସବୁ ବେଳେ ଲୋଲୁପ ଦୃଷ୍ଟି ରହି ଆସିଛି। ତୱାଙ୍ଗ ସେକ୍ଟରରେ ସଂଘର୍ଷ ପରେ ଉଭୟ ପକ୍ଷ ମଧ୍ୟରେ କମାଣ୍ଡର ସ୍ତରୀୟ ଆଲୋଚନା ହୋଇଥିଲା ଏବଂ ଚୀନ ସେନା ପଛକୁ ହଟିଥିଲା। ଏହାକୁ ନେଇ ସେତେବେଳେ ବିରୋଧୀ ଦଳ ସଂସଦରେ ହଙ୍ଗାମା କରିଥିଲେ। ଦେଶର ସୁରକ୍ଷା ଏବଂ ସାମରିକ ପ୍ରସ୍ତୁତି ଏକ ଅତି ସମ୍ବେଦନଶୀଳ ଓ ସ୍ପର୍ଶକାତର ପ୍ରସଙ୍ଗ। ଏହାକୁ ସାର୍ବଜନୀନ କରାଯାଇପାରିବ ନାହିଁ। କିଛି କଥା ଗୁପ୍ତ ରଖାଯାଇଥାଏ। ଆମେ ସାମରିକ ଦୃଷ୍ଟିରୁ ଶତ୍ରୁ ପକ୍ଷର ମୁକାବିଲା ନିମନ୍ତେ କିପରି ପ୍ରସ୍ତୁତ ହେଉଛୁ, ଆମ ପାଖରେ କ'ଣ ବିଶେଷ ଅସ୍ତ୍ରଶସ୍ତ୍ର ରହିଛି, ସୀମାର କେଉଁ ସ୍ଥାନରେ ଆମର ଯବାନ କେତେକ ସଂଖ୍ୟାରେ ମୁତୟନ ରହିଛନ୍ତି, ଆଗକୁ ଆଉ କ'ଣ ଅସ୍ତ୍ରଶସ୍ତ୍ର ଖରିଦ କରିବା ଯୋଜନା ରହିଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇପାରିବ ନାହିଁ। ଚୀନର ବିସ୍ତାରବାଦୀ ନୀତି ଏବଂ ଉଭୟ ଦେଶ ମଧ୍ୟରେ ଦୀର୍ଘଦିନ ହେବ ଚାଲି ଆସୁଥିବା ସୀମା ବିବାଦ ଦୃଷ୍ଟିରୁ ଭାରତକୁ ଚୀନ ମୁକାବିଲା ନିମନ୍ତେ ପ୍ରସ୍ତୁତିକୁ ଯୋରଦାର କରିବାକୁ ପଡ଼ିବ। ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ପୂର୍ବାପେକ୍ଷା ଅଧିକ ସଶକ୍ତ ହୋଇଛି। ଭାରତୀୟ ବାୟୁସେନାରେ ରାଫେଲ ବିମାନ ସାମିଲ ହୋଇଛି। ବିଦେଶରୁ ଆମେ ଅଧିକ ପ୍ରତିରକ୍ଷା ସାମଗ୍ରୀ କିଣିଛୁ। ଅତ୍ୟାଧୁନୀକ ଯନ୍ତ୍ରପାତି ଆସିଛି। ଘରୋଇ ପ୍ରତିରକ୍ଷା ଉତ୍ପାଦନ ମଧ୍ୟ ବଢ଼ିଛି। ଆମର ମିଶାଇଲ ଟାର୍ଗେଟ ମଧ୍ୟ ବଢ଼ିଛି। କିନ୍ତୁ ସାମରିକ ଦୃଷ୍ଟିରୁ ଆମେ ଏବେ ବି ଚୀନଠାରୁ ବହୁ ପଛରେ ପଡ଼ିଛୁ। ଚୀନର ମୁକାବିଲା ନିମନ୍ତେ ଆମ ସାମରିକ ଶକ୍ତିକୁ ଆହୁରି ବୃଦ୍ଧି କରିବାକୁ ପଡ଼ିବ। ୧୯୬୨ ତୁଳନାରେ ଏବେ ଭାରତ ଅଧିକ ସଶକ୍ତ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଗତ ଷାଠିଏ ବର୍ଷ ଭିତରେ ଆମେ ଯେତିକି ଆଗେଇଛୁ, ଚୀନ ମଧ୍ୟ ସାମରିକ ଦୃଷ୍ଟିରୁ ସେତିକି ଆଗରେ ରହିଛି। ତେବେ ଏବେ ଚୀନ ଆକ୍ରମଣ କଲେ ଆମେ ଏହାର ଦୃଢ଼ ଜବାବ ଦେବାକୁ ସକ୍ଷମ। ଏହାକୁ ଆହୁରି ବଢ଼ାଇବାକୁ ପଡ଼ିବ। କାରଣ ଭାରତୀୟ ସୀମାରେ କେବଳ ଚୀନ ନୁହେଁ, ପାକିସ୍ତାନ ମଧ୍ୟ ଭାରତର ମୁକାବିଲା ନିମନ୍ତେ ପ୍ରସ୍ତୁତ। ଉଭୟ ଚୀନ ଓ ପାକିସ୍ତାନ ମିଳିତ ଭାବେ ଏକ ସମୟରେ ଭାରତ ସହ ଯୁଦ୍ଧ କରିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇହେବ ନାହିଁ। ଏଭଳି ପରିସ୍ଥିତିରେ ଭାରତ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା ନିମନ୍ତେ ପ୍ରସ୍ତୁତ ହେବା ଉଚିତ। ଏବେ ଭାରତ ନିକଟରେ ୩୬ଟି ରାଫେଲ ବିମାନ ରହିଛି। ଏହାକୁ ଦୁଇଗୁଣା କରିବାକୁ ପଡ଼ିବ। କେବଳ ରାଫେଲ ନୁହେଁ, ଆହୁରି ଅଧିକ ଶକ୍ତିଶାଳି ଲଢ଼ୁଆ ବିମାନର ଆବଶ୍ୟକତା ରହିଛି। ସବୁ ବିଦେଶରୁ ଆମଦାନୀ କରିବା ସମ୍ଭବ ନୁହେଁ। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ କିଛି ବିମାନ, ଟ୍ୟାଙ୍କ ଓ ଅନ୍ୟାନ୍ୟ ଅସ୍ତ୍ର ଶସ୍ତ୍ର ସେନା ବାହିନୀରେ ସାମିଲ କରିବାକୁ ପଡ଼ିବ। ଭାରତର ସର୍ବାଧୁନୀକ ଇଣ୍ଟର କଣ୍ଟିନେଣ୍ଟାଲ ବାଲିଷ୍ଟିକ ମିଶାଇଲ ଅଗ୍ନିର ଲକ୍ଷ୍ୟଭେଦ କ୍ଷମତା ଏବେ ୫୫୦୦ କିମି ରହିଛି। ଏହାକୁ ୭ ହଜାର କିମିକୁ ବଢ଼ାଇବା ଲାଗି ଉଦ୍ୟମ ହେଉଛି। ଏହା ଶୀଘ୍ର ପ୍ରସ୍ତୁତ ହେବା ଉଚିତ। କାରଣ ଚୀନ ଏକ ବିଶାଳ ଦେଶ ଏବଂ ଏହାର ସବୁ ଅଞ୍ଚଳକୁ ଟାର୍ଗେଟ ରେଞ୍ଜ ଭିତରକୁ ଆଣିବାକୁ ହେଲେ ଅଗ୍ନିର ଲକ୍ଷ୍ୟଭେଦ କ୍ଷମତା ବୃଦ୍ଧି କରିବାକୁ ପଡ଼ିବ। ଚୀନର ସର୍ବାଧିକ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ହେଉଛି ୧୨ରୁ ୧୫ ହଜାର କିଲୋମିଟର। ଆମର ଏତେ ଅଧିକ ରେଞ୍ଜର ମିଶାଇଲ ଆବଶ୍ୟକ ନାହିଁ। କିନ୍ତୁ ଅଧିକ ଶକ୍ତିଶାଳି ମିଶାଇଲର ଆବଶ୍ୟକତା ରହିଛି। ସୀମାରେ କର୍ତ୍ତବ୍ୟରତ ଯବାନଙ୍କ ପାଇଁ ଅନେକ ସାମଗ୍ରୀର ଆବଶ୍ୟକତା ରହିଛି। ସେହିପରି ଏଲଏସି ସହ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବାକୁ ହେବ। ନିକଟରେ ଭାରତ ମିଶାଇଲ ବିଧ୍ୱଂସକାରୀ କ୍ଷମତା ସମ୍ପନ୍ନ ଆଇଏନଏସ ମୋର୍ମୁଗାଓଁ ବିକଶିତ କରିଛି। ଏହା କେତେଦୂର କାମରେ ଆସିବ ସେ ସମ୍ପର୍କରେ କେବଳ ବିଶେଷଜ୍ଞମାନେ କହିପାରିବେ। ଯାହା ବି ହେଉ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା ନିମନ୍ତେ ଭାରତକୁ ପ୍ରତିରକ୍ଷା ବ୍ୟୟ ବରାଦ ବଢ଼ାଇବାକୁ ପଡ଼ିବ। ପ୍ରତି ବର୍ଷ ଆମର ପ୍ରତିରକ୍ଷା ବାବଦ ବ୍ୟୟ ବଢ଼ୁଛି। ପ୍ରତିରକ୍ଷା ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହେବାକୁ ଉଦ୍ୟମ କରୁଛି। ଏଥିପାଇଁ ପ୍ରତିରକ୍ଷା ସହ ସମ୍ପୃକ୍ତ ଅନେକ ସ୍ୱଦେଶୀ ଶିଳ୍ପ ସଂସ୍ଥା ତଥା ହାଲ୍ ଏବଂ ଡିଆରଡିଓ ଭଳି ସରକାରୀ ଉଦ୍ୟୋଗ ଲାଭବାନ ହେଉଛନ୍ତି। ଏହା ସ୍ୱାଗତ ଯୋଗ୍ୟ। ପୂର୍ବରୁ ପ୍ରତିରକ୍ଷା ବ୍ୟୟର ସିଂହଭାଗ ବିଦେଶକୁ ଚାଲିଯାଉଥିଲା। ଏବେ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। ଏଥିଲାଗି ମୋଦି ସରକାରଙ୍କ ଆତ୍ମନିର୍ଭର ଭାରତ ଗଠନ ପ୍ରୟାସକୁ ଶ୍ରେୟ ଦେବାକୁ ପଡିବ।

## ସମ୍ପାଦକଙ୍କୁ ପତ୍ର

### ପନିପରିବା ଉତ୍ପାଦନ ବୃଦ୍ଧି ଜରୁରୀ

*ମହାଶୟ,*

ଗତ ମେ' ମାସରୁ ଦେଶରେ ପନିପରିବା ଦର ଚଢ଼ା ରହିଛି। ବିଶେଷ କରି ଓଡ଼ିଶାରେ ଏହାର ଦର ମାତ୍ରାଧିକ ରହିଛି। ଫଳରେ ଜୀବନ ଧାରଣ କଷ୍ଟକର ହୋଇପଡ଼ିଲାଣି। ସବୁଜ ପନିପରିବା କଥା ଛାଡ଼, ଆଳୁ, ପିଆଜ, ରସୁଣ, ଅଦା ମଧ୍ୟ ଅମୂଲମୂଲ। ଓଡ଼ିଶା ଏସବୁ ସାମଗ୍ରୀ ଲାଗି ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ତେଣୁ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ପନିବରିବା ଦର ଅଧିକ। ପଶ୍ଚିମବଙ୍ଗ ସରକାରଙ୍କ କଟକଣା ଯୋଗୁ ଦୀର୍ଘ ଦିନ ହେବ ଓଡ଼ିଶାରେ ଆଳୁ ଦର ଚଢ଼ା ରହିଛି। ଏହାର ଏକମାତ୍ର ସମାଧାନ ପନ୍ଥା ହେଲା ରାଜ୍ୟରେ ପନିପରିବା ଉତ୍ପାଦନ ବୃଦ୍ଧି ଲାଗି ଯୋଜନାବଦ୍ଧ ଉଦ୍ୟମ କରିବା। ୨/୩ ବର୍ଷରେ ସବୁ ସ୍ୱାଭାବିକ ହୋଇଯିବ। ରାଜ୍ୟରେ ଉର୍ବର ଜମି ଏବଂ ପର୍ଯ୍ୟାପ୍ତ ପାଣି ରହିଛି। ଉପଯୁକ୍ତ ମାନବ ସମ୍ବଳ ମଧ୍ୟ ରହିଛି। କିନ୍ତୁ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଏଠାରେ ପରିବା ଚାଷ ବ୍ୟାପକ ଭାବେ ହେଉନି। ଏଥିଲାଗି ସରକାରୀ ପ୍ରୋତ୍ସାହନ ଏବଂ ଜଳସେଚନର ଆବଶ୍ୟକତା ରହିଛି।

**ବିଶ୍ୱରଞ୍ଜନ ବେହେରା, ବେଗୁନିଆ**

# ରକ୍ତତୀର୍ଥ ଇରମର ଅତୃପ୍ତ ଆତ୍ମାମାନଙ୍କ କଥା



**ପ୍ରହଲାଦ କୁମାର ସିଂହ**

ରକ୍ତତୀର୍ଥ ଇରମ୍ ଯେ କୌଣସି ଦେଶପ୍ରେମୀ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ଓ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହି ପବିତ୍ର ପୀଠକୁ ଅନେକଥର ଟାଣି ହୋଇ ଆସିଛି। ତେବେ ସମଗ୍ର ଦେଶ ଗାନ୍ଧୀଜୀଙ୍କ ୧୨୫ତମ ଜନ୍ମ ବାର୍ଷିକୀ ୧୯୯୪ ମସିହାରେ ପାଳନ କଲାବେଳେ ଏଇଠି ମୁଁ କଟାଇଥିଲି ଦିନଟିଏ। ସେଦିନ ସନ୍ଧ୍ୟାରେ ରକ୍ତତୀର୍ଥ ଇରମର ସ୍ମୃତି ସ୍ତମ୍ଭ ନିକଟରେ ଶହୀଦ ମାଟିକୁ ଆଭୂମ ପ୍ରଣିପାତ କଲାବେଳେ ଦେହ ଓ ମନରେ ସୃଷ୍ଟି ହେଉଥିଲା ଶିହରଣ। ମନେ ହେଉଥିଲା ସ୍ମୃତି ସ୍ତମ୍ଭରେ ଯେଉଁ ଶହୀଦମାନଙ୍କ ନାମ ଖୋଦିତ ହୋଇ ରହିଛି ସେମାନେ ଜଣକ ପରେ ଜଣେ ଜୀବନ୍ୟାସ ପାଉଛନ୍ତି। ପ୍ରାୟ ଘଣ୍ଟାଏ କାଳ ସେଠାରେ ଭାବାତୀତ ଧ୍ୟାନ କରିବା ବେଳେ ଅନୁଭବ କଲି ଓଡ଼ିଶାର ପ୍ରଥମ ମହିଳା ଶହୀଦ ପରୀ ବେୱାଙ୍କ ସମେତ ଅନ୍ୟମାନଙ୍କ ଉପସ୍ଥିତି।

ସତେ ଯେମିତି ପରୀ ବେୱା ଇରମ୍ ମାଟିରେ ତାଙ୍କ ସହ ଶହୀଦ ହୋଇଥିବା ଅନ୍ୟ ୨୮ଜଣ ଓ ଗୁଳିବିଦ୍ଧ ହୋଇଥିବା ଆଉ ୫୬ଜଣଙ୍କ ସମେତ ସ୍ୱାଧୀନତା ସଂଗ୍ରାମକୁ ବ୍ୟାପକ କରିଥିବା ଅନ୍ୟ ସଂଗ୍ରାମୀମାନଙ୍କ ଅମର ଆତ୍ମା ସହ ମତେ ପରିଚିତ କରାଇ ଦେଉଥିଲେ। କ୍ଷମତା, ସମ୍ପତ୍ତି କିମ୍ବା କୌଣସି ବ୍ୟକ୍ତିଗତ ଫାଇଦା ଲାଗି ପରୀ ବେୱାଙ୍କ ଭଳି ଜଣେ ଦରିଦ୍ରତମ ସାହସୀ ମହିଳା ସତ୍ୟାଗ୍ରହ ସଂଗ୍ରାମର ମଇଦାନକୁ ଓହ୍ଲାଇ ନଥିଲେ। ସେ କହୁଥିଲେ ଅନେକ ଅକୁହା କଥା ଓ ମୁଁ କେବଳ ଭାବାତୀତ ଅବସ୍ଥାରେ ଶୁଣୁଥିଲି। ଇରମ୍ ମେଳଣ ପଡ଼ିଆରେ ୧୯୪୨ ସେପ୍ଟେମ୍ବର ୨୮ ସନ୍ଧ୍ୟାରେ ସଭା ଚାଲିଥିବାବେଳେ ବିନା ସତର୍କ ସୂଚନାରେ ପୁଲିସ କେମିତି ଆଖି ବୁଜା ଗୁଳି ଚାଳନା କଲା ଏବଂ ସେଠାରେ ଘଟଣାସ୍ଥଳରେ ୨୮ଜଣ ଓ ପରେ ଜେଲ୍‌ରେ ଆଉ ଜଣେ ଆହତଙ୍କ ମୃତ୍ୟୁ ହେଲା ଏବଂ ଗୁଳିବିଦ୍ଧ ଅନ୍ୟମାନେ କେମିତି ଦୀର୍ଘଦିନ ଧରି ଛଟପଟ ହେଲେ ଓ ସେମାନଙ୍କ ମଧ୍ୟରୁ କେତେକ କିପରି ଅବଶିଷ୍ଟ ଜୀବନ ପାଇଁ ଅକର୍ମଣ୍ୟ ହୋଇଗଲେ ସେକଥା ସ୍ମରଣ କରାଇ ଦେଉଥିଲେ ମା' ପରୀ ବେୱା। ତାଙ୍କ ଦେହରେ କେଉଁଠି ତିନୋଟି ଗୁଳି ବାଜିଥିଲା ତାହା ସତେ ଯେମିତି ସେ ଦେଖାଇ ଦେବା ସହ ଇଙ୍ଗିତ କରୁଥିଲେ କେଉଁସ୍ଥାନରେ ତାଙ୍କ ଗୁଳିବିଦ୍ଧ ଶରୀରରୁ ରକ୍ତର ଧାର ଛୁଟି ଦେଶମୁକ୍ତି ଯଜ୍ଞରେ ଆହୂତି ହେଉଥିଲା। ସେ ଆଉ ବି କହୁଥିଲେ କିପରି ବର୍ବରୋଚିତ ଗୁଳିକାଣ୍ଡ ପରେ ଅନେକ ଶହୀଦଙ୍କ ଶବକୁ ସେହି ମେଳଣ ପଡ଼ିଆରେ ପୁଲିସ ପୋତି ଦେଲା। ନରମେଧ ଯଜ୍ଞ ପରେ ଲୋକେ ଗାଁ ଗଣ୍ଡା ଛାଡି ଜଙ୍ଗଲ ଓ ଦୂରଦୂରାନ୍ତକୁ ପଳାଇବା ପରେ କେମିତି ଗାଁ ଗାଁ ବୁଲି ପୋଲିସ ଫୌଜ ଲୁଟ୍‌ତରାଜ ଓ ଭୋଜି ଭାତରେ ମାତିଥିଲେ ସେକଥା ବି କହୁଥିଲେ ଉତ୍କଳ ଜନନୀର ସୁପୁତ୍ରୀ ପରୀ ବେୱା। ଦେଶମାତୃକା ପାଇଁ ଶହୀଦ ହୋଇଥିବାରୁ ତାଙ୍କ ଜୀବନ ସାର୍ଥକ ହୋଇଥିବା କଥା ବି ସେ ଜୋର୍ ଦେଇ କହୁଥିଲେ।

ଶହୀଦ ପରୀ ବେୱାଙ୍କ ଆତ୍ମା ମନେପକାଇ ଦେଉଥିଲା ଇରମ୍ ମାଟିରେ ଉତ୍କଳମଣି ଗୋପବନ୍ଧୁ ଦାସ ୧୯୨୧ ମସିହା ଜୁନ୍ ୧୪ ତାରିଖରେ କରିଥିବା ସଭା ସମ୍ପର୍କରେ। ଇରମ୍‌କୁ ଦେଖି ଭାବବିହ୍ୱଳ ହୋଇଥିବା ଜାତୀୟତାବାଦୀ କବି ଗୋପବନ୍ଧୁଙ୍କ କବିତାକୁ ମନେ ପକାଇ ସେ ଶୁଣାଇଥିଲେ- 'ଦେଶ, ଜାତି, ପ୍ରୀତି, ସରସ୍ୱତୀ ନଦୀ / ବହୁଛି ଇରମେ ଶତମାର୍ଗେ ଭେଦି / ଅନ୍ତଃସଲିଳା ଏ ସାରା ଭାରତେ / ଜାତୀୟତା ଧାରେ ବହିବ ନିରତେ / ଦେଶାତ୍ମବୋଧର ଚାରୁ ଗନ୍ତାଘର / ଇରମ ସୁରମ୍ୟ ଜାତୀୟ ନଗର।' ଏହାପରେ ସେ ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତିଙ୍କ ବିପ୍ଳବ ସଙ୍ଗୀତ ଅତି ତନ୍ମୟ ହୋଇ ଗାଇ ଚାଲିଲେ- 'କହ କହ କେଉଁ ଜାତି ପାଇଛି ମୁକତି କରି ହାରିହୁରି ଗୁହାରି / କହ ପାଇଛି କେ ସୁଖ, ନିଭାଇଛି ଦୁଃଖ ମାଗି ମାଗି ପଥ ଭିକାରୀ।' ସେ ପୁଣି ବୋଲୁଥିଲେ 'କି ହେବ ସେ ସ୍ୱରାଜ ଘେନି ଯଦି ମୋର ନପୁରେ ପେଟ.....।' କେମିତି ଜାତୀୟ କବି ବାଞ୍ଛାନିଧିଙ୍କ ମୃତ୍ୟୁ ପରେ ବର୍ତ୍ତମାନର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଇରମ୍ ଅଞ୍ଚଳର ୬ଟି ପଞ୍ଚାୟତର ୨୬ଟି ଗାଁକୁ ନେଇ ପ୍ରାୟ ୧୯ ବର୍ଗମାଇଲ ଅଞ୍ଚଳରେ ଭାରତ ଛାଡ଼ ଆନ୍ଦୋଳନ କାଳରେ ୧୯୪୨ ସେପ୍ଟେମ୍ବର ୧୭ ତାରିଖରେ ସ୍ୱାଧୀନ ବାଞ୍ଛାନିଧି ଚକଲା ଗଠନ କରାଯାଇ ଲୋକେ ସେ ଅଞ୍ଚଳକୁ ସ୍ୱାଧୀନ ଘୋଷଣା କଲେ ଏବଂ ଏହି ସ୍ୱାଧୀନ କ୍ଷେତ୍ରରେ ଗୌରାଙ୍ଗ ଚରଣ ମହାନ୍ତିଙ୍କୁ ପ୍ରଧାନମନ୍ତ୍ରୀ ଓ କମଳା ପ୍ରସାଦ କରଙ୍କୁ ମୁଖ୍ୟ କମାଣ୍ଡର ଭାବେ ମନୋନୀତ କରାଗଲା ଓ ଅର୍ଜୁନ ବିଶ୍ୱାଳଙ୍କ ଘରେ ସ୍ୱାଧୀନ ସରକାରର ଦପ୍ତର ଚାଲିଲା, ସେ ଅଞ୍ଚଳରେ କେମିତି ଲୋକେ ମରଣ ସେନା ଗଢି ଦେଶ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ହୋଇଥିଲେ, ଆଉ ଏମାନଙ୍କୁ ଦବାଇବା ପାଇଁ କିପରି ଜମିଦାର କୋଠିକୁ ବାସୁଦେବପୁରରୁ ପୋଲିସ ଫୌଜ ଆସିବାରୁ ଲୋକେ ଶଙ୍ଖଧ୍ୱନି କରି ହଜାର ହଜାର ସଂଖ୍ୟାରେ ମେଳଣ ପଡ଼ିଆ ଆଡକୁ ମାଡିଆସିଲେ ସେକଥା କହିବାବେଳକୁ ତାଙ୍କ କଣ୍ଠରେ ଯେମିତି ଶତସିଂହର ଶକ୍ତି ସଞ୍ଚରି ଯାଉଥିଲା।

ସେହି ସନ୍ଧ୍ୟାରେ ସତେ ଯେମିତି ମା' ପରୀ ବେୱାଙ୍କ ପବିତ୍ର ଅମର ଆତ୍ମା ପରିଚିତ କରାଇଦେଉଥିଲା ଅନ୍ୟ ସଂଗ୍ରାମୀମାନଙ୍କୁ। ଏଠି ଯେଉଁମାନେ ବ୍ରିଟିଶ ପୁଲିସ ଗୁଳିରେ ଶହୀଦ ହୋଇଥିଲେ ସେମାନେ ଥିଲେ ପରୀ ବେୱାଙ୍କ ସମେତ ଗୋପାଳ ଚରଣ ଦାସ, ବିଶ୍ୱନାଥ ଦାସ, ବିଜୁଳି ଦାସ, ହୃଷୀକେଶ ବେହେରା, ମଦନ ପଲାଇ, ବଲ୍ଲଭ ବେହେରା, ମାଘ ମହାଳିକ, ଭୁଆ ମାଝି, କାଳୀ ମାଝି, ରାଧୁ ମହାଳିକ, ଧ୍ରୁବଚରଣ ଦେ, ବାସୁଦେବ ସାହୁ, ହରି ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ, ମଣି ବେହେରା, ନିଧି ମଳିକ, ବୃନ୍ଦାବନ ପଣ୍ଡା, ଭାବନ ରାଉତ, ଶଙ୍କର ମଳିକ, ଦିବାକର ପାଣିଗ୍ରାହୀ, ଉପ ମଳିକ, ରାମ ମାଝି, କୃପାସିନ୍ଧୁ ବେହେରା, ଜଟି ସାହୁ, ରତ୍ନାକର ପାଣି, ମଣି ପ୍ରଧାନ, ପରୀ ଦାସ ଓ ଗୋବିନ୍ଦ ରାଉତଙ୍କ ଭଳି ନିରସ୍ତ୍ର ସତ୍ୟାଗ୍ରହୀ ସଂଗ୍ରାମୀ। ସେମାନଙ୍କୁ କିଭଳି ବ୍ରିଟିଶ ପୁଲିସ ଗୁଳିମାରି ହତ୍ୟା କରିଥିଲା ତାହାର ଅମର ଗାଥା ବି ଶୁଣାଉଥିଲେ ସେ। ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥିବା ଇରମ ଅଞ୍ଚଳର ଅନେକ ସଂଗ୍ରାମୀଙ୍କ ସାଧନା ସମ୍ପର୍କରେ ବି ସେ ସୂଚାଉଥିଲେ।

କେବଳ ଇରମ୍‌ର ଶହୀଦ ଓ ସଂଗ୍ରାମୀ ନୁହନ୍ତି, ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମର ଅନ୍ୟସବୁ ବୀର ଓ ବୀରାଙ୍ଗନାଙ୍କ ଆତ୍ମା ସହ ସେମାନେ କିଭଳି ସ୍ୱାଧୀନ ଭାରତର ସ୍ୱରୂପ ଦେଖି ବିଳପୁଛନ୍ତି ଏକଥା କହିବାବେଳକୁ ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥିଲା। ସେ କହୁଥିଲେ ୧୯୨୫ରେ ବୋଲଗଡ଼ ପ୍ରାଦେଶିକ




କଂଗ୍ରେସ ଅଧିବେଶନରେ ସ୍ୱାଗତ ଅଭିଭାଷଣ ଦେବାବେଳେ ଗୋପବନ୍ଧୁ ଦାସ କେମିତି ଜୟୀରାଜଗୁରୁଙ୍କ ସମେତ ଦେଶମାତୃକା ପାଇଁ ଜୀବନ ଦେଇଥିବା ଓଡ଼ିଆ ବୀରଙ୍କ ଅମରାତ୍ମାମାନଙ୍କ ଉପସ୍ଥିତି ଅନୁଭବ କରୁଥିଲେ। ଆହୁରି ବି କହୁଥିଲେ ଦେଶର ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ସମେତ ୬ଜଣଙ୍କ ଆତ୍ମା କିଭଳି ଅତ୍ୟାଚାରୀ ରାଜାକୁ ଡରାଇବା ସମ୍ପର୍କରେ ନବକୃଷ୍ଣ ଚୌଧୁରୀଙ୍କ ବକ୍ତବ୍ୟ ସମ୍ପର୍କରେ ଏବଂ ୧୯୪୭ ଅଗଷ୍ଟ ୧୫ ରାତିରେ ହରେକୃଷ୍ଣ ମହତାବଙ୍କୁ କିଭଳି ମୁକ୍ତି ଆନ୍ଦୋଳନର ଶହୀଦ ଓ ସଂଗ୍ରାମୀମାନଙ୍କ ଆତ୍ମାମାନେ ଶୁଆଇ ଦେଇନଥିଲେ ସେ ସଂକ୍ରାନ୍ତରେ 'ସାଧନାର ପଥେ'ରେ ଉଲ୍ଲେଖ କରିଥିବା ସ୍ୱୀକାରୋକ୍ତି ସଂକ୍ରାନ୍ତରେ।

ସେଦିନ ସନ୍ଧ୍ୟାରେ ସତେ ଯେମିତି ଶହୀଦମାନେ ମୋତେ ପ୍ରଶ୍ନବାଣରେ ପୋତି ପକାଉଥିଲେ ଓ ମା' ପରୀ ବେୱା ସେମାନଙ୍କୁ ବୁଝାଉଥିଲେ। ହଜାର ହଜାର ଶହୀଦଙ୍କ ବଳିଦାନ ଓ ଲକ୍ଷ ଲକ୍ଷ ସଂଗ୍ରାମୀଙ୍କ କାରା ଓ ନିର୍ଯାତନା ବରଣ ପୃଷ୍ଠଭୂମିରେ ଆମେ ୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନ ହେଲୁ ଏବଂ ଏହାପରେ ସେମାନଙ୍କ ଉତ୍ତର ଦାୟଦଭାବେ ଆମେ ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି କେତେଦୂର ପାଳନ କରିଛୁ ଓ କଷ୍ଟଲବ୍ଧ ସ୍ୱାଧୀନତାକୁ ସୁରକ୍ଷିତ ରଖିପାରିଛୁ କି ନାହିଁ ସେ ସଂକ୍ରାନ୍ତରେ ଅମର ଶହୀଦମାନେ ସତେ ଯେମିତି ବ୍ୟକ୍ତ କରୁଥିଲେ ସେମାନଙ୍କ ଆତ୍ମାର କ୍ଷୋଭ। ସେମାନଙ୍କ ବଳିଦାନ ଓ ତ୍ୟାଗକୁ କ'ଣ ଆମେ ଭୁଲିଗଲୁ? ଭାରତର ଆତ୍ମା ଗାଁରେ ଥିବାବେଳେ ଗ୍ରାମ୍ୟ ଅର୍ଥନୀତି ବରବାଦ୍ ହେଉଛି କାହିଁକି? ସେତେବେଳେ କୁହାଯାଇଥିଲା ସ୍ୱାଧୀନ ଭାରତର ଆଇନଶୃଙ୍ଖଳା ପରିସ୍ଥିତି ଏତେ ମାର୍ଜିତ ଓ ସୁଶୃଙ୍ଖଳ ହେବ ଯେ ରାତି ଅଧରେ ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରି ଆସିବ। କିନ୍ତୁ ଏବେ ଅବସ୍ଥା କ'ଣ? ୨/୩ ବର୍ଷର କୁନି ଝିଅଠାରୁ ଆରମ୍ଭ କରି ୮୦ବର୍ଷର ବୃଦ୍ଧାଙ୍କ ପର୍ଯ୍ୟନ୍ତ ମହିଳାମାନେ ଘରେ ବାହାରେ ଏମିତିକି ଥାନା-ଫାଣ୍ଡିରେ ବି ସୁରକ୍ଷିତ ନୁହନ୍ତି। ଗ୍ରାମସ୍ୱରାଜ, ସ୍ୱଦେଶୀ, ସ୍ୱାଭିମାନ, ସ୍ୱାବଲମ୍ବନ ଆଦିକୁ କାହିଁକି କବର ଦିଆଯାଉଛି? ବେକାରୀ, ବେରୋଜଗାରୀ କାହିଁକି ବଢୁଛି? ଦେଶର ଋଣ ଭାର କାହିଁକି ୨୦୦ଲକ୍ଷ କୋଟି ଟଙ୍କା ଆଡକୁ ମୁହାଁଇଛି? ସ୍ୱାଧୀନତା ପ୍ରାପ୍ତି ବେଳେ ଗୋଟିଏ ଡଲାରର ବିନିମୟ ମୂଲ୍ୟ ଗୋଟିଏ ଟଙ୍କା ସହ ସମାନ ଥିବାବେଳେ ଏବେ କାହିଁକି ତାହା ୮୪ଟଙ୍କାରେ ପହଞ୍ଚିଲାଣି? ବିଶ୍ୱ ଶାନ୍ତି ସୂଚକାଙ୍କରେ ଭାରତର ସ୍ଥାନ କେଉଁଠି? କାହିଁକି ଦେଶରେ ବଢୁଛି ଚାଷୀ ଓ ବେକାର ଯୁବକ, ଯୁବତୀଙ୍କ ଆତ୍ମହତ୍ୟା? ସାମ୍ପ୍ରଦାୟିକତା, ଅସ୍ପୃଶ୍ୟତା ଓ ଦୁର୍ନୀତି କାହିଁକି ହୋଇଛି ରାଜନୈତିକ ନେତାମାନଙ୍କ ଭୂଷଣ? ସତ୍ୟ ଅହିଂସାର ପବିତ୍ର ଦେଶରେ କାହିଁକି ଉଠୁଛି ହିଂସା ଓ ମିଥ୍ୟାଚାରର ଦାବାନଳ? ଆର୍ଥିକ ବୈଷମ୍ୟ ବଢ଼ି ଏକ ପ୍ରତିଶତ ଧନୀଙ୍କ ପାଖରେ ଦେଶ ସମ୍ପତ୍ତିର ୪୦ ପ୍ରତିଶତ ଠୁଳ ହୋଇଥିବାବେଳେ ୫୦ ପ୍ରତିଶତ ଅତି ଗରିବଙ୍କ ପାଖରେ କାହିଁକି ରହିଛି ମାତ୍ର ୩ ପ୍ରତିଶତ ସମ୍ପତ୍ତି? ଓଡ଼ିଶାର ୪୮୦ କିଲୋମିଟର ଦୈର୍ଘ୍ୟର ସାମୁଦ୍ରିକ ବେଳାଭୂମି ସହ ୧୧ଶହ ବର୍ଗକିଲୋମିଟର ପରିମିତ ଚିଲିକା ହ୍ରଦ ଥିବାବେଳେ କାହିଁକି ଓଡ଼ିଶା ଲୁଣ ପାଇଁ ବାହାର କମ୍ପାନୀମାନଙ୍କ ଉପରେ ନିର୍ଭର କରୁଛି? ଦେଶର ଜଳ, ଜମି, ଖଣିଜସମ୍ପଦ ଆଦିକୁ କାହିଁକି ଲୁଣ୍ଠନ କରାଯାଉଛି? ଗାନ୍ଧୀଜୀଙ୍କ ପ୍ରଦର୍ଶିତ ଗ୍ରାମସ୍ୱରାଜ, ଟ୍ରଷ୍ଟିସିପ୍, ଏକାଦଶ ବ୍ରତ, ତାରକମନ୍ତ୍ର ଆଦିକୁ ଭୁଲିଯାଇ କାହିଁକି ଆମେ ସେ ଦୂରେଇ ରହିବାକୁ ସତର୍କ କରିଥିବା ୭ଟି ପାପାଚାରରେ ଘାଣ୍ଟି ହେଉଛୁ...? ଏମିତି ଅସଂଖ୍ୟ ପ୍ରଶ୍ନରେ ସେମାନେ ଯେମିତି ପୋତି ପକାଉଥିଲେ। ଆମ ପୂର୍ବଜ ଏହି ଅତୃପ୍ତ ଆତ୍ମାମାନଙ୍କର ଗୋଟିଏ ହେଲେ ପ୍ରଶ୍ନର ଉତ୍ତର ମୋ ପାଖରେ ନଥିଲା।

ଏଭଳି ଏକ ବାତାବରଣ ଭିତରେ ସେଠି ପ୍ରଶ୍ନ ଉଠାଇଲେ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ଆତ୍ମା- 'ଯେ ଦେଶର ଯଶ ଗୀତି ଭାଷା ଅତିକ୍ରମେ / ଜଗତ ଯା ପାଦମୂଳେ ନମେ ସସମ୍ଭ୍ରମେ / ଜନ୍ମିଲ ସେ ଦେଶେ ତୁମ୍ଭେ ତା'ର କେଉଁ ପାପେ / କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ? / ବୀରତ୍ୱର ବରଭୂଷା ଯେଉଁ ବୀରମାନେ / ନଥିଲା ଅସାଧ୍ୟ ଶବ୍ଦ ଯାଙ୍କ ଅଭିଧାନେ / ତାଙ୍କରି ବଂଶଜ ମର ଆଳସ୍ୟ ଆଳାପେ / କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ?' କବି ଶେଖରଙ୍କ ଅମର ଆତ୍ମାର ଉଦାତ୍ତ ପ୍ରଶ୍ନ ସରିବା ପୂର୍ବରୁ ଆଉ କେହି ଜଣେ ଶହୀଦଙ୍କ ଆତ୍ମା ଇରମ୍ ମେଳଣ ପଡ଼ିଆ ପାଖରେ ଥିବା ଗମେଇ ଓ କାଂଶବାଂସ ନଦୀ କୂଳରୁ ଡାକି ଡାକି କହୁଥିଲା, 'ହୋ ଯାଓ ତୟାର୍ ସାଥିଓଁ ହୋ ଯାଓ ତୟାର୍ / ଅଗର୍ ଦେଶ୍‌କି କାମ ନ ଆୟେ ତୋ ଜୀବନ ବେକାର.....।' ଶହୀଦ ପରୀ ବେୱାଙ୍କ ଆତ୍ମା କହୁଥିଲେ- ଶୁଣୁଛୁ ତ, ଯେଉଁମାନଙ୍କ ପାଇଁ ତମେ ସବୁ ସ୍ୱାଧୀନତାର ସୂର୍ଯ୍ୟୋଦୟ ଦେଖିଲ ସେମାନଙ୍କ ଅମର ଆତ୍ମାର କଥା ଓ ବ୍ୟଥା। ଏବେ ତମେ ସବୁ ସୁଧୁରି ଯାଅ। ନିର୍ଭୀକ ହୋଇ ସତ୍ୟ, ଅହିଂସାର ପ୍ରଶସ୍ତ ରାଜପଥରେ ଦେଶର ବିକାଶକୁ ଆଗେଇ ନେଇ ବିନାଶ କବଳରୁ ରକ୍ଷା କର। ସବୁ ସମସ୍ୟାର ସମାଧାନ ପାଇଁ ଗୋଟିଏ ବାଟ 'ଗାନ୍ଧୀ ବିଚାର'। ସେତେବେଳକୁ ସଞ୍ଜ ଯାଇ ରାତି ହୋଇ ଆସିଲାଣି। ଭାବାତୀତ ଧ୍ୟାନ ଭାଙ୍ଗି ଆଖି ଖୋଲିବା ବେଳକୁ ମେଳଣ ପଡ଼ିଆ ଶୁନଶାନ୍। ଲାଗୁଥାଏ ସତେ ଯେମିତି ଅନ୍ୟଏକ ଦୁନିଆଁରୁ ମୁଁ ଫେରୁଛି? ଓଡ଼ିଶାର ପ୍ରଥମ ମହିଳା ଶହୀଦ ପରୀ ବେୱାଙ୍କ ସମେତ ଅନ୍ୟ ସଂଗ୍ରାମୀ ଓ ଶହୀଦମାନଙ୍କ ଅତୃପ୍ତ ଆତ୍ମାମାନଙ୍କୁ ତୃପ୍ତ କରିବା ପାଇଁ ଆମ ଦେଶ, ରାଜ୍ୟ ଓ ଗାଁରେ କ'ଣ ଏମିତି କିଛି ମୁଷ୍ଟିମେୟ ସଙ୍କଳ୍ପବଦ୍ଧ ସାଧକ ନାହାନ୍ତି ଯେଉଁମାନେ ନିଷ୍ଠାରେ ଅଟଳ ରହି ପ୍ରତିକୂଳ ପରିସ୍ଥିତିକୁ ଅନୁକୂଳରେ ପରିଣତ କରି ସ୍ୱାଧୀନତା ସଂଗ୍ରାମ ସମୟର କଳ୍ପିତ ଗ୍ରାମସ୍ୱରାଜକୁ ସାକାର ରୂପ ଦେଇପାରିବେ? ଏଥିପାଇଁ ଧନ ଅପେକ୍ଷା ମନର ଢେର ଆବଶ୍ୟକତା ରହିଛି। ପ୍ରଣାମ ମା' ପରୀ ବେୱା, ପ୍ରଣାମ ଗାନ୍ଧୀ ମହାତ୍ମା, ପ୍ରଣାମ ଦାସେ ଆପଣେ, ପ୍ରଣାମ ବାଜି ରାଉତ ଏବଂ ପ୍ରଣାମ ଏ ଦେଶର ଅଗଣିତ ଶହୀଦ ଓ ସଂଗ୍ରାମୀମାନଙ୍କୁ ଏବଂ ରକ୍ତତୀର୍ଥ ଇରମ୍ ଭଳି ପବିତ୍ର ମାଟିକୁ।

E-mail: prahalladsinha@gmail.com
Call: 9437017395

# ସମ୍ପାଦକୀୟ ଚୋର



**ଦିପ୍ତିମୟୀ ନାୟକ**

ଆଗରୁ ଆପଣମାନେ ମନ ଚୋର, ସୁନାଗହଣା ଚୋର, ଗାଡି ମୋଟର ଚୋର, ଟଙ୍କା ପଇସା ଚୋର, ପାଠ ଚୋର ଏମିତିକି ଅନେକ ଯାବତୀୟ ଚୋରଙ୍କ ବିଷୟରେ ଶୁଣିଥିବେ କିନ୍ତୁ ସମ୍ପାଦକୀୟ ଚୋରଙ୍କ ବିଷୟରେ ଆପଣମାନେ କେବେ ଶୁଣିନଥିବେ। କାହିଁକି ନା ଏ ଚୋର ମାନେ ହେଲେ ଅତି ଭଦ୍ରାମି ଚୋର। ଏମାନେ ଅତି ଭଦ୍ରାମି ସହକାରେ ଆପଣଙ୍କ ଲେଖାକୁ ପଢିବେ ଶେଷରେ ଆପଣଙ୍କ ଲେଖାକୁ ଚୋରି କରି ନିଜ ନାଁରେ ଛାପିବେ କିନ୍ତୁ ମୁହଁ ଟାଣରେ କହିବେ। ଆମେ ଚୋର ନୁହେଁ ଯେ କାହା ଲେଖାକୁ ଚୋରି କରିବୁ। ଆମେ ଲେଖକ ନିଜେ ଲେଖିପାରିବୁ ହେଲେ କାହା ଲେଖାକୁ ଆମେ କେବେବି ଚୋରି କରିବୁ ନାହିଁ। ବାସ୍ତବରେ ଏହି ଚୋର ମାନଙ୍କ ଦୃଢବିଶ୍ୱାସ ହିଁ ଏହି ଚୋର ମାନଙ୍କୁ ସଫଳତାର ଶୀର୍ଷକରେ ପଂହଁଚାଇ ଦେଇଛି। ବେକରେ ଖଣ୍ଡେ ଖଣ୍ଡେ ଉପଢୌକନ ହାତରେ ଖଣ୍ଡେ ମାନପତ୍ର ଧରିବାର ସୁଯୋଗ ମିଳିପାରିଛି କିନ୍ତୁ ପ୍ରକୃତ ଲେଖକଟିକୁ କଣ ମିଳିଛି ଯଦି ଆମେ ନିଜକୁ ପ୍ରଶ୍ନ କରିବା ତେବେ ହୁଏତ ଆମେ ଜାଣିପାରିବା ଲେଖକ ଲେଖି ଚାଲିଛି ପ୍ରଶଂସା ଆଉ କିଏ ପାଉଛି।

ଯଦି କୌଣସି ବ୍ୟକ୍ତିଙ୍କୁ ଉକ୍ତ ଲେଖକ ଜଣଙ୍କର ଲେଖା ଭଲଲାଗିଛି ତେବେ ଭଲ କଥା କିନ୍ତୁ ଚୋରି କରିବା ଅଭାଦ୍ରାମୀର କଥା। ଯଦି କିଛି ଲେଖା ଆବଶ୍ୟକ ତେବେ ଆପଣ ଉକ୍ତ ଲେଖକ ଜଣଙ୍କୁ ତାଙ୍କ ଲେଖା ମାଗନ୍ତୁ। ସେ ଖୁସି ଖୁସିରେ ତାଙ୍କ ଲେଖା ଦେଇଦେବେ କିନ୍ତୁ ଏମିତି ଚୋରି କଲେ ସେ କଦାପି ସହ୍ୟ କରିପାରିବେ ନାହିଁ କାରଣ ତାଙ୍କ ଲେଖା ହିଁ ତାଙ୍କ ଜୀବନର ଏକ ଅଂଶ ପାଲଟିଯାଇଥାଏ। ହୁଏତ ସେ ନଖାଇଲେ ଚଳିଯିବ କିନ୍ତୁ ଲେଖା ଛାଡିଦେଲେ ତାଙ୍କ ପ୍ରାଣ ସେଇଠୁ ଅଟକିଯିବ।

ତେବେ ବର୍ତ୍ତମାନ ସମୟରେ ସମ୍ପାଦକୀୟ ଚୋରଙ୍କର ଆବିର୍ଭାବ ହୋଇଛି। ଯେଉଁମାନେ ସମାଜକୁ ନିରୀକ୍ଷୀ ଦେଖିନାହାଁନ୍ତି। ଯେଉଁମାନେ ସମାଜରେ ରହୁଥିବା ଲୋକଙ୍କ ସହ ଭଲଭାବରେ ମିଶିନାହାଁନ୍ତି। ସେମାନେ ସମାଜ ବିଷୟରେ ଟିପ୍ପଣୀ ଦେଉଥିବାର ଦେଖିଲେ ବହୁତ ଆଶ୍ଚର୍ଯ୍ୟ ଲାଗେ। ଅନେକ ସମୟରେ ଦେଖିବାକୁ ମିଳେ ଧନ ବଳ ଓ ସଫଳତା ପ୍ରଦର୍ଶିତ କରି ଅଯାଚିତ ସମ୍ମାନର ଅଧିକାରୀ ହୋଇଥାଆନ୍ତି ଏହି ଲେଖକ।

ଠିକ ସେମିତି ଗତକିଛି ଦିନ ତଳେ ଏହି କଥାକୁ ନେଇ ମୁଁ ଟିକେ ଦ୍ୱନ୍ଦରେ ପଡିଯାଇଥିଲି ଏବଂ ଏ ସମ୍ପର୍କରେ ଲୋକଙ୍କ ମତାମତ ନେବାପାଇଁ ସାମାଜିକ ଗଣମାଧ୍ୟମରେ ଲେଖିଥିଲି ଚୋରି କର ବଡ଼ ହୁଅ ସମ୍ପାଦକୀୟ ଚୋର। ଏକଥା ଲେଖିବାରେ ମୋର କୌଣସି ମନ୍ଦ ଉଦେଶ୍ୟ ନଥିଲା। ଏକଥା ଏଥିପାଇଁ ଲେଖିଥିଲି ଅନେକ ସମୟରେ ଅନେକ ଲେଖକ ଲେଖିକା ମାନଙ୍କର ଲେଖା ଚୋରି ହେଉଛି ଏବଂ ପ୍ରକୃତ ଲେଖକଟିର ସର୍ତ୍ତା ହଜିଯାଉଛି। ଯଦି ଏଭଳି ହୁଏ ଲେଖା ମରିବନି କିନ୍ତୁ ଲେଖକ ଜଣଙ୍କର ମନୋବଳ ମରିଯିବି। ଶେଷରେ ଲେଖକ ହଜିଯିବ ଆଉ ସମ୍ପାଦକୀୟ ଚୋରଙ୍କ ସଂଖ୍ୟା ବଢିବ। ଅସଲ ତଥ୍ୟ ଲୁଚିବ ଗୁଜବ ଖବର ଖାଲି ଘୁରି ବୁଲିବ। ଜଣେ ଯଦି କିଛି ଭାବିବନି। ନିଜସ୍ୱ ବୁଦ୍ଧି କିଛି ଖଟେଇବନି କି କିଛି ଲେଖିବନି। ତେବେ ସେ କଣ ହୃଦୟଙ୍ଗମ କରି ଲେଖିବ। ବାସ ଅନ୍ୟର ଲେଖା ଚୋରି କରି ପ୍ରଶଂସାପତ୍ର ଖାଲି ଗୋଟେଇବ ହେଲେ ତା ମୁଣ୍ଡରେ ଖାଲି ଗୋବର ରହିଥିବ। ଲୋକ ଲୋଚନରେ ଯଦି ପ୍ରକୃତ ଲେଖକକୁ ଦେଖିବ। ତାଙ୍କର ସେହି ଲେଖା ଲେଖିବାର ପ୍ରକୃତ ଉଦେଶ୍ୟ କଣ ଥିଲା ବୋଲି ଯଦି ପ୍ରଶ୍ନ ପଚାରିବ। ସେ ସରଳ ଭାବରେ ଉତ୍ତର ଦେଇଦେବେ ହେଲେ ସମ୍ପାଦକୀୟ ଚୋର ମାନେ ଲୋକଙ୍କ ପ୍ରଶ୍ନ ଶୁଣିଲେ ଅନ୍ୟ କେଉଁଆଡେ ମୁହଁ ବୁଲେଇବେ। ଆଉ ନିଜକୁ ଅଭିଜ୍ଞ ଲେଖକ କହି ସବୁଠି ମଥା ଉପରକୁ କରି ଚାଲୁଥିବେ। ଅନେକ ସମୟରେ ଦେଖିଛି ନିଜକୁ ଅଭିଜ୍ଞ କହି ଅନ୍ୟର ଲେଖାକୁ ଚୋରି କରୁଥିବାର। ଏଠି ପ୍ରତିଭାକୁ ହତ୍ୟା କରି କିଛି ସମ୍ପାଦକୀୟ ଚୋରଙ୍କୁ ପ୍ରତିଭା ଲେଖକ ଲେଖିକା ମାନଙ୍କ ସ୍ଥାନ ଦିଆଯାଉଛି। ଆଉ ଚୋର ମୁହଁ ଟାଣରେ କହୁଛି ମୁଁ ଏହି ଲେଖା ଲେଖିଛି। ହୁଏତ କିଛି ସମ୍ପାଦକୀୟ ଲେଖାରୁ ତମେ ସେହି ଲେଖକର ନାଁ ହଟେଇ ତୁମେ ସେହି ସମ୍ପାଦକୀୟ ପୃଷ୍ଠାରେ ତମେ ତୁମ ନାଁ ଯୋଡି ପାର କିନ୍ତୁ ଲେଖକ ଭାବନା ତୁମେ କେବେ ଛଡେଇ ଆଣିପାରିବନି। ହୁଏତ ସେଦିନ ମୁଁ ଟିକେ ଭାବୁକ ହୋଇଯାଇଥିଲି ସେଥିପାଇଁ ଚୋରି କର ବଡ଼ ହୁଅ ସମ୍ପାଦକୀୟ ଚୋର ବୋଲି ଲେଖିଦେଇଥିଲି କିନ୍ତୁ ଜଣେ ସାର ତାଙ୍କର ମତ ଦେଇଥିଲେ। ଏଥିରେ ଅସୁବିଧା କେଉଁଠି ରହିଲା। ଲେଖା ଲେଖାଯାଏ ସମାଜ ପାଇଁ, ସମାଜର ହିତ ପାଇଁ, ଆଜକା ପେପର କାଲକା ଠୁଙ୍ଗା। ଯଦି ତୁମ ଲେଖାକୁ କେହି ଚୋରି କରୁଛି ତାକୁ ତା ନାଁରେ ଯଦି ପ୍ରଚାର କରୁଛି ତାହାଲେ ଏହା ବହୁତ ଭଲ କଥା। ଏଥିସହିତ ସେ ମୋତେ ଗୋଟେ ଭଲ ଉଦାହରଣ ଦେଇ କହିଥିଲେ।ମୁଁ ଛୋଟବେଳେ ଅନେକ ଡ୍ରାମାରେ ବିଭିନ୍ନ ଭୂମିକାକୁ ନେଇ ଅଭିନୟ କରିଛି ଯେମିତିକି ରାମ, ଲକ୍ଷ୍ମଣ, ରାବଣ, କୃଷ୍ଣ, ଅର୍ଜୁନ, ଅକ୍ରୁର ଏମିତି ବିଭିନ୍ନ ଭୂମିକାରେ ଅଭିନୟ କରିଛି। କାହିଁ ସେମାନେ ମୋତେ କେବେ କହି ନାହାଁନ୍ତି ତୁମ ଆମ ନକଲ କାହିଁକି କରୁଛ। ମୋତେ ଏମିତି ଅଭିନୟ କରିବାକୁ ଭଲ ଲାଗୁଥିଲା ତେଣୁ ମୁଁ ବିଭିନ୍ନ ଭୂମିକାକୁ ଗୁରୁତ୍ୱ ଦେଉଥିଲି ଆଉ ସେହି ଅନୁଯାୟୀ ମୁଁ ଡ୍ରାମାରେ ଅଂଶ ଗ୍ରହଣ କରୁଥିଲି। ଠିକ ସେମିତି ଯଦି କେହି ତୁମ ଲେଖାକୁ ଚୋରି କଲେଣି ତେବେ ତୁମେ ଖୁସି ହୋଇଯାଅ ତୁମେ ସଫଳତାର ଶୀର୍ଷକରେ ପହଂଚି ଗଲଣି। ଏଥିରେ ଦୁଃଖ କରିବାର କିଛି କଥା ନାହିଁ ବରଂ ଖୁସି ହୁଅ ଲେଖିବା ଜାରି ରଖ। ସେ ଏକଥା ମଧ୍ୟ କହିଥିଲେ ଏ ଦୁନିଆ ଯାକରେ ଅଧାରୁ ଅଧିକ ସମ୍ପାଦକୀୟ ଚୋର ବାହାରିବେ। ସେଥିରେ ତୁମେ ଉଦାସ ହେବା ଉଚିତ ନୁହେଁ। ସେଇଠୁ ମୁଁ ସାରଙ୍କୁ କହିଲି ଏହା କେବଳ ମୋ କ୍ଷେତ୍ରରେ ହୋଇନି ଏହା ଅନେକ ଲେଖକଙ୍କ କ୍ଷେତ୍ରରେ ଘଟିଛି। ମୋ ଲେଖା ଚୋରି ହେଲା ଠିକ ଅଛି କିନ୍ତୁ ଅନ୍ୟ ଲେଖକ ମାନେ ଯେଉଁ ଲେଖୁଛନ୍ତି ତାଙ୍କ ଲେଖାକୁ ଏମିତି ଚୋରି କରିବା କଣ ଠିକ କି। ଆପଣ କୁହନ୍ତୁ ଆପଣ ଯେଉଁ କହିଲେ ଏହା ଖୁସିର କଥା।

ସତ କହିବାକୁ ଗଲେ ଏମିତି କିଛି ଲେଖକ ଅଛନ୍ତି ଯେଉଁମାନେ ଅନେକ ସମୟରେ ନିଜକୁ ଅଭିଜ୍ଞ କହି ଅନ୍ୟର ଲେଖାକୁ ଚୋରେଇ ନିଜ ନାଁ କହିବାର କୌଶଳ ଜାଣନ୍ତି। ନୂଆ ଲେଖକ ଲେଖିକା ମାନଙ୍କ ଲେଖାକୁ ସତେ ଯେମିତି ଏମାନେ ତଣ୍ଟି ଚିପି ହତ୍ୟା କରନ୍ତି। ହେଲେ ସେମାନେ ଭୁଲି ଯାଇଥାନ୍ତି ସେମାନେ ଅନ୍ୟର ସମ୍ପାଦକୀୟ ଲେଖାକୁ ଚୋରି କରି ନିଜସ୍ୱ ଢଙ୍ଗରେ ସମ୍ପାଦକୀୟ ଲେଖିବା ପ୍ରଣାଳୀଙ୍କୁ ହତ୍ୟା କରିଥାନ୍ତି। ହୁଏତ ସମ୍ପାଦକୀୟ ଚୋରଙ୍କ ମୁହଁ ଟାଣ ହୋଇଥାଏ କିନ୍ତୁ ପ୍ରକୃତ ଲେଖକ ତାଙ୍କ ଲେଖିବା ଜାରି ରହିଥାଏ।

ତେଣୁ ଲେଖକର ଲେଖା ସ୍ୱତନ୍ତ୍ର ହୋଇଥାଏ। ସେ ଲେଖାକୁ ଯେତେ ଯିଏ ଚୋରେଇ ନିଜ ନାଁରେ ଛାପିଲେ ମଧ୍ୟ ନିଜ ଜ୍ଞାନର ବିକାଶ ହୁଏନି ବରଂ ସମାଜ ଆଗରେ ଆପଣଙ୍କୁ ସମ୍ପାଦକୀୟ ଚୋରର ଆଖ୍ୟା ମିଳିଥାଏ। ସବୁବେଳେ ନିଜସ୍ୱ ଢଙ୍ଗରେ ଲେଖନ୍ତୁ ସମାଜକୁ ସଚେତନର ବାର୍ତ୍ତା ଦିଅନ୍ତୁ। ଗୋଟେ ପ୍ରକୃତ ଲେଖକ ଯେମିତି ସବୁବେଳେ ସଜାଗ ରୁହେ ସେ ସମାଜକୁ କେମିତି ନୂଆ ବାର୍ତ୍ତା ଦେବ। କିପରି ଲୋକଙ୍କ ସମସ୍ୟା କିଛି ଦୂର ହେବ ଠିକ ସେହିପରି ଯେଉଁମାନେ ସମ୍ପାଦକୀୟ ପୃଷ୍ଠାରୁ ଅନ୍ୟର ଲେଖାକୁ ଚୋରି କରୁଛନ୍ତି ସେମାନେ ଅନ୍ୟର ଲେଖାକୁ ଚୋରି ନକରି ନିଜେ କିଛି ଲେଖିବାକୁ ଚେଷ୍ଟା କରନ୍ତୁ। ଆଗ ଲୋକଙ୍କ ସହ ମିଶନ୍ତୁ। ଲୋକଙ୍କ ଭାବନାକୁ ବୁଝନ୍ତୁ। ନିଜେ ସଜାଗ ରହିବା ସହ ଅନ୍ୟ ମାନଙ୍କୁ ପ୍ରତ୍ୟେକଟି କ୍ଷେତ୍ରରେ ସଜାଗ ରହିବାକୁ ନିଜ କଲମ ଚାଳନା କରନ୍ତୁ। ହେଲେ କିଛିଟା ସମ୍ମାନ ପାଇବା ପାଇଁ ଅନ୍ୟର ସମ୍ମାନକୁ କିଣିବାକୁ ଚେଷ୍ଟା କରନ୍ତୁନି। ନିଜ ଜ୍ଞାନକୁ କେବେ ବିକି ହୁଏନି। ଅନ୍ୟର ସମ୍ମାନକୁ କେବେ ନିଜ ସମ୍ମାନ ବୋଲି କହି ହୁଏନି କିନ୍ତୁ ସମ୍ପାଦକୀୟ ଚୋର ମାନଙ୍କ ପାଇଁ ସବୁ ସମ୍ଭବ ହୋଇଥାଏ। କିଛି ଲେଖକଙ୍କ ପାଖରେ ଟଙ୍କା ନଥାଏ କିନ୍ତୁ ଏହିଭଳି ଲେଖକଙ୍କ ପାଖରେ ଟଙ୍କା ଥାଏ ବୋଲି ବଡ଼ ବଡ଼ ମଞ୍ଚରୁ ଏମାନଙ୍କ ପାଖକୁ ଡାକରା ଆସୁଥାଏ। ଯଦିଓ ସବୁ ସଂଗଠନ ସମାନ ନୁହଁନ୍ତି କିନ୍ତୁ କିଛି ସଂଗଠନ ପ୍ରତିଭା ଦେଖି ପ୍ରକୃତ ଲେଖକଟିକୁ ଉଚିତ ସମ୍ମାନ ଦିଅନ୍ତି। ହେଲେ ସେହି ସମ୍ପାଦକୀୟ ଚୋରଙ୍କ ମେଳରେ ଆଉ କିଛି ସଂଗଠନ କେବଳ ସେ ଚୋରଙ୍କ ହାତରେ ସମ୍ମାନପତ୍ର ଧରେଇ ଦେଇଥାଆନ୍ତି। ଯେମିତିକି ଟଙ୍କା ଦିଅ ସମ୍ମାନୀତ ହୁଅ। ସେଥିପାଇଁ ଆଜିର ଦିନରେ ପ୍ରକୃତ ଲେଖକ ଲୁଚୁଛି ଚୋର ବାଃ ବାଃ ପାଉଛି।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ରକେଟ୍ ମାଡ଼ରେ ହେଜବୁଲ୍ଲାର ଟପ୍ କମାଣ୍ଡର ମୃତ



**ବିରୁଟ, ୨୭।୯:** ପାଲେଷ୍ଟାଇନ ସମର୍ଥିତ ହମାସ ଓ ଇସ୍ରାଏଲ ଯୁଦ୍ଧ ଧୀରେ ଧୀରେ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି। ଏହି ବିବାଦ ଏବେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଘନୀଭୂତ ହୋଇଛି। ହମାସର ଶକ୍ତିକୁ ଦୁର୍ବଳ କରିବା ପରେ ଏବେ ଇସ୍ରାଏଲର ଟାର୍ଗେଟରେ ରହିଛି ଲେବାନନର ସମର୍ଥିତ ହେଜବୁଲ୍ଲା ସଂଗଠନ। ନିକଟରେ ହେଜବୁଲ୍ଲାକୁ ଟାର୍ଗେଟ କରି ଲେବାନନ ଉପରେ ଶହ ଶହ ରକେଟ ମାଡ଼ କରିଥିଲା ଇସ୍ରାଏଲ। ଏଥିରେ ପାଖାପାଖି 600 ଲୋକଙ୍କ ମୃତ୍ୟୁ ଘଟି ଥିବାବେଳେ ହଜାର ହଜାର ଲୋକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ହେଜବୁଲ୍ଲାର ଡ୍ରୋନ୍ କମାଣ୍ଡରର ମୃତ୍ୟୁ ହୋଇଛି। ଗୁରୁବାର ବେରୁଟରେ ଇସ୍ରାଏଲର ଆକ୍ରମଣରେ ହେଜବୁଲ୍ଲାର ଟପ୍ କମାଣ୍ଡର ମହମ୍ମଦ ହୁସେନ ସୁରୋରର ମୃତ୍ୟୁ ହୋଇଥିବା ଜାତୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

ସେପଟେ, ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଙ୍ଘର ସାଧାରଣ ସଭାରେ ନେତାନ୍ୟାହୁ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ହେଜବୁଲ୍ଲାର ସମସ୍ତ ଶକ୍ତି ଶେଷ ନ କରିବା ପର୍ଯ୍ୟନ୍ତ ଆମେ ଚୁପ୍ ବସିରହିବୁ ନାହିଁ। ଆମେ ଆମ ଗୋଲରେ ନ ପହଞ୍ଚିବା ଯାଏ ଅସ୍ତ୍ରବିରତି କରିବାକୁ ନାହିଁ ବୋଲି ନେତାନ୍ୟାହୁ କହିଛନ୍ତି।

**ଜମି ଦୁର୍ନୀତି ଅଭିଯୋଗ**

# କୁମାରସ୍ୱାମୀଙ୍କୁ ଦୋଷ ଲଦିଲେ ସିଦ୍ଧରମେୟା



**ବେଙ୍ଗାଲୁରୁ, ୨୭।୯:** ମୁଡା ଜମି ଦୁର୍ନୀତି ଅଭିଯୋଗରେ ଫସିଥିବା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ତାଙ୍କ ବିରୋଧରେ ରାଜନୈତିକ ଷଡ଼ଯନ୍ତ୍ର ଚାଲିଛି ବୋଲି କହିଛନ୍ତି। ଏଥିଲାଗି ସେ କେନ୍ଦ୍ରମନ୍ତ୍ରୀ ଏଚ ଡି କୁମାରସ୍ୱାମୀଙ୍କୁ ଦୋଷ ଦେଇଛନ୍ତି। ତାଙ୍କୁ ଏହି ମିଥ୍ୟା ଅଭିଯୋଗରେ ଫସାଇବାକୁ କୁମାରସ୍ୱାମୀ ବିଧିବଦ୍ଧ ଷଡ଼ଯନ୍ତ୍ର କରିଥିବା ସିଦ୍ଧୁ କହିଛନ୍ତି। ତେବେ ସେ ଏଥିରେ ଭୟଭୀତ ନୁହଁନ୍ତି। ସତ ଦିନେ ପଦାକୁ ବାହାରିବ। ଏଥିଲାଗି ସେ ଯେ କୌଣସି ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ତାଙ୍କ ବିରୋଧରେ ମାମଲା ଲାଗି ରାଜ୍ୟପାଳ ତୱରଚାନ୍ଦ ଗେହଲଟ ଅନୁମତି ଦେଇଛନ୍ତି। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଛନ୍ତି। ଏହା ସହିତ ଜମି ଦୁର୍ନୀତିର ତଦନ୍ତ ଲାଗି ଲୋକାୟୁକ୍ତ ପୋଲିସକୁ ସ୍ୱତନ୍ତ୍ର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାଳେ ସିବିଆଇ ତାଙ୍କ ବିରୋଧରେ ତଦନ୍ତ କରି ତାଙ୍କୁ ବାନ୍ଧିବ ସେଥିଲାଗି ରାଜ୍ୟର ଅନୁମତି ବିନା ସିବିଆଇ ଯେ କୌଣସି ମାମଲାରେ ପଶିପାରିବ ନାହିଁ ବୋଲି ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ମାତ୍ର ଗୋଟିଏ ଘଣ୍ଟାରେ ରେକର୍ଡ ୫ ଲକ୍ଷ ଚାରାରୋପଣ




ନୂଆଦିଲ୍ଲୀ,୨୭।୯: ବିଶ୍ୱ ପରିବେଶ ଦିବସ, ୫ ଜୁନ୍ ୨୦୨୪ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ ବୋଧି ବୃକ୍ଷର ଚାରା ରୋପଣ କରି 'ମାଆଙ୍କ ନାମରେ ଗୋଟିଏ ଗଛ' ନାମକ ଅଭିନବ

**'ମାଆଙ୍କ ନାମରେ ଗୋଟିଏ ଗଛ ଅଭିଯାନ'**

ଅଭିଯାନର ଶୁଭାରମ୍ଭ କରିଥିଲେ। ପରିବେଶର ବିକାଶ ପାଇଁ ଏହି ସାମୂହିକ ଅଭିଯାନକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। 'ମାଆଙ୍କ ନାମରେ ଗୋଟିଏ ଗଛ' ଏକ ପ୍ରତୀକାତ୍ମକ ଅଭିଯାନ। ଏହାଦ୍ୱାରା ଦୁଇଟି ଉଦ୍ଦେଶ୍ୟ ସାଧନ ହେଉଛି। ଗୋଟିଏ ହେଲା ଜଣଙ୍କ ଜୀବନରେ ମାଆଙ୍କ ଭୂମିକାକୁ ସମ୍ମାନ ଦେବା ଏବଂ ଅନ୍ୟଟି ହେଲା ସମଗ୍ର ବିଶ୍ୱର ସ୍ୱାସ୍ଥ୍ୟ ପ୍ରତି ଅବଦାନ ରଖିବା। ବୃକ୍ଷ ଠିକ୍ ମାଆଙ୍କ ଭଳି ପରବର୍ତ୍ତୀ ପିଢ଼ିକୁ ସୁରକ୍ଷିତ ରଖିଥାଏ।

## ବନ୍ୟା ପାଣିରେ ଅଟକିଲା ବସ୍ ଉଦ୍ଧାର ପାଇଁ ଯାଇଥିବା ଟ୍ରକ୍ ବି ଫସିଲା

ପାଟନା, ୨୭।୯: ଗତ କିଛି ଦିନ ହେଲା ଜଳବନ୍ଦୀ ହୋଇଛି ଗୁଜରାଟ। ଲଗାଣ ବର୍ଷା ଯୋଗୁ ସବୁ ଅଞ୍ଚଳ ଜଳମଗ୍ନ। ପ୍ରବଳ ବର୍ଷା ହେତୁ ଜଳପ୍ରଳୟ ହୋଇ ଅଧା ରାଜ୍ୟ ପାଣିରେ ବୁଡ଼ି ଯାଇଛି। ଏପରି ସ୍ଥିତିରେ ଗତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଚାରିଆଡ଼େ ଜଳମଗ୍ନ ହୋଇ ଯାଇଥିବା ବେଳେ ପ୍ରଖର ଜଳସ୍ରୋତରେ ଫସିଗଲା ଏକ ଯାତ୍ରୀବାହୀ ବସ୍। ଏପରି ଏକ ଘଟଣା ଗୁଜରାଟର ଭାବନଗରରେ ଘଟିଛି। ଭାବନଗର ଦେଇ ପ୍ରବାହିତ ହେଉଥିବେ ମାଳେଶ୍ରୀ ନଦୀର ଜଳସ୍ତର ଏବେ ଖୁବ୍ ବୃଦ୍ଧି ପାଇ ପାଣି ଜଳବସତି ଅଞ୍ଚଳକୁ ମାଡ଼ି ଯାଇଛି। ଏପରି ସ୍ଥିତିରେ ଗତ ରାତିରେ ୨୯ ଯାତ୍ରୀଙ୍କୁ ଧରି ଉକ୍ତ ରାସ୍ତା ଅତିକ୍ରମ କରୁଥିବା ଏକ ବସ୍ ପାଣିରେ ଫସି ଯାଇଥିଲା। ଫଳରେ ଉଦ୍ଧାର ପାଇଁ ଯାତ୍ରୀମାନେ ଆର୍ତ୍ତ ଚିତ୍କାର କରିଥିଲେ। ଖବର ପାଇ NDRFର ଏକ ଟିମ୍ ଉଦ୍ଧାର କାର୍ଯ୍ୟ ନିମନ୍ତେ ଏକ ଟ୍ରକ୍ ସହ ଘଟଣାସ୍ଥଳରେ ପହଞ୍ଚିଲେ। ବସ୍‌ରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଟ୍ରକ୍‌କୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଏହାପରେ ଟ୍ରକ୍‌ଟି ପାଣିରେ ଫସି ଯାଇଥିବା ବେଳେ ଆଉ ଫେରି ପାରି ନ ଥିଲା। ଏହା NDRF ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଛିଡ଼ା ହେଲା। ଏହାପରେ ତୁରନ୍ତ ମାନବ ଶୃଙ୍ଖଳ କରାଯାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଅଣାଗଲା। ଉଦ୍ଧାର ହୋଇଥିବା ସମସ୍ତ ଯାତ୍ରୀ ତାମିଲନାଡୁ ବାସିନ୍ଦା ବୋଲି ଜଣାଯାଇଛି।



## ବାଂଲାଦେଶୀ ପର୍ଣ୍ଣ ଷ୍ଟାରଙ୍କୁ ବାନ୍ଧିଲା ମହାରାଷ୍ଟ୍ର ପୁଲିସ

**ନୂଆଦିଲ୍ଲୀ, ୨୭।୯:** ବେଆଇନ ଭାବେ ଭାରତରେ ରହୁଥିବା ଅଭିଯୋଗରେ ବାଂଲାଦେଶୀ ପର୍ଣ୍ଣ ଷ୍ଟାର ରିୟା ବର୍ଡେ ଓରଫ ଆରୋହୀ ବର୍ଡେ ଓରଫ ବନ୍ନା ଶେଖଙ୍କୁ ଗିରଫ କରିଛି ମହାରାଷ୍ଟ୍ର ପୁଲିସ। ମୁମ୍ବାଇଠାରୁ ପ୍ରାୟ ୫୦ କିମି ଦୂର ଉଲ୍ଲାସନଗରର ହିଲ୍ ଲାଇନ ଥାନା ପୁଲିସ ତାଙ୍କୁ ଗିରଫ କରିଛି। ରିୟା ବର୍ଡେ ବାଂଲାଦେଶୀ ହୋଇଥିବା ବେଳେ ନକଲି କାଜଗପତ୍ର ଦେଇ ଭାରତରେ ରହୁଛନ୍ତି। କେବଳ ସେ ନୁହନ୍ତି, ତାଙ୍କ ସହିତ ତାଙ୍କ ମା', ଭଉଣୀ ଓ ଭାଇ ମଧ୍ୟ ବେଆଇନ ଭାବେ ଭାରତରେ ରହୁଛନ୍ତି। ରିୟାଙ୍କ ବ୍ୟତୀତ ପୁଲିସ ତାଙ୍କ ମା' ଅଞ୍ଜଳି ବର୍ଡେ ଓରଫ ରୁବି ଶେଖ, ବାପା ଅରବିନ୍ଦ ବର୍ଡେ, ଭାଇ ରବୀନ୍ଦ୍ର ଓରଫ ରିୟାଜ ଶେଖ ଓ ଭଉଣୀ ରିତୁ ଓରଫ ମୋନି ଶେଖଙ୍କ ନାଁରେ ମାମଲା ରୁଜୁ କରିଛି। ତାଙ୍କ ବାପାମା' ଏବେ କତାରରେ ଥିବା ଜଣାପଡ଼ିଛି। ହେଲେ ତାଙ୍କ ଭାଇ ଓ ଭଉଣୀ ଫେରାର ହୋଇଯାଇଛନ୍ତି। ରିୟା ଭାରତୀୟ ନୁହନ୍ତି ଓ ସେ ବେଆଇନ ଭାବେ ଭାରତରେ ରହୁଛନ୍ତି ବୋଲି ତାଙ୍କ ବନ୍ଧୁ ପ୍ରଶାନ୍ତ ମିଶ୍ରା ପୁଲିସରେ ଅଭିଯୋଗ କରିଥିଲେ।

**ଦିଲ୍ଲୀ ବାୟୁ ପ୍ରଦୂଷଣ**

## ଅବହେଳା ଲାଗି ସୁପ୍ରିମକୋର୍ଟ ବର୍ଷିଲେ

**ନୂଆଦିଲ୍ଲୀ, ୨୭।୯:** ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା (ଏୟାର କ୍ୱାଲିଟି) ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହାର ସମାଧାନ ଲାଗି କମିଶନ ପର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ ଏ ଯାବତ କୌଣସି କମିଟି ଗଠନ କରିନଥିବାରୁ ସୁପ୍ରିମକୋର୍ଟ ଏହାକୁ ନେଇ ବର୍ଷିଛନ୍ତି। ଜଷ୍ଟିସ ଏସ.ଓକା ଏବଂ ଜଷ୍ଟିସ ଏ ଜି ମସିଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀର ଏୟାର କ୍ୱାଲିଟି ନେଇ ଉଦବେଗ ପ୍ରକାଶ କରିବା ସହ ମ୍ୟାନେଜମେଣ୍ଟ ଏଥିନେଇ କ'ଣ କରୁଛି ବୋଲି ପ୍ରଶ୍ନ କରିଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ରୋକିବା ଲାଗି ମ୍ୟାନେଜମେଣ୍ଟ କେଉଁ ଗୋଟିଏ ପଦକ୍ଷେପ ନେଇଛି ସେ ସମ୍ପର୍କରେ ଜଣାଇବାକୁ ସୁପ୍ରିମକୋର୍ଟ କହିଛନ୍ତି। ସିଏକ୍ୟୁଏମ ଚେୟାରମ୍ୟାନ ରାଜେଶ ବର୍ମା କହିଛନ୍ତି ଯେ, ପ୍ରତି ତିନି ମାସରେ ଥରେ ବୈଠକ ବସି ସ୍ଥିତି ସମୀକ୍ଷା କରୁଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନରାଲ ଐଶର୍ଯ୍ୟା ଭଟ୍ଟି କହିଥିଲେ ଯେ, ବର୍ତ୍ତମାନର ଚେୟାରମ୍ୟାନ ମାତ୍ର ଦୁଇ ସପ୍ତାହ ତଳେ ଯୋଗ ଦେଇଛନ୍ତି। ତେଣୁ ସ୍ଥିତି ସମୀକ୍ଷା ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତାଙ୍କୁ କିଛି ସମୟ ଦିଆଯିବା ଉଚିତ।



## ୟୁଟ୍ୟୁବର ଏଲଭିଶ୍ ଯାଦବ ଓ ପଞ୍ଜାବୀ ସିଙ୍ଗର ରାହୁଲ ଯାଦବଙ୍କ ସମ୍ପତ୍ତି ଜବତ

**ନୂଆଦିଲ୍ଲୀ, ୨୭।୯:** ବିଗ୍ ବସ୍ ଓଟିଟି ବିଜେତା ତଥା ଫେମସ ୟୁଟ୍ୟୁବର ଏଲଭିଶ ଯାଦବଙ୍କ ଅଡୁଆ ବଢ଼ିଲା। ଏଲଭିଶଙ୍କ ସମ୍ପତ୍ତି ଆଟାଚ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ରେଭ୍ ପାର୍ଟିକୁ ଏଲଭିଶ ସାପ ବିଷ ସପ୍ଲାଏ କରୁଥିବା ବେଳେ କମର୍ସିଆଲ୍ ଭିଡିଓ ଓ ବ୍ଲଗ୍‌ରେ ସଂରକ୍ଷିତ ସାପ ପ୍ରଜାତି ଓ ବିଦେଶୀ ପଶୁଙ୍କୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ଏଥିରୁ ହେଉଥିବା ରୋଜଗାର ସଂକ୍ରାନ୍ତରେ ପଚରାଉଚରା କରି ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିଛି ଇଡି। ଏଲଭିଶ ଯାଦବଙ୍କ ସମେତ ହରିୟାଣା ସିଙ୍ଗର ରାହୁଲ ଯାଦବଙ୍କ ସମ୍ପତ୍ତି ବି ଆଟାଚ କରିଛି ଇଡି। ଉଭୟଙ୍କ ୫୨.୪୯ ଲକ୍ଷ ମୂଲ୍ୟର ସମ୍ପତ୍ତି ଆଟାଚ୍ କରିଛି ଇଡି। ଗତ ବର୍ଷ ସାପ ବିଷ ମାମଲାର ଖୁଲାସା ପରେ ନୋଏଡା ପୁଲିସ ୟୁଟ୍ୟୁବର୍ ଏଲଭିଶ ଯାଦବଙ୍କ ସମେତ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ରାହୁଲଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ହେବା ପରେ ରାହୁଲ ୟୁଟ୍ୟୁବର ଏଲଭିଶଙ୍କ କାରନାମା ବିଷୟରେ ପୁଲିସ୍ ସମ୍ମୁଖରେ ଖୁଲାସା କରିଥିଲେ। ସେତେବେଳେ ପୁଲିସ ୟୁଟ୍ୟୁବରକୁ ଅନେକ ଥର ପଚରାଉଚରା ପାଇଁ ଡାକିଥିଲା, କିନ୍ତୁ କୌ ଣସି ଗିରଫଦାରୀ ହୋଇପାରି ନଥିଲା। ଏହାପରେ ପୁଲିସ୍ ଏଲଭିଶ ଯାଦବଙ୍କୁ ଗିରଫ କରିଥିଲା। ଏବେ ଇଡି ଉତ୍ତରପ୍ରଦେଶ ଓ ହରିୟାଣାରେ ଥିବା ଏଲଭିଶ ଯାଦବ ଓ ରାହୁଲଙ୍କ ସମ୍ପତ୍ତି ଜବତ କରିଛି। ଏଲଭିଶ ଯାଦବ ରେଭ୍ ପାର୍ଟି ପାଇଁ ସାପର ବିଷ ସପ୍ଲାଏ କରୁଥିଲେ ଏବଂ ତାଙ୍କ ଭିଡିଓ ସୁଟ୍ ପାଇଁ ସାପ ମଧ୍ୟ ବ୍ୟବହାର କରୁଥିବା ଅଭିଯୋଗ ରହିଛି।



## ଷ୍ଟଣ୍ଟ ସିନ୍ ଦେଖାଇବା ବେଳେ କେନାଲକୁ ଖସି ପଡ଼ିଲା କାର୍

**ନୂଆଦିଲ୍ଲୀ, ୨୭।୯:** ଆଖି ପିଛୁଳାକେ ଗତି କରୁଥିଲା କାର୍। ଆଉ ସେହି ଚଳନ୍ତା କାର୍‌ରେ ଷ୍ଟଣ୍ଟ ସିନ୍ ଦେଖାଉଥିଲେ ୫ ଯୁବକ। ଦେଖୁଦେଖୁ ଏହାର ପରିଣାମ ହେଲା ଭୟଙ୍କର। ଏକ ଉଛୁଳା କେନାଲରେ ପଶିଗଲା କାର୍। ଅଗ୍ନିଶମ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ବହୁ କଷ୍ଟରେ ଉଛୁଳା କେନାଲରୁ ୫ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଏହାପରେ ଘଟଣାର ତଦନ୍ତ କରି ପୁଲିସ୍ କାର୍‌କୁ ଜବତ କରିବା ସହ ସମସ୍ତ ଯୁବକଙ୍କୁ ବାନ୍ଧିଛି। ଏପରି ଏକ ଘଟଣା ଉତ୍ତରପ୍ରଦେଶର ଚନ୍ଦୋଲି ଅଞ୍ଚଳରେ ଘଟିଛି। ଯାଞ୍ଚ ସମୟରେ ଜଣାପଡ଼ିଲା ଯେ, ସମ୍ପୃକ୍ତ ୫ ଯୁବକ ଏକ ପାର୍ଟିରୁ ଫେରୁଥିଲେ। ଉକ୍ତ ସମୟରେ ସେମାନେ ରାସ୍ତାରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ବେଳେ ଷ୍ଟଣ୍ଟ ସିନ୍ ଦେଖାଉଥିଲେ। ଫଳରେ ଅସାବଧାନତାବଶତଃ ଗାଡ଼ିଟି ଏକ କେନାଲକୁ ଖସି ପଡ଼ିଥିଲା। । ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପରେ ବହୁ କଷ୍ଟରେ ସମସ୍ତ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

**ବନ୍ଧାହେଲେ ୫ ଯୁବକ**

## କୋଲକାତା ବିମାନବନ୍ଦରରେ ଜରୁରୀ ଅବତରଣ କଲା ଇରାକ ବିମାନ

**କୋଲକାତା, ୨୭।୯:** କୋଲକାତା ବିମାନବନ୍ଦରରେ ଇରାକର ଏକ ବିମାନ ଜରୁରୀ ଅବତରଣ କରିଛି। ଚୀନ୍ ଯାଉଥିବା ଏହି ବିମାନଟି ଆଜି ସକାଳେ କୋଲକାତା ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ବିମାନ ମଧ୍ୟରେ ଜଣେ ଯାତ୍ରୀ ଅସୁସ୍ଥ ହୋଇ ପଡ଼ିବାରୁ ଜରୁରୀ ଅବତରଣ କରାଯାଇଥିଲା। କିନ୍ତୁ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ସୂଚନା ଅନୁସାରେ, ଇରାକର ରାଜଧାନୀ ବାଗଦାଦରୁ ଚାଇନାର ଗୁଆଙ୍ଗଜୋକୁ ଉଡ଼ାଣ ଭରିଥିଲା ଆଇଏ-୪୭୩ ବିମାନ। ବିମାନରେ ୧୫ ଜଣ କ୍ରୁ ସଦସ୍ୟଙ୍କ ସହ ୧୦୦ ଜଣ ଯାତ୍ରୀ ଥିଲେ। ଉଡାଣର କିଛି ସମୟ ପରେ ଜଣେ ୧୬ ବର୍ଷୀୟ ଝିଅ ଅସୁସ୍ଥ ହୋଇ ପଡିଥିଲେ। ସେ ଚେତାଶୂନ୍ୟ ହୋଇ ତଳେ ପଡିଯିବାରୁ ବିମାନର ଜରୁରୀ ଅବତରଣ କରାଯାଇଥିଲା। ସକାଳ ପ୍ରାୟ ସାଢ଼େ ଦଶଟା ସମୟରେ କୋଲକାତା



ବିମାନ ବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ଅସୁସ୍ଥ ନାବାଳିକାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ଏନେଇ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି।

## ଚୀନର ପରମାଣୁ ଶକ୍ତିସମ୍ପନ୍ନ ସବ୍‌ମେରିନ ବୁଡ଼ିଯାଇଛି

**ଆମେରିକାର ଦାବି**

ୱାଶିଂଟନ, ୨୭।୯: ଚୀନର ଏକ ପରମାଣୁ ଶକ୍ତି ସମ୍ପନ୍ନ ସବମେରିନ ସମୁଦ୍ରରେ ବୁଡ଼ିଯାଇଛି ବୋଲି ଆମେରିକା ସେନାର ଜଣେ ବରିଷ୍ଠ ଅଧିକାରୀ ଦାବି କରିଛନ୍ତି। ଏହା ଚୀନ ପାଇଁ ଏକ ଲଜ୍ଜାକର ବିଷୟ। ଚୀନର ନୌସେନା ହେଉଛି ବିଶ୍ୱର ବୃହତ୍ତମ। ଚୀନ ନିକଟରେ ୩୭୦ ଯୁଦ୍ଧ ଜାହାଜ ରହିଛି। ଚୀନ ଏହାକୁ ଆହୁରି ଶକ୍ତିଶାଳୀ କରିବାକୁ ଲକ୍ଷ୍ୟ ରଖିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର ଲାଗି ଲକ୍ଷ୍ୟ ରଖିଥିବା ଚୀନ ନିଜସ୍ୱ ଜ୍ଞାନ କୌଶଳରେ ନିର୍ମାଣ କରିଥିବା ସବମେରିନ ବୁଡ଼ିଯିବା ବେଜିଂ ପାଇଁ ଏକ ଲଜ୍ଜାକର ବିଷୟ ହୋଇଛି। ଚୀନ ଏହାକୁ ଲୁଚାଇବାକୁ ଉଦ୍ୟମ କଲେ ମଧ୍ୟ ଏଥିରେ ସଫଳ ହୋଇପାରିନି। ନିଜର ପରିଚୟ ଗୋପନ ରଖି ଆମେରିକା ସେନାଧିକାରି କହିଛନ୍ତି ଯେ, ଗତ ଏପ୍ରିଲ-ମେ' ମଧ୍ୟ ଭାଗରେ ଏହି ଘଟଣା ଘଟିଛି। ଏହି ସବମେରିନ ନୂଆ ଜେନରେସନର ଥିଲା। ଯଦିଓ ୱାଶିଂଟନସ୍ଥିତ ଚୀନ ଦୂତାବାସ ପକ୍ଷରୁ ଏ ସମ୍ପର୍କରେ ସେମାନଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କୁହାଯାଇଛି, କିନ୍ତୁ ସାଟେଲାଇଟ ଚିତ୍ରରୁ ଏହା ସ୍ପଷ୍ଟ ହୋଇଛି। ଏକ କ୍ରେନ ସହାୟତାରେ ପାଣିରେ ବୁଡ଼ି ଯାଇଥିବା ସବମେରିନକୁ ଉଦ୍ଧାର କରାଯିବାର ଦୃଶ୍ୟ ସାଟେଲାଇଟ ଚିତ୍ରରୁ ସ୍ପଷ୍ଟ ଜଣାପଡ଼ିଛି।

## ସୁପର କମ୍ପ୍ୟୁଟର 'ପରମ ରୁଦ୍ର' ଲୋକାର୍ପିତ

**ସଙ୍ଗେସଙ୍ଗେ କରିବ ୫ ଶହ ବର୍ଷର କାଲକୁଲେସନ୍**

**ନୂଆଦିଲ୍ଲୀ, ୨୭।୯:** ମାତ୍ର କିଛି ମିନିଟରେ ହୋଇ ପାରିବ ୫ ଶହ ବର୍ଷର କାଲକୁଲେସନ୍। ସାଧାରଣ କମ୍ପ୍ୟୁଟରଠାରୁ ହଜାରେ ଗୁଣା ସ୍ପିଡରେ କରିବ କାମ । ଦେଶ ଉଦ୍ଦେଶ୍ୟରେ ଏଭଳି ୩ଟି ସୁପର କମ୍ପ୍ୟୁଟରକୁ ସମର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଯାହାର ନାଁ ରଖାଯାଇଛି 'ପରମ ରୁଦ୍ର'। ମହାଦେବଙ୍କ ରୁଦ୍ର ଅବତାର ନାଁରେ ଏହାର ନାମକରଣ କରାଯାଇଛି। ଦେଶ ପାଇଁ ଏହି ସୁପର କମ୍ପ୍ୟୁଟରର ଉପଲବ୍ଧି ମାଇଲଷ୍ଟୋନ୍ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନ୍ୟାସନାଲ ସୁପର କମ୍ପ୍ୟୁଟିଙ୍ଗ ମିଶନ ଅନ୍ତର୍ଗତ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ତିଆରି ହୋଇଛି ୩ଟି ସୁପର କମ୍ପ୍ୟୁଟର। ଏଥିପାଇଁ ଖର୍ଚ୍ଚ ହୋଇଛି ୧୩୦ କୋଟି। ଏହାକୁ ପୁଣେ, ଦିଲ୍ଲୀ ଏବଂ କୋଲକାତାରେ ନିୟୋଜିତ କରାଯିବ। ପରିବେଶ ଓ ଜଳବାୟୁ ସହ ବିଜ୍ଞାନ, ସ୍ୱାସ୍ଥ୍ୟ ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏହି ସୁପର କମ୍ପ୍ୟୁଟର ସହଯୋଗ କରିବ। ଏକାସଙ୍ଗେ ହଜାରେ କମ୍ପ୍ୟୁଟରର କାମ କରିବ ସୁପର କମ୍ପ୍ୟୁଟର 'ପରମ ରୁଦ୍ର'।




## ସ୍କୁଲର ଉନ୍ନତି ପାଇଁ ଛାତ୍ରଙ୍କୁ ବଳି, ୩ ଶିକ୍ଷକ ସମେତ ୫ ଗିରଫ

**ଲକ୍ଷ୍ନୌ, ୨୭।୯:** ସ୍କୁଲର ଉନ୍ନତି ପାଇଁ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ଦିଆଯାଇଛି ବଳି। ଘଟଣାଟି ଘଟିଛି ଉତ୍ତର ପ୍ରଦେଶର ହାଥରସ ଜିଲ୍ଲାର ରସଗାଓଁରେ। ମୃତ ଛାତ୍ରଙ୍କ ନାଁ କୃତାର୍ଥ କୁଶୱାହା। ସେ ରସଗାଓଁର ଡିଏଲ ପବ୍ଲିକ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢ଼ୁଥିଲେ। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଡିଏଲ ପବ୍ଲିକ ସ୍କୁଲର ମାଲିକ ଯଶୋଧନ ସିଂହ ଓ ତାଙ୍କ ପୁଅ ତଥା ସ୍କୁଲର ନିର୍ଦ୍ଦେଶକ ଦୀନେଶ ସିଂହ। ଗିରଫ ଅନ୍ୟ ତିନି ଅଭିଯୁକ୍ତ ହେଉଛନ୍ତି ସ୍କୁଲର ଶିକ୍ଷକ। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯଶୋଧନ ସିଂହ ଗୁଣିଗାରେଡ଼ି ଉପରେ ବିଶ୍ୱାସ କରନ୍ତି। ତେଣୁ ସ୍କୁଲର ଉନ୍ନତି ପାଇଁ ସେ ଶିଶୁ ବଳି ଦେବା ପାଇଁ ଚାହୁଁଥିଲେ। ଯୋଜନା ମୁତାବକ ଅଭିଯୁକ୍ତମାନେ ସ୍କୁଲ ବାହାରେ ଏକ ନଳକୂଅ ନିକଟରେ କୃତାର୍ଥଙ୍କୁ ମାରିଥା'ନ୍ତେ। କିନ୍ତୁ ସେମାନେ ତାଙ୍କୁ ହଷ୍ଟେଲରୁ ଉଠାଇ ନେଉଥିବା ବେଳେ ସେ ଚିତ୍କାର କରିଥିଲେ। ସେଥିପାଇଁ ଅଭିଯୁକ୍ତମାନେ ସେହିଠାରେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ସ୍କୁଲ ପାଖରୁ ଗଣିଗାରେଡିରେ ବ୍ୟବହୃତ କିଛି ଜିନିଷ ପାଇଥିଲା। ପୁଲିସ ସେଗୁଡ଼ିକୁ ଜବତ କରିଛି।

କୃତାର୍ଥଙ୍କ ବାପା କୃଷ୍ଣ କୁଶୱାହା କହିଛନ୍ତି ଯେ ସୋମବାର ସକାଳେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଫୋନ୍ କରିଥିଲେ। ତାଙ୍କ ପୁଅ ଅସୁସ୍ଥ ହୋଇପଡ଼ିଥିବା ସେମାନେ କହିଥିଲେ। ଖବର ପାଇବା ପରେ ସେ ହଷ୍ଟେଲରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ କର୍ମଚାରୀମାନେ କହିଥିଲେ ଯେ ତାଙ୍କ ପୁଅଙ୍କୁ ସ୍କୁଲର ନିର୍ଦ୍ଦେଶକ ନିଜ କାରରେ ଡାକ୍ତରଖାନା ନେଇ ଯାଇଛନ୍ତି। ପୁଅକୁ ସାଦାବାଦ ନିଆଯାଇଥିବା ଜାଣିବା ପରେ ସେ ସେଠାକୁ ଯାଇଥିଲେ। ସେଠାରେ ସ୍କୁଲ ନିର୍ଦ୍ଦେଶକଙ୍କ କାରରେ ତାଙ୍କ ପୁଅ କୃତାର୍ଥର ମୃତଦେହ ପଡ଼ିଥିଲା ବୋଲି ସେ କହିଛନ୍ତି। କୃତାର୍ଥଙ୍କୁ ସେପ୍ଟେମ୍ବର ୨୨ ତାରିଖ (ରବିବାର) ରାତିରେ ହତ୍ୟା କରାଯାଇଥିଲା। ତେବେ ଅଭିଯୁକ୍ତମାନେ ସେପ୍ଟେମ୍ବର ୬ ତାରିଖରେ ଆଉ ଜଣେ ଛାତ୍ରଙ୍କୁ ବଳି ଦେବାକୁ ପ୍ରୟାସ କରିଥିଲେ। କିନ୍ତୁ ସେମାନେ ବିଫଳ ହୋଇଥିଲେ ବୋଲି ପୁଲିସକୁ କହିଥିବା ଜଣାପଡ଼ିଛି।

## ପ୍ରତିରକ୍ଷା ସଂସଦୀୟ କମିଟିରେ ରାହୁଲ

**କଙ୍ଗନାଙ୍କୁ ଆଇଟି ମନ୍ତ୍ରାଳୟ କମିଟିରେ ସ୍ଥାନ ମିଳିଲା**

**ନୂଆଦିଲ୍ଲୀ, ୨୭।୯:** ସଂସଦର ସଂସଦୀୟ ଷ୍ଟାଣ୍ଡିଂ କମିଟି ଗଠନ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତକାଲି ଏହି କମିଟି ଗଠନ କରାଯାଇଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସଂସଦର ପ୍ରତିରକ୍ଷା କମିଟିର ସଦସ୍ୟତା ବଜାୟ ରଖି ଥିବାବେଳେ ଓଡିଶାର ବହୁ ସାଂସଦ ଏଥିରେ ସ୍ଥାନ ପାଇଛନ୍ତି। ପୂର୍ବ ଥର ରାହୁଲ ଗାନ୍ଧି ପ୍ରତିରକ୍ଷା କମିଟିର ସଦସ୍ୟ ଥିଲେ।

ସେହିପରି କଂଗ୍ରେସ ସାଂସଦ ଶଶି ଥରୁରଙ୍କୁ ବୈଦେଶିକ କମିଟିର ଅଧ୍ୟକ୍ଷ କରାଯାଇ ଥିବାବେଳେ ରାମଗୋପାଳ ଯାଦବ ସ୍ୱାସ୍ଥ୍ୟ କମିଟିର ଅଧ୍ୟକ୍ଷ ହୋଇଛନ୍ତି। କଂଗ୍ରେସକୁ ବୈଦେଶିକ ବ୍ୟାପାର କମିଟି ସମେତ ଚାରିଟି କମିଟିର ଅଧ୍ୟକ୍ଷତା ଦିଆଯାଇଛି। ଦଳର ଦିଗବିଜୟ ସିଂହଙ୍କୁ ଶିକ୍ଷା, ମହିଳା, ଶିଶୁ, ଯୁବ ଏବଂ କ୍ରୀଡା କମିଟିର ଦାୟିତ୍ୱ ଦିଆଯାଇ ଥିବାବେଳେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନିଙ୍କୁ କୃଷି, ପଶୁପାଳନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଦାୟିତ୍ୱ ମିଳିଛି ଏବଂ ଗ୍ରାମୀଣ ତଥା ପଞ୍ଚାୟତ ରାଜ କମିଟି ଦାୟିତ୍ୱ ଓଡିଶାର ସପ୍ତଗିରି ଶଙ୍କର ଉଲାକାଙ୍କୁ ଦିଆଯାଇଛି। କିନ୍ତୁ ସାତ ଥରର ସାଂସଦ ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କୁ କୌଣସି ଦାୟିତ୍ୱ ମିଳିନାହିଁ। ସେପଟେ, ଶାସକ ବିଜେପିର ସାଂସଦମାନେ ପ୍ରତିରକ୍ଷା, ଅର୍ଥ, ଗୃହ ଏବଂ କୋଇଲା, ଖଣି ଏବଂ ଇସ୍ପାତ ସହ ଯୋଗାଯୋଗ ଏବଂ ଆଇଟି ସମେତ ପ୍ରମୁଖ ସମିତିର ଅଧ୍ୟକ୍ଷତା କରିବେ। ଏହି ସମିତିରେ ଅଭିନେତ୍ରୀ ତଥା ମଣ୍ଡି ସାଂସଦ କଙ୍ଗନା ରାଣାୱତ ସାମିଲ ଅଛନ୍ତି। ଷ୍ଟାଣ୍ଡିଂ କମିଟିରେ କଙ୍ଗନାଙ୍କର ଏହା ଡେବ୍ୟୁ ହେବ। ତାଙ୍କୁ ସୂଚନା ପ୍ରଯୁକ୍ତିବିଦ୍ୟା ବା ଆଇଟି ଦାୟିତ୍ୱ ମିଳିଛି। ତେବେ ଷ୍ଟାଣ୍ଡିଂ କମିଟିରେ ଗୃହ କମିଟିର ଅଧ୍ୟକ୍ଷତା ଦାୟିତ୍ୱ ରାଧା ମୋହନ ଦାସ ଅଗ୍ରୱାଲଙ୍କୁ ମିଳି ଥିବାବେଳେ ଓଡିଶା ସାଂସଦ ଭର୍ତ୍ତୃହରି ମହତାବ ଅର୍ଥ କମିଟିର ଅଧ୍ୟକ୍ଷତା କରିବେ। ସେହିପରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ଏବଂ ରାଜୀବ ପ୍ରତାପ ରୁଡି କୋଇଲା, ଖଣି ଏବଂ ଇସ୍ପାତ ଏବଂ ଜଳ ସମ୍ପଦ କମିଟିର ନେତୃତ୍ୱ ନେଉଥିବାବେଳେ ନିଶିକାନ୍ତ ଦୁବେଙ୍କୁ ଯୋଗାଯୋଗ ଏବଂ ଆଇଟି ସଂସଦୀୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ କରାଯାଇଛି।



ସଂସଦର ସ୍ଥାୟୀ କମିଟି ହେଉଛି ଏପରି କମିଟି, ଯାହା ସଂସଦ ମଧ୍ୟରେ ଗଠିତ ହୋଇଥାଏ। ଏହି କମିଟି ନିର୍ଦ୍ଦିଷ୍ଟ ମନ୍ତ୍ରଣାଳୟ ସହ ଜଡିତ ପ୍ରସଙ୍ଗ ଉପରେ ଗଭୀର ଭାବରେ ଦୃଷ୍ଟି ରଖେ। ଏହି କମିଟିଗୁଡ଼ିକ ସଂସଦର ମୁଖ୍ୟ କାର୍ଯ୍ୟଗୁଡ଼ିକୁ ଅଧିକ ଦକ୍ଷତାର ସହ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରନ୍ତି। କମିଟି ସଦସ୍ୟଙ୍କ ମୁଖ୍ୟ କାମ ହେଉଛି, ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଲ୍ ଉପରେ ବିସ୍ତୃତ ଅଧ୍ୟୟନ କରିବା ଏବଂ ଏବଂ ସେଗୁଡିକର ଉନ୍ନତି ପାଇଁ ପରାମର୍ଶ ଦେବା। ଅନେକ ସମୟରେ ସରକାରଙ୍କ ପକ୍ଷରୁ ଉତ୍ଥାପନ ହେଉଥିବା ବିଲ୍ କିମ୍ବା କିଛି ପ୍ରସଙ୍ଗର ସମାଧାନ ପାଇଁ ମଧ୍ୟ ଷ୍ଟାଣ୍ଡିଂ କମିଟିର ସହଯୋଗ ନିଆଯାଏ।

## ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ

# ପ୍ରଥମ ଦିନ ବାଂଲାଦେଶ ୧୦୭/୩



କାନପୁର, ୨୭।୯: ସ୍ଥାନୀୟ ଗ୍ରୀନପାର୍କ ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହୋଇଛି ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ। ତେବେ ବର୍ଷା ଏବଂ ଆଲୋକ ଅଭାବ ଯୋଗୁ ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହୋଇଛି । ପ୍ରଥମ ଦିନ ମାତ୍ର ୩୫ ଓଭର ଖେଳ ସମ୍ଭବ ହୋଇଛି। ଏଥିରେ ବାଂଲାଦେଶ ଦଳ ୩ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିଛି। ମୋମିନୁଲ ହକ ୪୦ ଏବଂ ମୁସଫିକର ରହିମ ୬ ରନରେ ଅପରାଜିତ ଅଛନ୍ତି। ଚେନ୍ନାଇରେ ପ୍ରଥମ ଟେଷ୍ଟ ଜିତି ଭାରତ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। କାନପୁର ଟେଷ୍ଟ ଜିତି ଭାରତ ୨-୦ରେ କ୍ଲିନ ସୁଇପ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ଷା ଏଥିରେ ବାଧକ ସାଜିଛି। ଆଜି ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଟସ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମେଘୁଆ ପାଗରୁ ତାଙ୍କ ପେସ ବୋଲରମାନେ ଫାଇଦା ଉଠାଇବେ ବୋଲି ଆଶା ରଖି ରୋହିତ ଏହି ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ସଠିକ ପ୍ରମାଣିତ କରି ଆକାଶଦୀପ ପ୍ରାରମ୍ଭରୁ ଓପନର ଜାକିର ହସନଙ୍କୁ ଆଉଟ କରି ଭାରତ ଲାଗି ପ୍ରଥମ ସଫଳତା ଆଣିଥିଲେ। ସେ ୨୪ଟି ବଲ ଖେଳିଥିଲେ ମଧ୍ୟ କାତା ଖୋଲିପାରିନଥିଲେ। ଦଳୀୟ ସ୍କୋର ୨୯ ଥିବା ବେଳେ ସଦମାନ ଇସଲାମ ୨୪ ରନ କରି ଆକାଶଙ୍କ ଦ୍ୱିତୀୟ

### ବର୍ଷା ଯୋଗୁ ମାତ୍ର ୩୫ ଓଭର ଖେଳ ହୋଇପାରିଲା

ଶିକାର ହୋଇଥିଲେ। ମୋମିନୁଲ ହୁସେନ ସାନ୍ତୋ ୩୧ ରନ କରି ଅଶ୍ୱିନଙ୍କ ବଲରେ ଆଉଟ ହୋଇଥିଲେ। ତେବେ ମୋମିନୁଲ ହକ ଏବଂ ମୁସଫିକର ରହିମ ଆଉ ଭାରତୀୟ ବୋଲରଙ୍କୁ ସଫଳତାର ସୁଯୋଗ ଦେଇନଥିଲେ। ଅପରାହ୍ନରେ ପାଗ ଅଧିକ ଖରାପ ହେବା ପରେ ଅମ୍ପାୟାର ଆଜି ପାଇଁ ଖେଳ ପରିସମାପ୍ତି ଘୋଷଣା କରିଥିଲେ। ପ୍ରଥମ ଟେଷ୍ଟ ଖେଳିଥିବା ଭାରତର ଚୂଡ଼ାନ୍ତ ଏକାଦଶରେ କୌଣସି ପରିବର୍ତ୍ତନ କରାଯାଇନଥିବା ବେଳେ ବାଂଲାଦେଶ ଦଳରେ ଦୁଇଟି ପରିବର୍ତ୍ତନ ହୋଇଛି।

## କୋହଲିଙ୍କ ପାଇଁ ପାଗଳ ୧୫ ବର୍ଷୀୟ ବାଳକ

# ୫୮ କିମି ସାଇକେଲ୍ ଯାତ୍ରା କରି ପହଞ୍ଚିଲେ କାନପୁର





କାନପୁର,୨୭।୯: ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଶେଷ ମ୍ୟାଚ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଖେଳାଯାଉଛି। କାନପୁରର ଗ୍ରୀନ ପାର୍କ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଚାଲିଛି। ଏଥିରେ ପ୍ରଶଂସକମାନେ ବିରାଟ କୋହଲିଙ୍କ ବ୍ୟାଟ୍‌ରୁ ଏକ ଶତକ ଆଶା କରୁଛନ୍ତି। କୋହଲିଙ୍କ ଜଣେ ଛୋଟ ପ୍ରଶଂସକ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି, ଯିଏ କୋହଲିଙ୍କୁ ଦେଖିବା ପାଇଁ ୫୮ କିଲୋମିଟର ସାଇକେଲ ଚଳାଇବା ପରେ ଗ୍ରୀନ ପାର୍କ କ୍ରିକେଟ ଷ୍ଟାଡିୟମରେ ପହଞ୍ଚିଛନ୍ତି। ଉତ୍ତରପ୍ରଦେଶର ଉନ୍ନାଓରୁ ଆସିଥିବା କାର୍ତ୍ତିକେୟ ବିରାଟ କୋହଲିଙ୍କ ଝଲକ ପାଇବା ପାଇଁ ୫୮ କିଲୋମିଟର ସାଇକେଲ କରି କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମକୁ ଆସିଥିଲେ। କାର୍ତ୍ତିକେୟ ଭୋର ୪ଟାରୁ ତାଙ୍କ ସାଇକେଲରେ ଯାତ୍ରା ଆରମ୍ଭ କରି ଷ୍ଟାଡିୟମରେ ଠିକ ସମୟରେ ପହଞ୍ଚିଥିଲେ। ଯଦିଓ ବର୍ଷା ଭାରତ-ବାଂଲାଦେଶ ଟେଷ୍ଟର ପ୍ରଥମ ଅଧିବେଶନକୁ ବାଧା ଦେଇଛି, କାର୍ତ୍ତିକେୟ ଠିକ ସମୟରେ ଷ୍ଟାଡିୟମରେ ପହଞ୍ଚିଥିଲେ।

# ଅନୀଲ କୁମ୍ବଲେଙ୍କୁ ପଛରେ ପକାଇଲେ ଅଶ୍ୱିନ



କାନପୁର, ୨୭।୯: ଟିମ ଇଣ୍ଡିଆର ଭେଟରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନୂଆ ରେକର୍ଡ କରିଛନ୍ତି। ସେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଗୋଟିଏ ୱିକେଟ ନେଇଥିଲେ ହେଁ ନୂଆ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ସେ ଏବେ ଏସିଆ ମହାଦେଶରେ ସର୍ବାଧିକ ୱିକେଟ ଦଖଲ କରିଥିବା ଭାରତୀୟ ହୋଇଯାଇଛନ୍ତି। ଶୁକ୍ରବାର ସେ କାନପୁରରେ ବାଂଲାଦେଶର ଅଧିନାୟକ ନଜମୁଲ ହୁସେନ ସାଣ୍ଟୋଙ୍କୁ ଆଉଟ କରି ଏସିଆ ମହାଦେଶରେ ୪୨୦ଟି ୱିକେଟ ନେବାର ରେକର୍ଡ କରିଛନ୍ତି। ୪୨୦ ୱିକେଟ ଦଖଲ କରିବା ପରେ ସେ ଭାରତର ଅନ୍ୟତମ କିମ୍ବଦନ୍ତୀ କ୍ରିକେଟର ଅନୀଲ କୁମ୍ବଲେଙ୍କୁ ପଛରେ ପକାଇ ଦେଇଛନ୍ତି। କୁମ୍ବଲେ ଏସିଆ ମହାଦେଶରେ ୪୧୯ଟି ୱିକେଟ ନେଇ ଭାରତୀୟଙ୍କ ମଧରେ ୧ନଂ ସ୍ଥାନରେ ରହିଥିଲେ।

ଅଶ୍ୱିନଙ୍କ ଟେଷ୍ଟ କ୍ୟାରିୟର ଅତୁଳନୀୟ। ସେ ଏଯାଏ ୧୦୨ଟି ଟେଷ୍ଟ ମ୍ୟାଚ୍ ଖେଳି ୫୨୩ଟି ୱିକେଟ ନେଇଛନ୍ତି। ଏସିଆରେ ତାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର। ବର୍ତ୍ତମାନ ସେ ଏସିଆ ମହାଦେଶ ୪୦୦ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଥିବା ବିରଳ କ୍ଲବରେ ନିଜକୁ ସାମିଲ କରିପାରିଛନ୍ତି। ତେବେ ଏସିଆ ମହାଦେଶରେ ସର୍ବାଧିକ ଟେଷ୍ଟ ୱିକେଟ ନେଇଥିବା ତାଲିକାରେ ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର ମୁଥିଆ ମୁରଲୀଧରନ ରହିଛନ୍ତି। ସେ ଟେଷ୍ଟ କ୍ରିକେଟରେ ମୋଟ ୮୦୦ ୱିକେଟ ନେଇଥିବା ବେଳେ କେବଳ ଏସିଆରେ ଏହି ସଂଖ୍ୟା ୬୧୨ ରହିଛି। ତାଙ୍କ ପରେ ଏସିଆରେ ୪୦୦ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଥିବା ଦୁଇ ଖେଳାଳି ହେଲେ ଅଶ୍ୱିନ ଓ ଅନୀଲ କୁମ୍ବଲେ। ଏସିଆରେ ସର୍ବାଧିକ ୱିକେଟ ନେଇଥିବା ତାଲିକାରେ ମୁରଲୀଧରନ ୧ନଂରେ ଥିବା ବେଳେ ଦ୍ୱିତୀୟରେ ଅଶ୍ୱିନ ଓ ତୃତୀୟରେ କୁମ୍ବଲେ ରହିଛନ୍ତି। ଏହି ତାଲିକାର ତୃତୀୟ ସ୍ଥାନରେ ଥିବା ଅନ୍ୟତମ ଶ୍ରୀଲଙ୍କା କ୍ରିକେଟର ରଙ୍ଗନା ହେରାଥଙ୍କ ୱିକେଟ ସଂଖ୍ୟା ୩୫୪। ତାଙ୍କ ପଛକୁ ହରଭଜନ ସିଂହ ରହିଛନ୍ତି। ସେ ଏସିଆରେ ୩୦୦ ୱିକେଟ ଦଖଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏସିଆରେ ସର୍ବାଧିକ ୱିକେଟ ନେଇଥିବା ୫ ଜଣ ଯାକ ସ୍ପିନ ବୋଲର। ସେମାନଙ୍କ ମଧରୁ ୪ ଜଣ ଅବସର ନେଇ ସାରିଛନ୍ତି। କିନ୍ତୁ ୩୮ ବର୍ଷୀୟ ଅଶ୍ୱିନ ଏବେ ବି ଟେଷ୍ଟ ଖେଳିବା ଜାରି ରଖିଛନ୍ତି।

## ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ

# ଚାନ୍ଦିମାଲଙ୍କ ପରେ ମେଣ୍ଡିସ ବ୍ରଦର୍ସଙ୍କ ଶତକ

ଗାଲେ, ୨୭।୯: ଦିନେଶ ଚାନ୍ଦିମାଲଙ୍କ ପରେ କାମିନ୍ଦୁ ଓ କୁଶଲ ମେଣ୍ଡିସଙ୍କ ଶତକ ବଳରେ ଶ୍ରୀଲଙ୍କା ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଇନିଂସରେ ବିଶାଳ ରନ ସଂଗ୍ରହ କରିବାରେ ସଫଳ ହୋଇଛି। ଗୁରୁବାର ଟସ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓପନର ନିଶାଙ୍କ ମାତ୍ର ୧ ରନ କରି ସାଉଦିଙ୍କ ବଲରେ ଆଉଟ ହୋଇଥିଲେ। ପରେ ଦିମୁଥ କରୁଣାରତ୍ନେ ବ୍ୟକ୍ତିଗତ ଭାବେ ୪୬ ରନ କରି ଆଉଟ ହୋଇଥିଲେ। ପରେ ଚାନ୍ଦିମାଲ (୧୧୬) ଓ ଆଞ୍ଜେଲୋ ମାଥ୍ୟୁସ(୮୮)ଙ୍କ ମଧ୍ୟରେ ତୃତୀୟ ୱିକେଟରେ ୧୯୭ ରନର ପାର୍ଟନରସିପ ହୋଇଥିଲା। ଚାନ୍ଦିମାଲ ଓ ମାଥ୍ୟୁସ ଆଉଟ ହେବା ପରେ କାମିନ୍ଦୁ ମେଣ୍ଡିସ ଦଳର ଇନିଂସ ସମ୍ଭାଳିଥିଲେ। ଦଳୀୟ ସ୍କୋର ୪୦୨ ଥିବା ବେଳେ ଧନଞ୍ଜୟ ଡି-ସିଲଭା ବ୍ୟକ୍ତିଗତ ଭାବେ ୪୪ ରନ କରି ପଞ୍ଚମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ଆଉଟ ହୋଇଥିଲେ। ଏହା ପରେ କାମିନ୍ଦୁ ଓ କୁଶଲ ମେଣ୍ଡିସଙ୍କ ମଧ୍ୟରେ ଶତକୀୟ ପାର୍ଟନରସିପ ହୋଇଥିଲା। ଏହି କ୍ରମରେ ଉଭୟ କାମିନ୍ଦୁ ଓ କୁଶଲ ମେଣ୍ଡିସ ଶତକ ହାସଲ କରିଥିଲେ। କୁଶଲ ମେଣ୍ଡିସ ମାତ୍ର ୧୪୮ଟି ବଲରୁ ୬ଟି ଚୌକା



ଓ ୩ଟି ଛକ୍କା ସହାୟତାରେ ଶତକ ହାସଲ କରିଥିଲେ। ଦଳୀୟ ସ୍କୋର ୬୦୨/୫ରେ ଶ୍ରୀଲଙ୍କା ପାଳି ସମାପ୍ତି



ଘୋଷଣା କରିଥିଲା। କୁଶଲ ମେଣ୍ଡିସ ୧୦୬ ଓ କାମିନ୍ଦୁ ୧୮୨ ରନରେ ଅପରାଜିତ ରହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋହନ ମନ୍ତ୍ର...

ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। କୌଣସି ସ୍ତରରେ ଦୁର୍ନୀତିକୁ ନେଇ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁନାହିଁ। ଜିଲ୍ଲାପାଳମାନେ ହେଉଛନ୍ତି ସରକାରଙ୍କ ପାଇଁ ତୃଣମୂଳ ସ୍ତରର ସେତୁ। ଲୋକ କଲ୍ୟାଣ ପାଇଁ ସରକାର ଉତ୍ତମରୁ ଉତ୍ତମ ଯୋଜନା ଓ ନୀତି ନିର୍ଦ୍ଧାରଣ କରି ପାରିବେ। କିନ୍ତୁ ସବୁ ଯୋଜନାକୁ ଅନ୍ତିମ ହିତାଧିକାରୀ ପର୍ଯ୍ୟନ୍ତ ପହଞ୍ଚାଇବାରେ ଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ରାଜଧାନୀ କିମ୍ବା କିଛି ସହରାଞ୍ଚଳକୁ ଛାଡି ଦେଲେ ବାକି ସବୁ ଠାରେ ସରକାର କହିଲେ ଲୋକେ ଜିଲ୍ଲାପାଳଙ୍କୁ ବୁଝନ୍ତି, କାରଣ ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟା ସମାଧାନ ଜିଲ୍ଲା ସ୍ତରରେ ହୋଇଥାଏ। ତେଣୁ ସେମାନଙ୍କ ଆଶା ଆକାଂକ୍ଷା ପୂରଣ କରିବାର ଗୁରୁ ଦାୟିତ୍ୱ ଆପଣମାନଙ୍କ କାନ୍ଧରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ସରକାରଙ୍କ ଯେତେ ଯୋଜନା ରହିଛି, ତାହାର ସୁଫଳ ରୂପାୟନ ହେଲେ, ରାଜ୍ୟରୁ ଦାରିଦ୍ର୍ୟ ଘୁଞ୍ଚିଯିବ, ଲୋକମାନଙ୍କ ମୁହଁରେ ହସ ଫୁଟି ଉଠିବ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ କହିଥିଲେ,ସାଧାରଣ ଲୋକଟିଏର ପ୍ରଶାସନଠାରୁ ଆଶା କରୁଥିବା ଦୃଷ୍ଟିଭଙ୍ଗୀ ବିଷୟରେ ମୋର ଅନୁଭୂତି ଆଧାରରେ କିଛି କଥା କିଛି ବ୍ୟଥା ଆପଣଙ୍କୁ କହିବି ଏବଂ ଆଶା କରିବି ଯେ ନୂତନ ସରକାରରେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ଆମେ ନିଜ ନିଜ ସ୍ତରରେ କାର୍ଯ୍ୟକରିବା। ଆମ ସରକାର ଲୋକଙ୍କ ସରକାର। ଲୋକମାନଙ୍କ ସୁଖଦୁଃଖରେ ଆମେ ଭାଗୀଦାର, ରାଜ୍ୟର ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଭିତ୍ତିଭୂମି ବିକାଶ ଏବଂ ମହିଳାମାନଙ୍କର ଉନ୍ନତି ଭଳି କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ଓ ରାଜ୍ୟର ଆର୍ଥିକ ବିକାଶର ଗତିକୁ ତ୍ୱରାନିତ କରିବାପାଇଁ ଆମ ସରକାର ପଦକ୍ଷେପ ନେଉଛନ୍ତି । ଆପଣମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ଦ୍ୱାରା ସୁଫଳ ଲୋକଙ୍କ ପାଖରେ ପହଞ୍ଚିବ। ଗ୍ରାମାଞ୍ଚଳରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ବର୍ତ୍ତମାନ ବିଭିନ୍ନ ସ୍ତରରେ ଅଛି। ନିଜ ନିଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ସବୁ ପ୍ରକଳ୍ପକୁ ମ୍ୟାପିଂ କରନ୍ତୁ। ଏହାଦ୍ୱାରା ଆବଶ୍ୟକ ବେଳେ ସବୁ ତଥ୍ୟ ମିଳିପାରିବ। ଏହି ତଥ୍ୟ ସମସ୍ୟା ସମାଧାନରେ ସହାୟକ ହୋଇପାରିବ। ଯୋଜନାର ସଫଳ ରୂପାୟନରେ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ, ଜିଲ୍ଲାପାଳମାନେ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନା ଓ ପ୍ରକଳ୍ପର ତ୍ୱରିତ ରୂପାୟନ କରିବା ଆବଶ୍ୟକ। ଏହାସହିତ ଜିଲ୍ଲାପାଳମାନେ ପ୍ରତିମାସରେ କ୍ଷେତ୍ର ପରିଦର୍ଶନ କରି ସମସ୍ୟା ନିଜ ଆଖିରେ ଦେଖିବା ଆବଶ୍ୟକ। ବିଶେଷ ଭାବେ ସ୍କୁଲ, ଆଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଥାନା ପରି ସଂସ୍ଥାକୁ ନିୟମିତ ଭାବେ ପରିଦର୍ଶନରେ ଯାଇ ବାସ୍ତବତା ବିଷୟରେ ଅବଗତ ହୋଇପାରିବେ। ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାର ଓ ଚୋରା ମଦ କାରବାର ରୋକିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ ଏ ସବୁ ପ୍ରତି ସରକାରଙ୍କ ଶୂନ୍ୟ ସହନଶିଳତା ରହିଛି। ଜନଜାତିଙ୍କ ଜୀବନ ଜୀବିକା ଜଙ୍ଗଲ, ପାହାଡ, ପର୍ବତ ଉପରେ ନିର୍ଭର କରିଥାଏ। ଜନଜାତିଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁସାରେ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ସୁଯୋଗ ଦେବା ଉଚିତ। ଯେଉଁ ଅଧିକାରୀମାନେ ନିଜ ନିଜ କ୍ଷମତାର ଅପବ୍ୟବହାର କରି ନିରୀହ ଲୋକଙ୍କୁ ଅଯଥାରେ ହଇରାଣ ହରକତ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନ ପଛେଇବାକୁ ସେ ପରାମର୍ଶ ଦେଇଥିଲେ। ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଆମ ସରକାର ଭିତ୍ତିଭୂମି ସହିତ ଶିକ୍ଷକ ନିଯୁକ୍ତି ପାଇଁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ଏହା ସହିତ ଗୋଦାବରୀଶ ମଡେଲ ସ୍କୁଲ ପ୍ରତି ପଞ୍ଚାୟତରେ ସ୍ଥାପନା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ମୁଖ୍ୟାଳୟର ଚିକିତ୍ସାଳୟଗୁଡିକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଜନତା ଜିଲ୍ଲା ସ୍ତରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପାଇବା ଆବଶ୍ୟକ। ଲୋକଙ୍କ ପାଖରେ ଆମ୍ବୁଲାନ୍‌ସ ଯେପରି ଠିକ୍ ସମୟରେ ପହଞ୍ଚିବ ସେଥିପ୍ରତି ଆପଣମାନେ ଧ୍ୟାନ ଦିଅନ୍ତୁ। ରୋଗୀଙ୍କ ସମ୍ପର୍କୀୟ ନିଜ କାନ୍ଧରେ, କିମ୍ବା ସାଇକେଲରେ ମର ଶରୀରକୁ ନିଜ ଗ୍ରାମକୁ ନେବାର ଦୃଶ୍ୟ ଆସିବା ଉଚିତ୍ ନୁହେଁ। ଧାନ ସଂଗ୍ରହ ଉପରେ ମୁଖ୍ୟମନ୍ତ୍ରୀ କହିଲେ, ସରକାର କ୍ୱିଣ୍ଟାଲ ପିଛା ୩୧ ସହ ଟଙ୍କା ଦେବେ। କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ପି ଠାରୁ ଏହା ୮୦୦ ଟଙ୍କା ଅଧିକ ହୋଇଥିବାରୁ ଅଧିକ ଚାଷୀ ଧାନ ବିକ୍ରି କରି ପାରନ୍ତି। କିନ୍ତୁ ପଡୋଶୀ ରାଜ୍ୟରୁ ବି ଧାନ ଚୋରା ଚାଲାଣ ହୋଇପାରେ। ଏହା ଉପରେ ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ। ସୋହେଲାରୁ ନୂଆ ଏମଏସ୍‌ପିରେ ଧାନ ସଂଗ୍ରହ ଯୋଜନାର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୁକ୍ ସର୍କୁଲାର ୪୭ ଅନୁଯାୟୀ ସରକାରୀ ଅଧିକାରୀମାନେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଲେ, ତୁରନ୍ତ ନିଷ୍ପତ୍ତି ନେଇ ଯୋଜନାଗୁଡିକ କାର୍ଯ୍ୟକାରୀ କରିପାରିଲେ ଉତ୍ତମ ପ୍ରଶାସନ ଉପଲବ୍ଧ ହୋଇପାରିବ। ଏ ଦିଗରେ ଜିଲ୍ଲାପାଳମାନଙ୍କ ସହଯୋଗ ଜରୁରୀ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ଶୁଭାରମ୍ଭ କ୍ଷେତ୍ରରେ ଜିଲ୍ଲାପାଳମାନଙ୍କ ସହଯୋଗର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୫-୧୦ ବର୍ଷ ମଧ୍ୟରେ ଆମେ ଚେଷ୍ଟା କଲେ ବ୍ୟାପକ ପରିବର୍ତ୍ତନ ଆଣିପାରିବା। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ବିଭିନ୍ନ ବିଭାଗର ମନ୍ତ୍ରୀଗଣ ଓ ବରିଷ୍ଠ ଅଧିକାରୀ ଯୋଗ ଦେଇଛନ୍ତି।

### ଏସ୍ମାକୁ ...

ଥିବା ହସ୍ପିଟାଲଗୁଡ଼ିକରେ ନର୍ସିଂ ଷ୍ଟାଫଙ୍କ ଆନ୍ଦୋଳନ ଫଳରେ ରୋଗୀ ସେବା ବ୍ୟାହତ ହୋଇଛି। ସରକାର ଯେ ପର୍ଯ୍ୟନ୍ତ ୧୦ ଦଫା ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇନାହାନ୍ତି, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଦାବି ପୂରଣ ପାଇଁ ସରକାର ଯାହା କାର୍ଯ୍ୟନୁଷ୍ଠାନ ନେଲେ ବି ସାମ୍ନା କରିବାକୁ ସେମାନେ ପ୍ରସ୍ତୁତ ବୋଲି ନର୍ସ ସଂଘ ପକ୍ଷରୁ ସିଧାସିଧା ଶୁଣାଇ ଦିଆଯାଇଛି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ, ଆଉଟ୍‌ସୋର୍ସିଂ ଷ୍ଟାଫ୍ ଏବଂ ନର୍ସିଂ ଛାତ୍ରଛାତ୍ରୀଙ୍କ ସହାୟତାରେ କ୍ୟାପିଟାଲ ହସ୍ପିଟାଲରେ ରୋଗୀସେବା ଜାରି ରଖିବାକୁ ଉଦ୍ୟମ ହୋଇଛି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା କହିଛନ୍ତି, ନର୍ସିଂ ଅଫିସରଙ୍କ ଆନ୍ଦୋଳନ ଯୋଗୁଁ ରୋଗୀ ସେବା ପ୍ରଭାବିତ ହୋଇନି। ଆଉଟସୋର୍ସିଂ ତଥା ନର୍ସିଂ ଛାତ୍ରଛାତ୍ରୀଙ୍କ ଜରିଆରେ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି । ନର୍ସିଂ ଛାତ୍ରଛାତ୍ରୀ ମଧ୍ୟ ରୋଗୀସେବା କରୁଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ନର୍ସିଂ କର୍ମଚାରୀମାନେ ଦେଇଥିବା ଦାବିପତ୍ରକୁ ସରକାର ଗରୁତର ସହ ନେଇଛନ୍ତି। ଗୁରୁବାର ଏକ ବୈଠକ ବସିଥିଲା । ପ୍ରେସ ବାର୍ତ୍ତା ମାଧ୍ୟମରେ ନର୍ସିଂ କର୍ମଚାରୀମାନଙ୍କୁ କାର୍ଯ୍ୟରେ ଯୋଗଦେବାପାଇଁ ଅପିଲ କରିଛୁ। ଏକ ଆନ୍ତଃବିଭାଗୀୟ କମିଟି ଗଠନ କରି ଦାବି ଉପରେ ବିଚାର ବିମର୍ଶ କରାଯିବ। ନର୍ସିଂ କର୍ମଚାରୀମାନଙ୍କୁ ଅନୁରୋଧ କରୁଛି ଯେ, ସେମାନେ କାର୍ଯ୍ୟରେ ଯୋଗ ଦିଅନ୍ତୁ। ହେଲେ ମନ୍ତ୍ରୀଙ୍କ ଅପିଲ ଉପରେ ନର୍ସିଂ ଅଫିସର ସଂଘର ପ୍ରତିକ୍ରିୟା ମିଳିନାହିଁ। ସୂଚନାଯୋଗ୍ୟ, ୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଷ୍ଟାଫଙ୍କ ୬ ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ଚାକିରିରେ ମିଶାଇ ପଦୋନ୍ନତି କରିବା, ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଷ୍ଟାଫଙ୍କୁ ପଦୋନ୍ନତି, ସହକାରୀ ନର୍ସିଂ ଅଧୀକ୍ଷକ ପଦରେ ପଦୋନ୍ନତି ଲାଗି ସ୍ଥିରୀକୃତ ଅବଧିକୁ କମ କରି ୧୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ କର୍ମଚାରୀଙ୍କୁ ୨ଟି ପଦୋନ୍ନତି ପ୍ରଦାନ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ସରକାରୀ ନର୍ସିଂ ଅଫିସରଙ୍କୁ ସିଏଚ୍‌ଓ ପଦବୀରୁ ଫେରାଇ ଆଣି ସରକାରୀ ହସ୍ପିଟାଲରେ ନିୟୋଜିତ କରିବା ଆଦି ଦାବି କରିଛି ସଂଘ।

### ଶପଥ ନେଇ ...

ଦିନ ନବୀକରଣ କରିଛନ୍ତି। ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର ଜିଲ୍ଲାରେ ବିଜେଡି ଶାସନ କାଳରେ ଜିଲ୍ଲା ଖଣିଜ ପାଣ୍ଠି ଅପବ୍ୟବହାର ହୋଇଥିବା ଅଭିଯୋଗ ହେବାରୁ ସିଏଜି ତଦନ୍ତ ଆରମ୍ଭ ହୋଇଛି। ତେଣୁ ବିଧାୟକ ଗଣେଶ୍ୱର ବେହେରା କାହାକୁ ଜଗିବେ ବୋଲି ପ୍ରଶ୍ନ ଉଠୁଛି। ବିଜୁ ଆବାସ ଯୋଜନାରେ କୋଠାଘର ଥିବା ଲୋକଙ୍କୁ ଘର ମିଳିଥିବା ଖବର ଆସୁଛି। ଏପରିକି ସହରାଞ୍ଚଳରେ ରାସ୍ତାଘାଟ, ଡ୍ରେନେଜ ବ୍ୟବସ୍ଥା ମଧ୍ୟ ବିଗିଡ଼ି ଯାଇଛି। ସହରାଞ୍ଚଳ ପାନୀୟ ଜଳ ଯୋଜନାର କାର୍ଯ୍ୟକାରିତା ପାଇଁ ୱାଟକୋରେ ମଧ୍ୟ ଦୁର୍ନୀତି ଅଭିଯୋଗ ଆସୁଛି। ଏପରିସ୍ଥଳେ ନଗର ଉନ୍ନୟନ ବିଭାଗକୁ ଜଗିବା ପାଇଁ ଦାୟିତ୍ୱ ପାଇଥିବା ବିଧାୟକ ନଳିନୀକାନ୍ତ ପ୍ରଧାନ ଓ ପ୍ରଦୀପ କୁମାର ସାହୁ ମଧ୍ୟ ଚୁପ୍ ରହିଛନ୍ତି। ଏବେ ରାଜ୍ୟର ଅନେକ ମାଗଣା ଚାଉଳ ହିତାଧିକାରୀ ତାଲିକାରୁ କଟିବାରେ ଲାଗିଛନ୍ତି। ଏହି ହିତାଧିକାରୀମାନେ ବିଜେଡି ଶାସନ କାଳରେ ଭୋଟ୍ ରାଜନୀତି ପାଇଁ ଏଭଳି ହିତାଧିକାରୀ ସାମିଲ ହୋଇଥିଲେ। ଯାହାଫଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦାୟିତ୍ୱରେ ଥିବା ବିଧାୟକ ନିରଞ୍ଜନ ପୂଜାରୀ ଓ ରାମାକାନ୍ତ ଭୋଇ ମଧ୍ୟ ଚୁପ ରହିଛନ୍ତି। ସବୁଠାରୁ ବଡ଼ କଥା ହେଲା ଓଡ଼ିଶାର ଭବିଷ୍ୟତ କୁହାଯାଉଥିବା ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ସର୍ବଭାରତୀୟ ପରୀକ୍ଷାରେ ସଫଳତା ପାଇବାର ସମ୍ଭାବନା କ୍ଷୀଣ। କାରଣ ଗତବର୍ଷ ୫-ଟି ସଚିବ ଭୈରବ କାର୍ତ୍ତିକେୟନ ପାଣ୍ଡିଆନ ଯେପରି ନୂଆ 'ଓ' ନାଟକ କଲେ ସେଥିପାଇଁ ଯୁକ୍ତ ଦୁଇରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଫଳରେ ପରୀକ୍ଷା ପାଇଁ ସେମାନଙ୍କ ପାଠ୍ୟକ୍ରମକୁ କମାଇ ଦିଆଯାଇଛି। ତେଣୁ ଉଚ୍ଚଶିକ୍ଷା ବିଭାଗ ଜଗିବା ଦାୟିତ୍ୱ ପାଇଥିବା ବିଧାୟକ ରମେଶ ଚନ୍ଦ୍ର ବେହେରା କ'ଣ କରିବେ ସେଥିପାଇଁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସବୁଠାରୁ ବଡ଼ ରୋଚକ ସ୍ଥିତି ଆଦିବାସୀ କଲ୍ୟାଣ ବିଭାଗ ଦେଖିବାକୁ ମିଳିଛି। ଏହାର ଦାୟିତ୍ୱରେ ବିଧାୟକ ଚନ୍ଦ୍ରମଣି କହଁର ରହିଛନ୍ତି। ବିଜେଡି ସରକାର ସ୍ୱତନ୍ତ୍ର ଆଦିବାସୀ ବିକାଶ ନିଗମ ନାମରେ ଆଦିବାସୀମାନଙ୍କ ପ୍ରତି ଯେଉଁ ଧୋକ୍କା କରିଛନ୍ତି ତାହା ବିଧାନସଭାରେ ବିଜେପି ବିଧାୟକ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରୁ ଜଣାପଡ଼ିଛି। ବିଜେଡି ସରକାର ଆଦିବାସୀ ଉନ୍ନତି ନାମରେ ସେମାନଙ୍କୁ ପେଣ୍ଡୁ ଓ ବାଜା ଧରାଇଥିବା ବିଧାନସଭା ତଥ୍ୟରୁ ଜଣାପଡ଼ିଛି। ତେଣୁ ବିଧାୟକ ଚନ୍ଦ୍ରମଣି କହଁର କ'ଣ କହିବେ ତାକୁ ନେଇ ଚିନ୍ତାରେ ପଡ଼ିଥିବା କୁହାଯାଉଛି।

### ଲିଟୁଙ୍କୁ ...

କରିବାକୁ ବାଧ୍ୟ ହେବେ ଏବେ ସ୍ଥିତି ଏଭଳି ହୋଇଛି କି କଳି ସମାଧାନ ନହେଲେ ବିଜେଡି ଦୁଇଫାଳ ହୋଇଯିବ। ଯାହା ଦଳକୁ ମହଙ୍ଗା ପଡ଼ିବ ବୋଲି କୁହାଯାଉଛି। ଏଣେ ମାସକୁ ଥରେ ବିଏମ୍‌ସିରେ ସମୀକ୍ଷା ବୈଠକ ବସୁଛି। ଏଥିରେ ସମସ୍ତ କର୍ପୋରେଟରଙ୍କ ସହମତିରେ ନିଷ୍ପତ୍ତି ନିଆଯାଉଛି। ନ ଚେତ୍ ଅଧିକାରୀମାନେ ମନମୁଖୀ କାମ କରୁଛନ୍ତି। ଏବେ କର୍ପୋରେଟର କଳି ଯୋଗୁ ବିଏମ୍‌ସି ଅଧିକାରୀମାନେ ଲାଭରେ ରହୁଛନ୍ତି। ମନଇଚ୍ଛା ନିଷ୍ପତ୍ତି ନେଉଥିବାରୁ ଜନସ୍ୱାର୍ଥ ବଳି ପଡ଼ିଛି। ଅଧିକାଂଶ କର୍ପୋରେଟରଙ୍କ ଅନୁପସ୍ଥିତିରେ ଆଜି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା କର୍ପୋରେସନ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବେପାର ହେଉନଥିବା ଦର୍ଶାଇ ଏକ ବିଜ୍ଞାପନ ସଂସ୍ଥା (ଆଡ୍‌ମାର୍କ)ର ଲାଇସେନ୍‌ସ ଫି ବାବଦକୁ ଆସିବାକୁ ଥିବା ୮କୋଟି ୨୬ ଲକ୍ଷ ୨୩ ହଜାର ୬୦୨ ଟଙ୍କାରୁ ବିଏମ୍‌ସି ୬୪ଲକ୍ଷ ୩୪ ହଜାର ୮୬୨ ଟଙ୍କା ଛାଡ଼ କରିଦେବାକୁ ଯୋଜନା କରିଛି। ୨୦୨୦ ଅକ୍ଟୋବରରୁ ୨୦୨୨ ଏପ୍ରିଲ୍ ପର୍ଯ୍ୟନ୍ତ ଏହି ଲାଇସେନ୍ସ ଫି ବାକି ପଡ଼ିଥିଲା। ସମ୍ପୃକ୍ତ ସଂସ୍ଥା ଏହାକୁ ପୁନଃବିଚାର କରିବାକୁ ବିଏମ୍‌ସିକୁ ଚିଠି ଲେଖିଥିଲା। ବିଏମ୍‌ସି ୨ ବର୍ଷ ହିସାବ କରିବା ପରେ ଆଜି ଗାଣିତିକ ତ୍ରୁଟି ଦର୍ଶାଇ ଏହି ମୋଟା ଅଙ୍କର ରାଜସ୍ୱ ଛାଡ଼ କରିଦେବାକୁ କର୍ପୋରେସନର ସ୍ୱୀକୃତି ମାଗିଛି। ସେହିଭଳି ସ୍ୱାୟତ୍ତ ଶାସନ ଦିବସରେ ଖାଦ୍ୟପେୟ ବାବଦକୁ ବିଏମ୍‌ସି ୮ ଲକ୍ଷ ଟଙ୍କା ଉଡ଼ାଇ ଦେଇଛି। ଏସ୍‌ୟୁଏଚ୍‌ରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ଲୁଙ୍ଗି ଗାମୁଛା ବାଣ୍ଟିବା ପାଇଁ ୩ ଲକ୍ଷ ୬୦ ହଜାର ଖର୍ଚ୍ଚ କରିଛି। ଏଭଳି ମୋଟ ୧୧ଲକ୍ଷ ୩୨ ହଜାର ଖର୍ଚ୍ଚ ହୋଇଛି। ଏ ସବୁ ମନଇଚ୍ଛା ଖର୍ଚ୍ଚ ହୋଇଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ସତ୍ୟନଗର ମଶାଣିରେ ଶବ ଦାହ ପାଇଁ କାଠ କିଣିବାକୁ ୩୫୦୦ ଟଙ୍କା ଖର୍ଚ୍ଚ ହେଉଛି। ଗରିବ ଖଟିଖିଆଙ୍କ ପାଇଁ ଏହା ଅଧିକ ହେଉଛି। ସେଠାରେ କେତେକ ଦଲାଲ ବସି କାଠ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏଣୁ ଏହାକୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ କେତେକ କର୍ପୋରେଟର ପ୍ରସ୍ତାବ ଦେଇଛନ୍ତି। ଭୂତଳ ଜଳସ୍ତର କ୍ରମାଗତ ଭାବରେ ହ୍ରାସ ହେଉଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ କର୍ପୋରେଟର ନୃପେଶ ନାୟକ। ବର୍ଷାଜଳ ଅମଳ ପ୍ରକଳ୍ପ ପ୍ରତ୍ୟେକ ସରକାରୀ କୋଠାରେ ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ତାହା ହେଉ ନାହିଁ। ସେପଟେ ବେଆଇନ ଭାବରେ ଆପାର୍ଟମେଣ୍ଟ ଓ ବଡ଼ବଡ଼ କୋଠା ନିର୍ମାଣ ପାଇଁ ଭୂତଳ ଜଳ ଉତ୍ତୋଳନ ହେଉଛି। ଏହାକୁ ଦେଖିବା ପାଇଁ କେହି ନାହାନ୍ତି । । ଓଡ଼ିଶା ପୌର ଆଇନ୍-୨୦୦୩, ଧାରା ୫୩୮ ଅନୁସାରେ ବିଏମ୍‌ସି କମିସନରଙ୍କ ଲିଖିତ ଅନୁମତି ବିନା ଏହି ଭୂତଳ ଜଳ ଉତ୍ତୋଳନ କରିପାରିବେ ନାହିଁ। ହେଲେ ଏ ଯାବତ୍ ଏହି ଆଇନ କାର୍ଯ୍ୟକ୍ଷମ ହୋଇ ନାହିଁ। ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ବୈଠକରେ ବିଧାୟକ ବାବୁ ସିଂଙ୍କ ସମେତ ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅରୁଣ ଷଡ଼ଙ୍ଗୀ ...

ଯେଉଁଟି ଆଗ ପଡ଼ିବ, ସେ ପର୍ଯ୍ୟନ୍ତ ଅରୁଣ ଷଡ଼ଙ୍ଗୀ ଏହି ପଦବୀରେ କାର୍ଯ୍ୟ କରିବେ। ପୂର୍ବତନ ବିଜେଡି ସରକାର ୨୦୨୩ ଡିସେମ୍ବର ୩୧ତାରିଖରେ ତାଙ୍କୁ ରାଜ୍ୟ ପୁଲିସ ଡିଜି ଭାବେ ଅସ୍ଥାୟୀ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଗତ ଜୁନ୍‌ରେ ନୂଆ ସରକାର କ୍ଷମତାକୁ ଆସିବା ପରେ ମଧ୍ୟ ଅସ୍ଥାୟୀ ଡିଜିପି ଭାବେ କାର୍ଯ୍ୟ କରୁଥିଲେ ଶ୍ରୀ ଷଡ଼ଙ୍ଗୀ। ସେ ସ୍ଥାୟୀ ଡିଜିପି ହୋଇପାରନ୍ତି ବୋଲି ଜୋର ଆଲୋଚନା ହୋଇଥିଲା। ହେଲେ ସରକାର ୱାଇବି ଖୁରାନିଆଙ୍କୁ ଡିଜିପି ଭାବେ ନିଯୁକ୍ତି ଦେଇଥିଲେ। ଡିଜିପି ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଶ୍ରୀ ଷଡ଼ଙ୍ଗୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଓପିଏସସି ଅଧ୍ୟକ୍ଷ ପଦରୁ ସତ୍ୟଜିତ୍ ମହାନ୍ତି ୨୦୨୩ ଅଗଷ୍ଟରେ ଅବସର ନେବାପରଠୁ ଓପିଏସସି ସଦସ୍ୟ ଡ. ସରିତା ସୁପକାର କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି।

ଉଲ୍ଲେଖଯୋଗ୍ୟ, ଓପିଏସସି ଅଧ୍ୟକ୍ଷ ଏକ ବୈଧାନିକ ପଦବୀ ହୋଇଥିବାରୁ ଶ୍ରୀ ଷଡ଼ଙ୍ଗୀ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଏହି ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଶ୍ରୀ ଷଡ଼ଙ୍ଗୀ ୨୦୨୫ ଜୁଲାଇରେ ସରକାରୀ ଚାକିରିରୁ ଅବସର ନେବାର ଥିବାବେଳେ ରାଜ୍ୟ ସରକାର ତାଙ୍କୁ ଓପିଏସ୍‌ସି ଅଧ୍ୟକ୍ଷ ପଦବୀରେ ଥଇଥାନ କରିଥିବାରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ନୂଆ ଦାୟିତ୍ୱ ସମ୍ଭାଳିବେ।

### ଶିକ୍ଷାବିତଙ୍କ...

ପରେ ଏକ ନିଷ୍କର୍ଷରେ ପହଞ୍ଚନ୍ତି ସରକାର। ଖୁବଶୀଘ୍ର ଖାଲି ପଡ଼ିଥିବା ୧୫୦୦ରୁ ଉର୍ଦ୍ଧ୍ୱ ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଆଜିର ବୈଠକରେ ୟୁଜିସି ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତି, କୁଳପତି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠି ପ୍ରମୁଖ ଯୋଗଦେଇଥିଲେ।



# ବେଆଇନ ଘର ଭାଙ୍ଗିଲା ପ୍ରଶାସନ

**ପିପିଲି, ୨୭।୯ (ସଂଚାର ବ୍ୟୁରୋ):** ବେଆଇନ ଘର ଭାଙ୍ଗିଲା ପ୍ରଶାସନ । ପିପିଲି ଗୋବର୍ଦ୍ଧନପୁର ଠାରେ ଥିବା ବେଆଇନ ଘର କୁ ଆଜି ଭାଙ୍ଗିଛି ପ୍ରଶାସନ । ସୂଚନା ଥାଉକି ଓରକଳ ପଞ୍ଚାୟତ ଗୋବର୍ଦ୍ଧନପୁର ସୁଲତାନ ନଗର ଦୟା ନଦୀ ରେ ବେଆଇନ ବାଲିଘାଟ ଚାଲିଥିବା ବେଳେ ଗୋବର୍ଦ୍ଧନପୁର ମୌଜା ରେ ଥିବା ଖାତା ନମ୍ବର ୧୨୪ ଓ ପ୍ଲଟ ନମ୍ବର ୨୦୬ ଏରିଆ ୧.୨୦ ଡିସିମିଲ କିସମ ପତିତ ରୁ ବେଆଇନ ବାଲି ଗଚ୍ଛିତ ରଖାଯିବା ଓ ଏହି ପତିତ ଜମିରେ ବେଆଇନ ଭାବରେ ଘର ଥିବା ନେଇ ସ୍ଥାନୀୟ ଜନସାଧାରଣ ପିପିଲି ତହସିଲଦାର ଙ୍କ ପାଖରେ ଅଭିଯୋଗ କରିଥିଲେ ସ୍ଥାନୀୟ ତହସିଲଦାର ଦିଲ୍ଲୀପ କୁମାର ମାଝି ଅଭିଯୋଗ ଆଧାର ରେ ପୂର୍ବରୁ ନୋଟିସ ଜାରି କରିବା ସହିତ ଆଜି ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ନେତୃତ୍ୱ ରେ ଫୋର୍ସ କୁ ସାଥିରେ ନେଇ ବେଆଇନ ଘରକୁ ଉଚ୍ଛେଦ କରିଛନ୍ତି । ସେପଟେ ବେଆଇନ ଘର ସଂପର୍କ ରେ ବାରମ୍ବାର ଅଭିଯୋଗ ଆସୁଥିବା ବେଳେ ସର ଜମିନ ତଦନ୍ତ କରି ପତିତ ଜମିରେ ରେ ବେଆଇନ ଘର ନିର୍ମାଣ ହୋଇଥିବା ନଜର କୁ ଆସିବା ପରେ ଏ ନେଇ ଆଜି ପୋଲିସ ଫୋର୍ସ ନେଇ ଉଚ୍ଛେଦ କରାଯାଇ ଥିବା କହିଛନ୍ତି।

# କମ୍ପ୍ୟୁଟର ଓଜନ ଯନ୍ତ୍ରରେ ଖାଉଟିଙ୍କୁ ଶୋଷଣ

## ପ୍ରଶାସନ ନୀରବ

**ସୁବର୍ଣ୍ଣପୁର, ୨୭।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ଡିଲର, ବ୍ୟବସାୟୀ, ସୁନାଦୋକାନୀ, ଗ୍ରୋସରୀ ଦୋକାନ, ମାଛ, ମାଂସ ଦୋକାନ ମାନଙ୍କରେ ଏବେ କମ୍ପୁଟର ଓଜନ ମାପ ଯନ୍ତ୍ର ଲଗାଯାଇଛି । ତାହାର ସଠିକ୍ ମାପକୁ ନେଇ ଖାଉଟିମାନେ ଦ୍ୱନ୍ଦରେ ପଡିଛନ୍ତି। ଅନେକ ଦୋକାନୀ ଦୋକାନ ମଧ୍ୟରେ ଓଜନ ଯନ୍ତ୍ର ରଖିଥିଲେ ମଧ୍ୟ ଓଜନ ସମୟରେ ଖାଉଟିମାନେ କେତେ ପରିମାଣରରେ ଜିନିଷ ଆଣିଲେ ତାହାର ସଠିକତା ଜାଣି ପାରୁନାହାଁନ୍ତି । ଅପର ପକ୍ଷରେ ଓଜନ ମାପର ସଠିକତାକୁ ନେଇ ଦାୟିତ୍ୱରେ ଥିବା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଅପର ପକ୍ଷରେ ଚର୍ଚ୍ଚା ହେଉଛି ଡିଲରମାନେ କଣ୍ଟ୍ରୋଲ ସାମଗ୍ରୀ ପ୍ରଦାନ ସମୟରେ ସଠିକ୍ ଓଜନର ଚାଉଳ ପ୍ରଦାନ କରୁନାହାଁନ୍ତି। ଗୋଟିଏ ଦୋକାନରେ ଓଜନ କରି ଆଣିଥିବା ଜିନିଷ ଅନ୍ୟ ଦୋକାନରେ ଓଜନ କଲେ ଓଜନ କମୁଛି । ସୁନା ଦୋକାନଗୁଡିକରେ ବ୍ୟବହାର କରାଯାଉଥିବା କମ୍ପ୍ୟୁଟର ଓଜନ ଯନ୍ତ୍ରର ସଠିକତାକୁ ନେଇ ମଧ୍ୟ ଲୋକମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ଏଣୁ ଓଜନ ମାପ ବିଭାଗ ଜିଲ୍ଲାର ବିଭିନ୍ନ ଅଂଚଳରେ ଥିବା ସମସ୍ତ ଦୋକାନ, ଡିଲର ପଏଣ୍ଟ, ବ୍ୟବସାୟୀ ବ୍ୟବହାର କରାଯାଉଥିବା କମ୍ପ୍ୟୁଟର ଓଜନମାପ ଯନ୍ତ୍ରକୁ ପରୀକ୍ଷା କରିବା ଏପରିକି ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।




# ବଦଳିଲା ସରକାର, ବଦଳୁ ନାହାନ୍ତି ଅଫିସର୍

**ପାଟଣାଗଡ, ୨୭।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ର ଖପ୍ରାଖୋଲ ଅଞ୍ଚଳ ରେ ବର୍ଷ ବର୍ଷ ଧରି ବିଭିନ୍ନ ବିଭାଗ ରେ ଅଧିକାରୀ ଓ କର୍ମଚାରୀ ମାନେ ଚାକିରୀ କରିଛନ୍ତି । ଗୋଟିଏ ବିଭାଗ ରେ ବାବୁ ମାନେ ଦୀର୍ଘ ଦିନ ଧରି ଚାକିରୀ କରୁଥିବା ରୁ ବାବୁ ମାନେ ଆଉ ଠିକ ଭାବେ କାର୍ଯ୍ୟ କରୁନଥିବା ଅଭିଯୋଗ ହେଉଛି । ଏମିତି କି ଅଧିକାଂଶ ଚାକିରିଆ ସ୍ଥାନୀୟ ଲୋକଙ୍କ ସହ ମିଶିକି ଦୁର୍ନୀତି କରିଥିବା ମଧ୍ୟ୍ୟ ନଜର କୁ ଆସିଛି । ଅନ୍ୟ ପଟେ ନିର୍ବାଚନ କୁ ଆଉ କିଛି ମାସ ବାକି ଥିବା ବେଳେ କର୍ମଚାରୀ ମାନେ ବର୍ଷ ବର୍ଷ ଧରି ଚାକିରୀ କରୁଥିବା ରୁ ଏହାର ପ୍ରଭାବ ନିର୍ବାଚନ ଉପରେ ମଧ୍ୟ୍ୟ ପଡିବା ନେଇ ଆଲୋଚନା ହେଉଛି । ତେଣୁ ବିଭାଗୀୟ ଅଧିକାରୀ ଏ ଉପରେ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଲୋକ ଦାବି କରୁଛନ୍ତି ।

# ଶିଶୁ ମହୋତ୍ସ୍ଵ ସୁରଭି ଅନୁଷ୍ଠିତ

**କଣାସ, ୨୭।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ବିଭିନ୍ନ ଅଞ୍ଚଳିକ ସାଧାନକେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରେ ଆଜି ଆଚଳିକ ସାଧାନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗଡ଼ବଡପୁଟ ଗ୍ରାମପଞ୍ଚାୟତ ବାରଦାବାଦଲପୁର ସଂଯୁକ୍ତ ଉ.ପ୍ରା ବିଦ୍ୟାଳୟରେ ଆଜି ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀଙ୍କ ପୌରହିତରେ ଆୟୋଜିତ ସାଧାନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସ୍ତରୀୟ ଶୁରଭି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଗଡ଼ବଡପୁଟ



ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଜାଗୃତି ଜ୍ୟୋତ୍ରିମୟୀ ଜେନା ବିର୍ତ୍ତକ, ଶ୍ରୀମୁଖୀ ବେହେରା କନିଷ୍ଠ ବିଭାଗ ଚିତ୍ରାଙ୍କନ ଓ କୁଇଜ୍, ଶୁଭଲକ୍ଷ୍ମୀ ବଳିୟାରସିଂହ ଚିତ୍ରାଙ୍କ ବରିଷ୍ଠ, ପ୍ରଳୟକୃଷ୍ଣ ସ୍ୱାଇଁ କୁଇଜ୍ ବରିଷ୍ଠ, ଲକ୍ଷ୍ମୀପ୍ରିୟା ବଳିୟାରସିଂହ ବକ୍ତୃତା କନିଷ୍ଠ ଓ ସୁଜାତା ପାଇକରାୟ ହସ୍ତାକ୍ଷର ଓ ସୁତ୍ରଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସ କରି ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟତା ହାସଲ କରିଥିଲେ। ସେହିପରିବାରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର କବେରି ଖଟେଇ ପ୍ରବନ୍ଧ, ଶ୍ରର୍ଦ୍ଧାଞ୍ଜଳି ପରିଡ଼ା ସୃଜନଶୀଳ ଲେଖନ ବରିଷ୍ଠ, ଭାଗ୍ୟଶ୍ରୀ ବକ୍ତୃତା ବରିଷ୍ଠ, ବିଶ୍ୱରାଜନ ଭଞ୍ଜ ସଙ୍ଗୀତ ବରିଷ୍ଠ, ବାରଦାବାଦଲପୁର ସଂଯୁକ୍ତ ଉ.ପ୍ରା ବିଦ୍ୟାଳୟ ଅର୍ପିତା ଖଟେଇ ସୃଜନଶୀଳ ଲିଖନ କନିଷ୍ଠ ଓ ପ୍ରିୟଙ୍କା ମହାପାତ୍ର ସଙ୍ଗୀତ କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଡ଼ବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ଲିସା ଚମ୍ପତି ଓ ସାଥିମାନେ ଆର୍କଷଣ ନୃତ୍ୟ ପ୍ରଦର୍ଶନ କରି ବ୍ଲକ ସ୍ତରକୁ ମନୋନିତ ହୋଇଥିଲେ। ସେହି ବିଦ୍ୟାଙ୍ଗ ଚିତ୍ରାଙ୍କ ବରିଷ୍ଠ ବିଭାଗରେ ବାରଦ ବାଦଲପୁର ଉଚ୍ଚ ବିଦ୍ୟାଳୟ ରୁପାଲି ବେହେରା ପ୍ରଥମ, ପିଏମ ପୋଷଣ ଚିତ୍ରକଳାରେ ଲୋକନାଥ ରାଉତରାୟ ତିଗିରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶିଳ୍ପ କଳାରେ ବେହେଷ୍ଟା ପ୍ରକଳ୍ପା ଉ.ପ୍ରା ବିଦ୍ୟାଳୟର ମଳୟ ମୁଦିଲି ପ୍ରଥମ ସ୍ଥାନ ହାସଲ କରିଥିଲେ।

# ବକଟୀ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

**ଭେଡେନ, ୨୭।୯ (ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ବକଟୀ ଆଂଚଳିକ ସାଧନ କେନ୍ଦ୍ରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବରେ ବକଟୀ ପ୍ରାଥମିକ ବିଦ୍ୟାଳୟ ସଭାପତି ସୁଦେସ୍ନା ସେଟ୍ ଓ ପ୍ରଧାନ ଶିକ୍ଷକ ଗୌର ମେହେର,ସିଆରସିସି ମନୋରଂଜନ ବେହେରା,ବକଟୀ-ବୁର୍ଦ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପଞ୍ଚାନନ ଭୁଏ, ବକଟୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ପ୍ରଧାନ ସହ କ୍ଲଷ୍ଟରରେ ଥିବା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକମାନେ ଯୋଗଦେଇଥିଲେ। ବକଟୀ-ବୁର୍ଦ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକର ପଞ୍ଚାନନ ଭୁଏ, ଲଳିତ ମୋହନ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଲୋକକଳା ଓ ସାଂସ୍କୃତିକ ଆଧାରିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଗଲା ।

# ବିଶ୍ୱପର୍ଯ୍ୟଟନ ଦିବସ ଉପଲକ୍ଷେ ଐତିହ୍ୟ ସୁପରବାଇକ୍ ରାଲି

**କୋଣାର୍କ, ୨୭।୯ (ସଂଚାର ବ୍ୟୁରୋ):** ଶୁକ୍ରବାର ପୂର୍ବାହ୍ନ ସମୟରେ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ "ବିଶ୍ୱ ପର୍ଯ୍ୟଟନ ଦିବସ" ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଐତିହ୍ୟ ସୁପର ବାଇକ୍ ରାଲି କାର୍ଯ୍ୟକ୍ରମ ସକାଳ ୭ଘଟିକା ସମୟରେ ଶାନ୍ତିସ୍ତୁପ ଧଉଳି ଠାରୁ ଆରମ୍ଭ ହୋଇ ପିପିଲି, ମାଳତୀପାଟପୁର ପୁରୀ - କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତା ଦେଇ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ପହଞ୍ଚିଥିଲେ। ସେମାନଙ୍କୁ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ପର୍ଯ୍ୟଟନ ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ପରେ ପରେ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଆୟୋଜିତ ପର୍ଯ୍ୟଟନ ଦିବସ ସମାରୋହ କାର୍ଯ୍ୟକ୍ରମରେ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ସମ୍ବିତ ପାତ୍ର, ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଲ



ମୁକୁନ୍ଦ ଭୂୟାଁ, କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଓ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଓଡିଶା ସୁପର ବାଇକ ଆସୋସିଏସନ ସଂପାଦକ ହିମାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ନିମନ୍ତେ ସୁପର ବାଇକର ମାନଙ୍କ ଭୂମିକା ଅନନ୍ୟ ବୋଲି ଅଭିହିତ କରିଥିଲେ।

ଓଡ଼ିଶା ପର୍ଯ୍ୟଟନ ଶିଳ୍ପର ବିକାଶ ପ୍ରଚାର ଓ ପ୍ରସାର ଦିଗରେ ଏହା ଏକ ପ୍ରମୁଖ ଭୂମିକା ଲିଭାଇବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଥର ପାଇଁ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଐତିହ୍ୟ ସୁପରବାଇକର ରାଲି ଭଳି କାର୍ଯ୍ୟକ୍ରମ ପର୍ଯ୍ୟଟନ ବିଭାଗ ର ଏକ ଅନନ୍ୟ କାର୍ଯ୍ୟକ୍ରମ ଓ ଏହା ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ପାଇଁ ବିଶେଷ ସହାୟକ ହେବ କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତବର୍ଷର ପର୍ଯ୍ୟଟନ କ୍ଷେତ୍ର ମାନଙ୍କରେ ଏ ବର୍ଷର ମୁଖ୍ୟ ବାର୍ତ୍ତା ପର୍ଯ୍ୟଟନ ଆଉ ଶାନ୍ତି କୁ ନେଇ ବିଶ୍ୱ ପର୍ଯ୍ୱଟନ ଦିବସ ପାଳନ କରାଯାଇଛି। ଭାରତ ବର୍ଷର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି ଙ୍କ ଆମେରିକା ଗସ୍ତ ଅବସରରେ ସେଠାରେ ରହୁଥିବା ପ୍ରବାସୀ ଭାରତୀୟ ମାନଙ୍କ ସହ ସାକ୍ଷାତ ଆଲୋଚନା ହୋଇଥିଲା। ପ୍ରବାସୀ ଭାରତୀୟ ମାନେ ଜଣଙ୍କ ପିଛା ୫ ଜଣ ବିଦେଶୀ ବନ୍ଧୁଙ୍କୁ ଭାରତର ପର୍ଯ୍ୟଟନ କ୍ଷେତ୍ର ଆଣି ବୁଲେଇବା ସହ ଦେଶର ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଦିଗରେ ଏକ ମାଇଲି ଖୁଣ୍ଟ ସଦୃଶ। ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଙ୍କ ନିବେଦନକୁ ସମସ୍ତେ ପାଳନ ପୂର୍ବକ ଭାରତର ପର୍ଯ୍ୟଟନ ଶିଳ୍ପ ର ବିକାଶ କରିବାରେ ଏହା ବିଶେଷ ସହାୟକ ହେବ ବୋଲି କୋଣାର୍କ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ବିଶ୍ୱ ପର୍ଯ୍ୱଟନ ଦିବସ ପାଳନ ଅବସରରେ ପୁରୀ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡଃ ସମ୍ବିତ ପାତ୍ର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀଙ୍କ ସମେତ ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ।

# ଅଧ୍ୟକ୍ଷା ପଦ ହରାଇଲେ ଅମ୍ବିକା

## ବିରୋଧରେ ୧୦ କାଉନସିଲରଙ୍କ ମତଦାନ, ୧ ନାକଚ

**ନୀଳଗିରି, ୨୭।୯ (ସଂଚାର ବ୍ୟୁରୋ):** ନିଜ ଦାୟିତ୍ୱରେ ଅବହେଳା, ୱାର୍ଡ ପ୍ରତି ପକ୍ଷପାତିତା ଆଦି ବିଭିନ୍ନ ଅଭିଯୋଗ ନେଇ ୧୧ଜଣ କାଉନସିଲର ନୀଳଗିରି ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳ ଗତ ଅଗଷ୍ଟ ୧୪ତାରିଖରେ ଭୋଟିଂ ପାଇଁ ନିର୍ଦ୍ଦେଶନାମା ମାସ ୨୭ତାରିଖରେ ପୁନଃ ଭୋଟିଂ କରିବାକୁ ନୋଟିସ ଜାରି କରିଥିଲେ। ତେବେ ଏନେଇ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏନଏସି ସଭାଗୃହ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟରେ ଅର୍ଥାତ୍ ପୂର୍ବାହ୍ନ ୧୧ଟାରୁ ୧୨ ପର୍ଯ୍ୟନ୍ତ ପ୍ରସ୍ତାବିତ ସଂକଳ୍ପ ଉପରେ ଆଲୋଚନା କରାଯାଇ ୧୨.୧୦ମିନିଟ ସମୟରେ ମତଦାନ କରାଯାଇଥିଲା। ମୋଟ ୧୩ଜଣ କାଉନସିଲରଙ୍କ




ଜାରି କରିଥିବା ବେଳେ ଅଧ୍ୟକ୍ଷା ଶ୍ରୀମତୀ ଦାସ ଡବ୍ଲ୍ୟୁପିସି ୧୯୬୬୯/୨୪ମୂଳେ ଗତ ଅଗଷ୍ଟ ୧୩ତାରିଖରେ ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟ ଉକ୍ତ ଅନାସ୍ଥା ସଂକ୍ରାନ୍ତରେ ନିଜର ରାୟ ଶୁଣାଇବା ପରେ ଅନାସ୍ଥା କିଛିଦିନ ପାଇଁ ଟଳି ଯାଇଥିଲେ ହେଁ ପୁନର୍ବାର ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୁଣିଥରେ ବାଲେଶ୍ୱର ଜିଲ୍ଲାପାଳ ସମସ୍ତ ପ୍ରସଙ୍ଗକୁ ଭିତ୍ତି କରି କିଛିଦିନ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରି ଅଧ୍ୟକ୍ଷା ସମେତ ସମସ୍ତ କାଉନସିଲରଙ୍କୁ ସେପ୍ଟେମ୍ବର ମଧ୍ୟରୁ ୧୧ଜଣ କାଉନସିଲର ମତଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିଲେ। ୧୧ଜଣ କାଉନସିଲର ମତଦାନ କରିଥିବା ବେଳେ ଜଣେ କାଉନସିଲରଙ୍କ ଭୋଟ ନାକଚ ହୋଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।ତେବେ ୧୦ଟି ଭୋଟ ଅନାସ୍ଥା ସପକ୍ଷରେ ଅର୍ଥାତ୍ ଅଧ୍ୟକ୍ଷାଙ୍କ ବିରୋଧରେ ଯାଇଥିଲା। ଫଳରେ ଆଜିର ଏହି ପ୍ରକ୍ରିୟାରେ ଅଧ୍ୟକ୍ଷା ଶ୍ରୀମତୀ ଅମ୍ବିକା ଦାସ ବହୁମତ ହରାଇ ନିଜର ପଦବୀ ହରାଇଥିବା ଜଣାଯାଇଛି।




# ଏକାଧିକ ଅପରାଧରେ ଜଡିତ ରଙ୍ଗାଧରକୁ ଧରି ପାରୁନି ପୋଲିସ

**କଳାହାଣ୍ଡି, ୨୭।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ମୋହନଗିରି ପଞ୍ଚାୟତ ମୁଛେଲପଦର ଗ୍ରାମର ଅଭିଯୁକ୍ତ ରଙ୍ଗାଧର ନାଏକ ୪୩ବର୍ଷ, ପିତା- ରାମେ ନାଏକ ଏହି ବ୍ୟକ୍ତି ୨୦୧୯ ମସିହାରୁ ଚଳିତ ୨୦୨୪ ମସିହା ପର୍ଯ୍ୟନ୍ତ ଚୋରା ଦେଶୀ ରନ୍ଧା ମଦ ଏବଂ ଗଂଜେଇ ମରାମପୁର ବ୍ଲକ, କର୍ଲା ମୁଣ୍ଡା ଓ ନର୍ଲା ବ୍ଲକ୍ ପର୍ଯ୍ୟନ୍ତ ଚୋରା ଚାଲାଣ କରୁଥିବା ବେଳେ ଅଞ୍ଚଳରେ ଗଂଜେଇ ଏବଂ ରନ୍ଧା ମଦ ବ୍ୟାପିବାରେ ଲାଗିଛି। ଏହି ଅଭିଯୁକ୍ତ ନାମରେ ଏକାଧିକ ମାମଲା ଥିବାବେଳେ ଚାରି ପାଞ୍ଚ ଥର ଜେଲ୍ ଯାଇଥିଲା। ସେ ଅପରାଧି ଚୁକ୍ତିନାମା ବଣ୍ଡରେ ବାହାରି ଅଂଚଳର ପୋଲିସକୁ ଚକମା ଦେଇ ନିଜକୁ ଆତ୍ମଗୋପନ କରି ଅଞ୍ଚଳରେ ଗଂଜେଇ ସହିତ ଦେଶୀ ରନ୍ଧା ମଦ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଜିଲ୍ଲା ପୁଲିସ ପ୍ରଶାସନ ତଥା ଥାନା ଅଧିକାରୀମାନେ କାହିଁକି ଉକ୍ତ ଅପରାଧିଙ୍କୁ ଧରିବାରେ ଅନୁକମ୍ପା ଦେଖାଉଛନ୍ତି ତାହା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି। ଏଣୁ ଉକ୍ତ ଅପରାଧିକୁ ନିୟନ୍ତ୍ରଣ କରିବା ସହ ଧରିବା ପାଇଁ ମ. ରାମପୁର ପୋଲିସକୁ ଅଞ୍ଚଳ ବାସୀ ଦାବି ଉଠାଇଛନ୍ତି ।

# ଦକ୍ଷତା ତାଲିମ ନେଲେ ବଣ୍ଡା ଜନଜାତି ଯୁବଗୋଷ୍ଠୀ

**ମାଲକାନଗିରି, ୨୭।୯ (ସଂଚାର ବ୍ୟୁରୋ):** ଆଦିମ ଜନଜାତି ବଣ୍ଡାଙ୍କ ବାସସ୍ଥଳୀ ହେଉଛି ମାଲକାନଗିରି ଜିଲ୍ଲା। ଆଦିମ ଜନଜାତିଙ୍କ ଉନ୍ନୟନ ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ରାଧାନ୍ୟତା ଦେଇ ଆସୁଛନ୍ତି। ଏହି ପରୀପ୍ରେକ୍ଷୀରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବଣ୍ଡା ଜନଜାତିଙ୍କ ଦକ୍ଷତା ବିକାଶ ନିମନ୍ତେ ସ୍ୱତନ୍ତ୍ର ପ୍ରକଳ୍ପ ଅନୁମୋଦନ କରାଯାଇଛି । ଖଇରପୁଟ ବ୍ଲକ ମୁଦୁଲିପଡ଼ାସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥା ପରିସରରେ ବଣ୍ଡା ଯୁବକ ଯୁବତୀଙ୍କୁ ପାରମ୍ପରିକ ବଣ୍ଡା ଅଳଙ୍କାର କାରିଗରୀ ଓ ଗ୍ରାମୀଣ ମିସ୍ତ୍ରୀ ଦକ୍ଷତା ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ମନସ୍ୱୀ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ମୁଖ୍ୟ, ସଲମନ ରାଇକିଆ ଉପସ୍ଥିତ ଥିଲେ। ୨୭୦ ଜଣ ବଣ୍ଡା ଯୁବକ ଯୁବତୀଙ୍କ



ମଧ୍ୟରୁ ୧୫୦ ଜଣ ଗ୍ରାମୀଣ ମିସ୍ତ୍ରୀ ଓ ୧୨୦ ଜଣ ପାରମ୍ପରିକ ବଣ୍ଡା ଅଳଙ୍କାର କାରିଗରୀ ଦକ୍ଷତା ତାଲିମ ନେବେ। ପାରମ୍ପରିକ କୌଶଳକୁ ବଜାୟ ରଖି ଏହି ତାଲିମ ପ୍ରଦାନ କରାଯିବ। ଯାହା ଫଳରେ ଲୁପ୍ତପ୍ରାୟ କାରିଗରୀ ବଞ୍ଚି ରହିବ। ଗ୍ରାମୀଣ ମିସ୍ତ୍ରୀ ତାଲିମ ନେଇ ଯୁବକ ଯୁବତୀମାନେ ନିଜ ଅଞ୍ଚଳରେ ରୋଜଗାରକ୍ଷମ ହୋଇପାରିବେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଆଦିମ ବଣ୍ଡା ଜନଜାତିଙ୍କ ଦକ୍ଷତା ବିକାଶ ହେବ ଏବଂ ସେମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ।

# ଏନ୍‌ଟିପିସି ଦର୍ଲିପାଲି କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା

**ସୁନ୍ଦରଗଡ, ୨୭।୯ (ସଂଚାର ବ୍ୟୁରୋ):** ଦୈନନ୍ଦିନ କାର୍ଯ୍ୟାଳୟ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ୧୪ସେପ୍ଟେମ୍ବରରୁ ଏନଟିପିସି ଦର୍ଲିପାଲି ଷ୍ଟେସନରେ "ହିନ୍ଦୀଭାଷା ପକ୍ଷ- ୨୦୨୪" ଚାଲିଛି। ଏହା ଅଧୀନରେ ୧୬ ସେପ୍ଟେମ୍ବରରେ ହିନ୍ଦୀ ପ୍ରଶ୍ନପତ୍ର ଏବଂ ୧୯ ସେପ୍ଟେମ୍ବରରେ ସୁଲେଖା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତା ଗୁଡ଼ିକ ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ହିନ୍ଦୀ ଭାଷାଭାଷୀ ଏବଂ ଅଣ-ହିନ୍ଦୀ ଭାଷାଭାଷୀ ରାଜ୍ୟର କର୍ମଚାରୀଙ୍କ ପାଇଁ ହିନ୍ଦୀ ପ୍ରଶ୍ନପତ୍ର ପୃଥକ ଭାବରେ ଆୟୋଜିତ ହୋଇଥିଲା। ପ୍ରଶ୍ନ ପେପର ପ୍ରତିଯୋଗିତାରେ ମୋଟ ୩୪ ଜଣ ଏବଂ ସୁଲେଖା ପ୍ରତିଯୋଗିତାରେ ମୋଟ ୨୯ ଜଣ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ସେପ୍ଟେମ୍ବର ୨୪ ଟାଉନସିପରେ ଥିବା ଏକ୍ଜିକ୍ୟୁଟିଭ୍ କ୍ଲବରେ ଏକ ଅନ୍ତାକ୍ଷରି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଯେଉଁଥିରେ ମୋଟ ୯ ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳ ୩ ଜଣ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିଲେ। ଏହି ପ୍ରତିଯୋଗିତାରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ଅଂଶଗ୍ରହଣ କରିଥିଲେ। ଶେଷରେ ତିନିଟି ଦଳ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଘୋଷିତ ହୋଇଥିଲେ। ହିନ୍ଦୀଭାଷା ପକ୍ଷ ବନ୍ଦ ସମାରୋହ ୨୮ ସେପ୍ଟେମ୍ବର ୨୦୨୪ ରେ କୋଣାର୍କ ଅଡିଟୋରିୟମରେ ମହା ଆଡମ୍ବର ସହ ଅନୁଷ୍ଠିତ ହେବ। ସେହି ଦିନ ପୁରସ୍କାର ବିତରଣର ମଧ୍ୟ ଆୟୋଜନ କରାଯିବ। ଏହି ସମାରୋହର ମୁଖ୍ୟ ଅତିଥି ପ୍ରକଳ୍ପ ମୁଖ୍ୟ ଶ୍ରୀ ରାମ ଭଜନ ମଲିକ, ହିନ୍ଦୀଭାଷା ପକ୍ଷ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିବେ।

# ତିରିଶ ବର୍ଷ ପରେ ବି ଖୁଣ୍ଟାପୁର ରାସ୍ତା ମରାମତି ହେଲାନି

**ବୈଶିଙ୍ଗା, ୨୭।୯ (ସଂଚାର ବ୍ୟୁରୋ):** ସାରାଦେଶରେ ବା ରାଜ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କୋଟି କୋଟି ଟଙ୍କାର ଅର୍ଥ ମଞ୍ଜୁରୀ ହେବାପରେ ଗ୍ରାମାଞ୍ଚଳରେ ଏହା କିପରି ରୂପାନ୍ତରିତ ହେଉଛି, ଠିକାଦାର କିପରି କାମ କରୁଛି, ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେଉଛି କି ନାହିଁ, ଏ ସବୁ ଦେଖିବା ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖରେ ସମୟ ନାହିଁ। ଫଳରେ ଅଳ୍ପ କିଛି ଦିନ ପରେ ଏହି ରାସ୍ତାଗୁଡିକର ଅବସ୍ଥା ଏମିତି ଖରାପ ହୋଇ ଯାଉଛି ଯେ ବିନା ମରାମତିରେ ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ଏହାର ନଗ୍ନ ଉଦାହରଣ ପାଲଟିଛି ଖୁଣ୍ଟାପୁର-ଅସ୍ତପୁରା ଗ୍ରାମ୍ୟ ସଡ଼କ ।

ପଣସିଆ-ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ଖୁଣ୍ଟାପୁର ସ୍କୁଲ ଛକ ଠାରୁ ଅସ୍ତପୁରା ନିକଟରେ ବୈଶିଙ୍ଗା -ରୁପସା ଏମ୍.ଡି.ଆର..୭୦କୁ ସଂଯୋଗ କରୁଥିବା ଦେଢ କି.ମି.ରାସ୍ତାଟିକୁ ପ୍ରାୟ ୩୦ ବର୍ଷ ତଳେ ପିଚୁ ରାସ୍ତା ତିଆରି କରାଯାଇଥିଲା। ବର୍ତ୍ତମାନ ଏହି ରାସ୍ତାରେ ବଡ ବଡ ମେଟାଲ ସବୁ ଉଠିଯାଇ ରାସ୍ତାରେ ବିଛୁଡି ହୋଇପଡି ଥିବାରୁ ଗାଡି, ବାଇକ୍ ଚାଲିବା ତ ଦୂରର କଥା ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡିଛି। ଏହି ୩୦ ବର୍ଷ ମଧ୍ୟରେ କେତେ ସାଂସଦ, ବିଧାୟକ ଓ ସରପଞ୍ଚ ନିଜର ଦାୟିତ୍ୱ ନିଭାଇ ବିଦାୟ ହୋଇଯାଇଛନ୍ତି, ମାତ୍ର

## ଅପହଞ୍ଚ ଆମ୍ବୁଲାନ୍ସ ସେବା



ଏହି ରାସ୍ତା ପ୍ରତି କାହାରି ଦରଦ ଥିବା ଭଳି ପରିଲକ୍ଷିତ ହୋଇନାହିଁ। ଏହି ୩୦ ବର୍ଷ ମଧ୍ୟରେ ବିଜୁ ଜନତାଦଳ ୨୫ ବର୍ଷ କ୍ଷମତାସୀନ ଥାଇ ମଧ୍ୟ ଏହି ରାସ୍ତା ପ୍ରତି ଗୁରୁତ୍ୱ ନ ଦେବା ପରିତାପର ବିଷୟ ପାଲଟିଛି । ରାଜ୍ୟରେ ଭାରତୀୟ ଜନତା ପାର୍ଟି ପ୍ରଥମ କରି ଶାସନ ଭାର ଗ୍ରହଣ କରିବାର ଦୁଇ ମାସ ପୂର୍ତ୍ତି ହୋଇଥିବାବେଳେ ଏହି ରାସ୍ତାର ଅବସ୍ଥା ସୁଧୁରିବା ନେଇ ଖୁଣ୍ଟାପୁର ଗ୍ରାମବାସୀ ବହୁ ଆଶାବାଦୀ ଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ମରାମତିର ଆବଶ୍ୟକତାକୁ ଉପଲବ୍ଧି କରି ନିର୍ମାଣ ପ୍ରତି ଗୁରୁତ୍ୱ ଦେଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ।

# ଯକ୍ଷ୍ମା ପ୍ରତିଷେଧକ ଟୀକାର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

**ବାଲେଶ୍ୱର, ୨୭।୯ (ସଂଚାର ବ୍ୟୁରୋ):** ଜିଲ୍ଲା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବାଲେଶ୍ୱର ସହଯୋଗରେ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାର ଜିଲ୍ଲା ସ୍ତରୀୟ ଶୁଭାରମ୍ଭ କରାଯାଇଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ) ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁଲାଲ ସେନ ଜଗତଦେଓ, ପୂର୍ବତନ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ଏବଂ ଟୀକାକରଣ) ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ମନୋଜ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ସଞ୍ଜୀବ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ବାହକ ବାହିତ ରୋଗ) ଡାକ୍ତର ରଞ୍ଜନ କୁମାର ନାୟକ, ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଲମ୍ବୋଦର ବଳ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱରଞ୍ଜନ ନାୟକ, ସହକାରୀ କାର୍ଯ୍ୟକ୍ରମ ପରିଚାଳକ (ସହରାଞ୍ଚଳ ସ୍ୱାସ୍ଥ୍ୟ) ଶାଶ୍ୱତୀ ମହାପାତ୍ର, ସହକାରୀ ପରିଚାଳକ (ତାଲିମ, ସୂଚନା ଶିକ୍ଷା ଯୋଗାଯୋଗ ଏବଂ ଆଚରଣ ପରିବର୍ତ୍ତନ ଯୋଗାଯୋଗ) ଅନିତା କୁଣ୍ଡୁ, ଜନସ୍ୱାସ୍ଥ୍ୟ ପରିଚାଳକ ଭବାନୀ ଶଙ୍କର ମହାନ୍ତ ଏବଂ ଜିଲ୍ଲା



ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଏବଂ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ରୋଗୀକଲ୍ୟାଣ ସମିତିରୁ ଗୌରାଙ୍ଗ ପାଣିଗ୍ରାହୀ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଏହି ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାପ୍ତବୟସ୍କ (ଉପଯୁକ୍ତ ହିତାଧିକାରୀ)ଙ୍କୁ ଟୀକାକାରଣ କରାଯିବ ସହିତ ଟୀକାର ଉପାଦେୟତା ବିଷୟରେ ସମସ୍ତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଚିହ୍ନଟ ବ୍ୟକ୍ତିମାନଙ୍କୁ ଏହି ଟୀକା ଦିଆଯିବ। ମୋଟ ୪ ଲକ୍ଷ ୩୪ ହଜାର ଲୋକଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ‘ଉତ୍କର୍ଷ ଓଡିଶା’ ଲୋଗୋ ଉନ୍ମୋଚିତ

# ନିବେଶକଙ୍କୁ ଆକୃଷ୍ଟ କରୁଛି ସହଜ ଶିଳ୍ପନୀତି




**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):**ଶିଳ୍ପ ସମୃଦ୍ଧ ଭାରତରେ ଓଡିଶା ବିକାଶର ଏକ ପ୍ରମୁଖ କ୍ଷେତ୍ର, ନିବେଶକ ମାନଙ୍କ ପ୍ରଥମ ପସନ୍ଦ ଭାବେ ପରିଚୟ ହାସଲ କରିଛି।ପ୍ରଗତି ପଥରେ ଆଗେଇ ଚାଲିଛି ଓଡିଶା। ଓଡିଶା ସରକାରଙ୍କ ସହଜ ଶିଳ୍ପନୀତି ନିବେଶକ ମାନଙ୍କୁ ଆକୃଷ୍ଟ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦୂରଦର୍ଶିତା ଓ ପ୍ରଗତିଶୀଳ ଚିନ୍ତାଧାରାକୁ ନେଇ ଓଡିଶାରେ ଆୟୋଜିତ ହେଉଛି ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫। ଶ୍ରୀ ମାଝିଙ୍କ ଦ୍ୱାରା ଆଜି ଏହାର ଲୋଗୋ ଉନ୍ମୋଚନ ସମାରୋହ ଆୟୋଜିତ ହୋଇଯାଇଛି। ରାଜ୍ୟକୁ ଆହୁରି ଶିଳ୍ପ ସମୃଦ୍ଧ କରିବା ପାଇଁ ଉତ୍ପାଦନ, ଭିତ୍ତିଭୂମି, ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ପ୍ରମୁଖ କ୍ଷେତ୍ରଗୁଡିକରେ ବିନିଯୋଗ ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ନିବେଶକ ମାନଙ୍କୁ ସ୍ୱାଗତ କରାଯାଇଛି।
ଉତ୍କର୍ଷ ଓଡିଶା - ମେକ୍ ଇନ୍ ଓଡିଶା କନକ୍ଲେଭର ୨୦୨୫ ଯାହା କି ୨୮ ଓ ୨୯ ଜାନୁୟାରୀ ୨୦୨୫ରେ ଅନୁଷ୍ଠିତ ହେବା ନେଇ ନିର୍ଧାରିତ ହୋଇଛି। ଉକ୍ତ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ ଶ୍ରୀମତି ପ୍ରଭାତି ପରିଡା, ରାଜ୍ୟ ସରକାରଙ୍କ ପ୍ରମୁଖ ମନ୍ତ୍ରୀ ଗଣ, ରାଜ୍ୟର ବରିଷ୍ଠ ଶିଳ୍ପ ପତି, ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ସମସ୍ତ ୩୦ ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଅଭିଭାଷଣରେ ସାରା ବିଶ୍ୱରେ ଓଡିଶାକୁ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥଳ ଭାବେ ପରିଣତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ଓଡିଶାକୁ ନେଇ ଆମର ଲକ୍ଷ ହେଉଛି ସ୍ୱଷ୍ଟ- ଏକ ସମୃଦ୍ଧ ବ୍ୟବସାୟିକ ପରିବେଶ ଗଠନ କରିବା ସହ ନିରନ୍ତର ଶିଳ୍ପ ଅଭିବୃଦ୍ଧି, ପୁଞ୍ଜି ବିନିଯୋଗ, ବିଶ୍ୱ ସ୍ତରୀୟ ନିବେଶକ ମାନଙ୍କୁ ଆକୃଷ୍ଟ କରିବା ସହ ସମୃଦ୍ଧ ଉତ୍କଳୀୟ ପରଂପରାର ବିକାଶ ପାଇଁ ପ୍ରୟାସ କରିବା। ଓଡିଶାର ଦୃତ ଶିଳ୍ପାୟନର ଯାତ୍ରାକୁ ନେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି ଯେ, “ଆମ ଦୂରଦୃଷ୍ଟି ଠାରୁ ଢେର୍ ଆଗରେ ଉତ୍କର୍ଷ ଓଡିଶା- ଆମର ଚେଷ୍ଟା ହେଉଛି ଭବିଷ୍ୟତ ପାଇଁରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହ ନୂତନ ସର୍ଜନା, ସ୍ଥାୟିତ୍ୱକୁ ନେଇ ନିବେଶକ ମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଦେବା।ଇଭେଣ୍ଟର ମୁଖ୍ୟ ଆକର୍ଷଣ ହେଲା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ରଲୋଗୋ ଉନ୍ମୋଚନ।ଯାହା ରାଜ୍ୟରେ, ଶିଳ୍ପାନୁଷ୍ଠାନର ଉନ୍ନତି ସହ ଏକ ବିକଶିତ ଭବିଷ୍ୟତ ଆଡକୁ ଆଗେଇ ଯିବା ପାଇଁ ଓଡିଶାର ସଂକଳ୍ପକୁ ପ୍ରତିପାଦିତ କରିବା। ଉତ୍କର୍ଷ ଓଡ଼ିଶାର ଲୋଗୋ ଉନ୍ମୋଚିତ ହେବା ସହ, ଭାରତର ଔଦ୍ୟୋଗିକ ବିକାଶରେ ଓଡ଼ିଶା ଏକ ବଡ ଯୋଗଦାନ ଦେଇଛି।

## ଭରତପୁର ଥାନା ▶ ୪ ପୁଲିସ ଅଧିକାରୀଙ୍କ ହେବ ପଲିଗ୍ରାଫ




**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ଭରତପୁର ଥାନାରେ ମେଜର ଗୁରୁବଂଶ ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଆଉ ୪ ପୁଲିସ ଅଧିକାରୀଙ୍କର ହେବ ପଲିଗ୍ରାଫ ଟେଷ୍ଟ। ସେମାନଙ୍କର ପଲିଗ୍ରାଫ୍ ଟେଷ୍ଟ ପାଇଁ ଆଜି ଅନୁମତି ଦେଇଛନ୍ତି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ। ଏହି ୪ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ନିଲମ୍ବିତ ହୋଇଥିବା ଜଣେ ମହିଳା ସବ୍-ଇନ୍ସପେକ୍ଟର ଓ ୨ ମହିଳା ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର। ଏହି ତିନି ଜଣଙ୍କ ସହିତ ସେଦିନ ସେଠାରେ ଉପସ୍ଥିତ ଆଉ ଜଣେ ପୁଲିସ ଅଧିକାରୀଙ୍କର ମଧ୍ୟ ପଲିଗ୍ରାଫ ଟେଷ୍ଟ ହେବ। ସେଥିପାଇଁ ସେମାନଙ୍କୁ ଗୁଜରାଟର ଗାନ୍ଧିନଗର ନିଆଯିବ। କିନ୍ତୁ ନିଲମ୍ବିତ କନଷ୍ଟେବଲଙ୍କର କୌଣସି ଟେଷ୍ଟ କରାଯିବ ନାହିଁ। ପୂର୍ବରୁ ଭରତପୁରର ପୂର୍ବତନ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ ପାଇଁ କୋର୍ଟ ଅନୁମତି ଦେଇସାରିଛନ୍ତି। ପଲିଗ୍ରାଫ ଟେଷ୍ଟ ସହିତ ତାଙ୍କର ନାର୍କୋ ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଂ ଟେଷ୍ଟକୁ ବି ଅନୁମତି ଦେଇଛନ୍ତି କୋର୍ଟ। ଏହି ୩ଟି ଟେଷ୍ଟ ପାଇଁ ଦୀନକୃଷ୍ଣଙ୍କୁ ମଧ୍ୟ ଗୁଜରାଟର ଗାନ୍ଧିନଗର ନେବ କ୍ରାଇମବ୍ରାଞ୍ଚ। ଅନ୍ୟପକ୍ଷରେ ଭରତପୁର ଘଟଣାରେ ପୀଡ଼ିତାଙ୍କ ନାଁରେ ହାଇକୋର୍ଟରେ ହୋଇଛି ମାମଲା। ନିଲମ୍ବିତ ହୋଇଥିବା ଭରତପୁର ଥାନାର ପୂର୍ବତନ ମହିଳା ପୁଲିସ ଅଧିକାରୀଙ୍କ ମାଆ ଏହି ମାମଲା କରିଛନ୍ତି। ହାଇକୋର୍ଟଙ୍କ ବାରଣ ସତ୍ତ୍ୱେ ପୀଡ଼ିତା ଏକ ଜାତୀୟ ଗଣମାଧ୍ୟମରେ ମହିଳା ପୁଲିସ ଅଧିକାରୀଙ୍କ ନାଁ ନେଇଥିବାରୁ ଅଦାଦଲତ ଅବମାନନା ମାମଲା ଦାଏର କରିଛନ୍ତି।

## ପର୍ଯ୍ୟଟନ ଦିବସ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ପୁରୀ,୨୭।୯(ସଂଚାର ବ୍ୟୁରୋ):** ବିଶ୍ୱ ପର୍ଯ୍ୟଟନ ଦିବସ। ପର୍ଯ୍ୟଟନ ଶାନ୍ତି, ଭାଇଚାରା ସୃଷ୍ଟି ସହ ଅର୍ଥ ନୀତି କୁ ମଧ୍ୟ ସମୃଦ୍ଧ କରିଥାଏ। ପର୍ଯ୍ୟଟକ ମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପରିଭ୍ରମଣ ସହ ସ୍ଥାନୀୟ ଲୋକ ମାନଙ୍କ ପାଇଁ ଆର୍ଥିକ ସହଭାଗିତା ରେ ସହାୟକ ହୋଇଥାନ୍ତି। ପର୍ଯ୍ୟଟନ ମଧ୍ୟ ମନକୁ ଆନନ୍ଦ ଓ ଶାନ୍ତି ଦେଇଥାଏ।ସେଥିପାଇଁ ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସ ର ଥିମ୍ ରହିଛି ପର୍ଯ୍ୟଟନ ଓ ଶାନ୍ତି।। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ରେ ସାମିଲ ହୋଇଥିଲେ।

## ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦର୍ଶନ ବନ୍ଦ

### ଅନିର୍ଦ୍ଦିଷ୍ଟ କାଳ ପାଇଁ ନିୟମ ଲାଗୁ




**ବାଲେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ଅନିର୍ଦ୍ଦିଷ୍ଟ କାଳ ପାଇଁ ପଞ୍ଚ ଲିଙ୍ଗେଶ୍ୱର ମନ୍ଦିରରେ ଦର୍ଶନ ବନ୍ଦ କରାଯାଇଛି। ଲଗାଣ ବର୍ଷା ଯୋଗୁ ଝରଣାରେ ପ୍ରଖର ସ୍ରୋତ ଆସିବାରୁ ପଞ୍ଚ ଲିଙ୍ଗେଶ୍ୱରଙ୍କୁ ସ୍ପର୍ଶ କରିବା ଓ ପାଖକୁ ଯିବା ପାଇଁ ଭକ୍ତଙ୍କୁ ବାରଣ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କେବଳ ମନ୍ଦିର ବାହାରେ ଭୋଗ କରି ଫେରିବା ପାଇଁ ଭକ୍ତଙ୍କୁ କୁହାଯାଇଛି। ରାଜ୍ୟରେ କିଛି ଦିନ ହେବ ବର୍ଷା ଲାଗି ରହିଛି। ଫଳରେ ପଞ୍ଚ ଲିଙ୍ଗେଶ୍ୱରରେ ଝରଣା ପାଣିର ସ୍ରୋତ ବହୁ ପ୍ରଖର ରହିଛି। ଫଳରେ ଭକ୍ତଟିଏ ଯାଇ ଲିଙ୍ଗକୁ ଛୁଇଁ ଆସିବା ବିପଦ ପୂର୍ଣ୍ଣ। ଏଥିପାଇଁ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହିଛି। ଝରଣା ପାଣିର ପ୍ରଖର ସ୍ରୋତ ନ କମିବା ଯାଏ ଲିଙ୍ଗକୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି। ପୂଜା ମଣ୍ଡପର ଦୀପ ଜାଳିବା ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ତେବେ ବାହାର ରାଜ୍ୟରୁ ଆସିଥିବା ଭକ୍ତଭମାନେ ବାବାଙ୍କୁ ଦର୍ଶନ କରିନପାରିବାରୁ ନିରାଶ ହୋଇ ଫେରିଛନ୍ତି।

# ପଦଯାତ୍ରାକୁ ବିପଦ ବିଜେଡିର ଗୋଷ୍ଠୀ କନ୍ଦଳ



**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ଗାନ୍ଧି ଜୟନ୍ତୀରୁ ସଭ୍ୟ ସଂଗ୍ରହ ଓ ପଦଯାତ୍ରା ପାଇଁ ବିଜେଡି ପୂରା ଦମ୍‌ରେ ପ୍ରସ୍ତୁତି ଚଳାଇଥିବା ବେଳେ ଖୋଦ୍ ରାଜଦାନୀରେ ଏହାର କିଭଳି ଶୁଭାରମ୍ଭ ହେବ ତାହାକୁ ନେଇ ଦଳୀୟ ନେତାଙ୍କ ରକ୍ତଚାପ ବଢ଼ିବାରେ ଲାଗିଛି। ଭୁବନେଶ୍ୱରରେ ବରଗଡ଼ରୁ ପଦଯାତ୍ରା ସହିତ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଦଳର ଦୁଇ ଟାଣୁଆ କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୁପକାର ଯୋଗଦେବେ କି ନାହିଁ ତାହା ଉପରେ ସମସ୍ତିଙ୍କ ନଜର। ଯଦି ଏମାନେ ଯୋଗଦେବେ ତେବେ ଅଶୋକ ପଣ୍ଡାଙ୍କ ଗୋଷ୍ଠୀ କେଉଁ ମୁଦ୍ରାରେ ରହିବେ ତାହାକୁ ନେଇ ବିଜେଡିରେ ଆଲୋଚନା ଯୋର ଧରିଛି। ଉଲ୍ଲେଖନୀୟ, ଭୁବନେଶ୍ୱରର ଏହି ଦୁଇ ଗୋଷ୍ଠୀ ପରସ୍ପର ବିରୋଧରେ ବିଶୋଦ୍‌ଗାର କରିବା ସହିତ ଥାନା ଫାଣ୍ଡିରେ ପହଞ୍ଚିଛନ୍ତି। ବିଜେପି ସରକାରଙ୍କ ବିଫଳତା ସଂପର୍କରେ ଜନସାଧାରଣଙ୍କ ଅବଗତ କରିବା ଓ ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ଶୁକ୍ରବାର ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଦରଦାମ ବୃଦ୍ଧିଠାରୁ ଆରମ୍ଭ କରି ନାରୀ ସୁରକ୍ଷା, ପୁଞ୍ଜି ବିନିଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ଓଡିଶାରେ ବିଜେପି ସରକାର ବିଫଳ ହୋଇଛି । ଏ ସରକାର ଶହେ ଦିନ ପୂରଣ କରିସାରିଲାଣି। କିନ୍ତୁ ବିଫଳତା ନିରାଶା ସୃଷ୍ଟି କରିଛି। ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଅହେତୁକ ଦରବୃଦ୍ଧି ଯୋଗୁ ସାଧାରଣ ଲୋକଙ୍କୁ ଘର ଚଳାଇବା କଷ୍ଟ କରି ଦେଲାଣି। ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ସରକାରୀ କର୍ମଚାରୀ ମଧ୍ୟ ଅସୁରକ୍ଷିତ। ପୁରୀ ରାଜଭବନରୁ ଭରତପୁର ଥାନା ପର୍ଯ୍ୟନ୍ତ ଏ ସବୁ ଘଟଣା ସରକାରଙ୍କ ବିଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟରୁ ପୁଞ୍ଜି ଫେରି ଯାଉଛି । ଏପରି ଅନେକ ବିଫଳତା ସରକାରର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଟ୍ଟନାୟକ କହିଛନ୍ତି, ମିଛ କହି ନିର୍ବାଚନ ଜିତା ଯାଇପାରେ, କିନ୍ତୁ ଲୋକଙ୍କ ହୃଦୟ ନୁହେଁ । ସୁଭଦ୍ରା ଯୋଜନା ହେଉ ବା ମାଗଣା ବିଜୁଳି ବା ଭତ୍ତା ବୃଦ୍ଧି, ବିଜେପିର ମିଥ୍ୟା ପ୍ରତିଶ୍ରୁତି ସାଧାରଣ ଲୋକଙ୍କୁ ହତଚକିତ କରିଛି। ବିଜେପି ସରକାରର ବିଫଳତା ଓ ମିଛ ପ୍ରତିଶ୍ରୁତି ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଜନ ସମ୍ପର୍କ ପଦଯାତ୍ରା ସମ୍ପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ପ୍ରତିବର୍ଷ ପରି ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ । ଅକ୍ଟୋବର ୬ ରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଶେଷ ହେବ। ଅକ୍ଟୋବର ୨୧ ରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଜାରି ରହିବ। ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅକ୍ଟୋବର ୯ ତାରିଖରୁ ଡିସେମ୍ବର ୯ ତାରିଖ ଦୁଇ ମାସ ପର୍ଯ୍ୟନ୍ତ ସଭ୍ୟ ସଂଗ୍ରହ ଅଭିଯାନ ଚାଲିବ। ସୋସିଆଲ ମିଡିଆକୁ ଅଧିକ ସକ୍ରିୟ କରିବା ସହିତ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନର ବିପୁଳ ସଫଳତା ଦିଗରେ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ବିଜେଡି ସମନ୍ୱୟ କମିଟିର ମୁଖ୍ୟ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରସନ୍ନ ଆଚାର୍ଯ୍ୟ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ଗଣେଶ୍ୱର ବେହେରା ପ୍ରମୁଖ ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ମଜବୁତ୍ କରିବା ପାଇଁ ସୁଚିନ୍ତିତ ପରାମର୍ଶ ଦେଇଥିଲେ।

## ଠିକାଦାରଙ୍କୁ ସୁରକ୍ଷା ପାଇଁ ଅଣ୍ଟା ଭିଡିଛି ପୋଲିସ,ବିଏମ୍‌ସି



**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ବିଏମସି ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ଏକ ପାଚେରୀ ଭୁଷୁଡି ଜଣେ ଶ୍ରମିକର ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଅହତ ହୋଇ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ଏହି ଘଟଣାକୁ ବିଏମ୍‌ସି ଓ ସଂପୃକ୍ତ ଠିକାଦାର ଚାପି ଦେବାକୁ ଉଦ୍ୟମ କରିଛନ୍ତି। ଶ୍ରମିକଙ୍କ ପରିବାରକୁ ଭୟଭୀତ କରି ମାମଲାକୁ ଚାପି ଦେବାକୁ ପ୍ରୟାସ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସାମ୍ନା କୁ ଆସିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଛି । ସୂଚନା ଅନୁଯାୟୀ, ଗତ ୫ ତାରିଖରେ ଡୁମୁଡୁମା ରଘୁନାଥନଗରରେ ଏକ ଡ୍ରେନ କାମ ଚାଲିଥିଲା । ଗାର୍ଡ ୱାଲ ନିର୍ମାଣ ପାଇଁ ଖୋଳା ଚାଲିଥିବା ବେଳେ କଡ଼ରେ ଥିବା ଏକ ପାଚେରି ଭୁଶୁଡ଼ି ପଡ଼ିଥିଲା । ଫଳରେ ଦୁଇଜଣ ଶ୍ରମିକ ପାଚେରୀ ତଳେ ଚାପି ହୋଇରହି ଯାଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ୭ତାରିଖ ଦିନ ଗଞ୍ଜାମ ଶେରଗଡ଼ର ଥୁରୁବୁରାଇର କୋରା ସ୍ୱାଇଁଙ୍କର ମୃତ୍ୟୁ ଘଟିଥିଲା ।

## ରଘୁବରଙ୍କୁ ଭେଟିଲେ ହିମନ୍ତ | ଝାଡ଼ଖଣ୍ଡ ରାଜନୀତିରେ ହଲଚଲ୍




**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଲେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ଆଜି ପୂର୍ବାହ୍ନରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସିଧାସଳଖ ରାଜଭବନ ଯାଇଥିଲେ। ସେଠାରେ ରାଜ୍ୟପାଳଙ୍କ ସହ ତାଙ୍କର ସାକ୍ଷାତ ଆଲୋଚନା ହୋଇଥିଲା। ପାଖାପାଖି ୨ ଘଣ୍ଟା ୨୦ ମିନିଟ ରାଜଭବନରେ ରହିବା ପରେ ସେ ପୁଣି ଝାଡଖଣ୍ଡ ଅଭିମୁଖେ ବାହାରିଥିଲେ। ରାଜ୍ୟପାଳ ରଘୁବର ଦାସଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ସେ ଭେଟିଥିଲେ। ହିମନ୍ତ ବିଶ୍ୱଶର୍ମା ଝାଡଖଣ୍ଡ ବିଜେପି ପ୍ରଭାରୀ ରହିଛନ୍ତି। ସେଠାରେ ଆଗାମୀ ଦିନରେ ନିର୍ବାଚନ ହେବାକୁ ଯାଉଛି। ସେହି ବିଷୟରେ ସାକ୍ଷାତ ଆଲୋଚନା ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଓଡ଼ିଶାର ଏହି ପଡୋଶୀ ରାଜ୍ୟରେ ପୁଣି ଥରେ ବିଜେପି କ୍ଷମତାକୁ ଅକ୍ତିଆର କରିବା ଲକ୍ଷ୍ୟରେ ବିଶ୍ୱଶର୍ମା ଷ୍ଟ୍ରାଟେଜି ପ୍ରସ୍ତୁତ କରୁଛନ୍ତି। ଝାଡଖଣ୍ଡ ରାଜନୀତିକୁ ନେଇ ନୁହଁ ବ୍ୟକ୍ତିଗତ ସାକ୍ଷାତ ପାଇଁ ଆସିଥିବା ବିଶ୍ୱଶର୍ମା ପୂର୍ବରୁ ବିମାନବନ୍ଦରରେ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ।

## ଦୁଇ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

### ଦମ୍ପତି ଓ ଶିଶୁ ପୁତ୍ରକୁ ହତ୍ୟା



**ଅନୁଗୋଳ, ୨୭।୯ (ସଂଚାର ବ୍ୟୁରୋ):** ଟଙ୍କା ଲୋଭରେ ଏକ ଦମ୍ପତି ଓ ତାଙ୍କର ଶିଶୁ ପୁତ୍ରଙ୍କୁ ହତ୍ୟା କରିଥିଲେ ଦୁଇ ଜଣ ବ୍ୟକ୍ତି। ଦୁହେଁ ଦୋଷୀ ସାବ୍ୟସ୍ତ ହେବାରୁ ସେମାନଙ୍କୁ ମିଳିଛି ଫାଶି ଦଣ୍ଡାଦେଶ। ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଗମ୍ଭାରୀମଳିଆ ଗାଁରେ ପ୍ରାୟ ୭ ବର୍ଷ ପୂର୍ବେ ଏହି ଅଘଟଣ ଘଟିଥିଲା। ଫାଶି ଦଣ୍ଡାଦେଶ ପାଇଥିବା ଦୁଇ ଦୋଷୀ ହେଉଛନ୍ତି, ନନ୍ଦକିଶୋର ସେଠୀ ଓ ପ୍ରକାଶ ବେହେରା। ୨୦୧୭ ଅକ୍ଟୋବର ୧୦ ତାରିଖରେ ଘଟିଥିଲା ଏହି ଟ୍ରିପଲ ମର୍ଡର। ମା’ ମାହେଶ୍ୱରୀ ଗ୍ରୁପରୁ ଏକ ଦମ୍ପତି ଦେଢ଼ ଲକ୍ଷ ଟଙ୍କା ଉଠାଇଥିଲେ। ଏହି ଟଙ୍କା ହଡ଼ପ କରିବା ପାଇଁ ଯୋଜନା କରିଥିଲେ ନନ୍ଦକିଶୋର ଓ ପ୍ରକାଶ। ସେଥିପାଇଁ ସେମାନେ ଏହି ଦମ୍ପତି ଓ ସେମାନଙ୍କ ୪ ବର୍ଷର ପୁଅଙ୍କୁ ହତ୍ୟା କରିଥିଲେ। ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ଏହି ମାମଲାର ବିଚାର କରି ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ନନ୍ଦକିଶୋର ସେଠୀ ଓ ପ୍ରକାଶ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଫାଶି ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନଙ୍କୁ ୩୦୨ ଦଫାରେ ଫାଶୀ ସହ ୩୭୪ ଦଫାରେ ଆଜୀବନ ଓ ୨୦୧ ଦଫାରେ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି କୋର୍ଟ।

## ଲାଞ୍ଚ ନେଇ ଧରାପଡ଼ିଲେ ମହିଳା ଯନ୍ତ୍ରୀ

**କୋରାପୁଟ,୨୭।୯(ସଂଚାର ବ୍ୟୁରୋ):** ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ମହିଳା ସହକାରୀ ଯନ୍ତ୍ରୀ। ତାଙ୍କ ନାଁ ଭାନୁମତୀ ଟୁଡୁ। ସେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ ନିଯୁକ୍ତ ହୋଇଛନ୍ତି। ସରକାରୀ ଯୋଜନାରେ ଗାଈ ଗୁହାଳ ନିର୍ମାଣ କରିଥିବା ଜଣେ ହିତାଧିକାରୀଙ୍କ ବିଲ୍ ରିଲିଜ୍ କରିବା ପାଇଁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ ଭାନୁମତୀ ଟୁଡୁ। ଏନେଇ ସଂପୃକ୍ତ ହିତାଧିକାରୀ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଆଜି ସେହି ହିତାଧିକାରୀ ସହକାରୀ ଯନ୍ତ୍ରୀ ଭାନୁମତୀ ଟୁଡୁଙ୍କୁ ଲାଞ୍ଚ ଅର୍ଥ ଦେଇଥିଲେ। ଶ୍ରୀମତୀ ଟୁଡୁ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ (୫୦୦୦ ଟଙ୍କା) ଜବତ କରିଛି ଭିଜିଲାନ୍ସ। ଲାଞ୍ଚ ନେଇ ଧରାପଡ଼ିବା ପରେ ସହକାରୀ ଯନ୍ତ୍ରୀ ଭାନୁମତୀ ଟୁଡୁଙ୍କ ୩ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

## ପଶ୍ଚିମ ଓଡ଼ିଶାରେ ହେବ ଚିଡ଼ିଆଖାନା

**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ପ୍ରତିଷ୍ଠା ହେବ ଚିଡ଼ିଆଖାନା। ଏନେଇ ଆରମ୍ଭ ହୋଇଯାଇଛି ପ୍ରକ୍ରିୟା । ବିଶ୍ୱ ପର୍ଯ୍ୟଟନ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏନେଇ ସୂଚନା ଦେଇଛନ୍ତି। ପ୍ରଭାତୀ ପରିଡ଼ା କହିଛନ୍ତି, ପଶ୍ଚିମ ଓଡ଼ିଶାରେ ଚିଡ଼ିଆଖାନା ହେବ । ତା ସାଙ୍ଗକୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ରୋପ ୱେ, ଆଡଭେଞ୍ଚର ସ୍ପୋର୍ଟସ୍‌ର ପଲିସି ଓଡ଼ିଶାକୁ ଆଣିବାର ଅଛି । ସେଥିପାଇଁ ୩ ତାରିଖରେ ମେଘାଳୟ ଯିବୁ । ସେଠାରେ ଆଡଭେଞ୍ଚର ଟୁରିଜିମ୍ ପଲିସି ଉପରେ ଚର୍ଚ୍ଚା ହେବ । ଟୁରିଜିମର ବିକାଶ କରିବାକୁ ହେଲେ ଓଡ଼ିଶାରେ ଭିତ୍ତିଭୂମିର ବିକାଶ କରିବାକୁ ହେବ । କେନ୍ଦ୍ର ସରକାର ଓଡ଼ିଶା ପାଇଁ ହାତ ଖୋଲି ଦେଇଛନ୍ତି । ଯାହା ଆବଶ୍ୟକ ହେବ ଦେବେ। ସେ ଆହୁରି କହିଛନ୍ତି, ୩ ମାସ ଭିତରେ ଟୁରିଜିମର ପ୍ଲାନ ସାମ୍ନାକୁ ଆସିବ । ଓଡ଼ିଶା ଟୁରିଜିମରେ ଦେଶରେ ୩ ନଂ ସ୍ଥାନକୁ ଆସିବ ।

## ଉପଜିଲ୍ଲାପାଳ ଅଫିସ୍ ଆଗରେ ଆତ୍ମାହୁତି ଉଦ୍ୟମ



**ଢେଙ୍କାନାଳ,୨୭।୯(ସଂଚାର ବ୍ୟୁରୋ):** କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅଭାବନୀୟ ଘଟଣା। ଗୁହାରୀ କରିବାକୁ ଆସି ପେଟ୍ରୋଲ ଢାଳି ଆତ୍ମାହୂତି ଉଦ୍ୟମ କଲେ ଯୁବକ। ଆତ୍ମାହୂତି ଉଦ୍ୟମ କରିଥିବା ବ୍ୟକ୍ତି ଜଣକ ହେଲେ କାମାକ୍ଷାନଗର ଥାନା ଇନ୍ଦିପୁର ଗାଁର ବିପିନ ନାୟକ। ଆଜିକୁ ୪୦ରୁ ଅଧିକ ବର୍ଷ ହେବ ଇନ୍ଦିପୁର ଗାଁରେ ରହି ଆସୁଛନ୍ତି ବିପିନ ନାୟକ। ସେ ସରକାରୀ ଜମିରେ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ନିର୍ମାଣ କରି ରହୁଛନ୍ତି। ହେଲେ ତାଙ୍କ ଘର ପଛ ପାର୍ଶ୍ୱରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ରେକର୍ଡ ଭୁକ୍ତ ଜମି ରହିଛି। ସିଏ ସେଠାରେ ଘର ନିର୍ମାଣ କରିଛନ୍ତି। ହେଲେ ନିଜ ଘରକୁ ଯିବା ଆସିବାରେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସରକାରୀ ରାସ୍ତାରେ ବିପିନ ଘର କରିଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ ଜମିରେ କରିଥିବା ଘରକୁ ଯାଇପାରୁନଥିଲେ। ତେଣୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପୂଜା ସାମଗ୍ରୀ-ଅଧିକାଂଶ ନକଲି



**ଭୁବନେଶ୍ୱର,୨୭।୯:** କେବଳ ଘିଅ ନୁହେଁ, ପୂଜାପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ କିସମର ତେଲ, କର୍ପୁର ଓ ପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସାମଗ୍ରୀରୁ ଅଧିକାଂଶ ନକଲି। ମଠ, ମନ୍ଦିର ଠାରୁ ଆରମ୍ଭକରି ବିଭିନ୍ନ ଯଜ୍ଞାନୁଷ୍ଠାନ ଏବଂ ଘରେ ଘରେ ପୂଜା ପାଇଁ ଲୋକେ ଯେତେ ସାମଗ୍ରୀ କିଣୁଛନ୍ତି ସେଥିରୁ ଅଧିକାଂଶ ନିମ୍ନମାନର ବୋଲି ଜଣାଥିଲେ ମଧ୍ୟ ଏହାକୁ ରୋକିବାପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ।
ତିରୁପତି ମନ୍ଦିରର ଲଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ପଶୁ ଚର୍ବି ଥିବା ଘେନି ଅଭିଯୋଗ ଆସିବାପରେ ଓଡ଼ିଶାରେ ଏବେ ଚେତା ପଶିଛି। ଶ୍ରୀମନ୍ଦିରର ମହାପ୍ରସାଦ ପ୍ରସ୍ତୁତି ପାଇଁ ଆସୁଥିବା ସାମଗ୍ରୀର ମାନ ଯାଞ୍ଚଲାଗି ଇତି ମଧ୍ୟରେ ଆଇନ୍ ବିଭାଗ ସ୍ୱାସ୍ଥ୍ୟ ବିଭାଗସହିତ ପରାମର୍ଶ କରିଛି। ଏ ସଂକ୍ରାନ୍ତରେ ଖାଦ୍ୟ ନିରୀକ୍ଷକ ନିୟମିତ ଯାଞ୍ଚ କରିବେ ବୋଲି କୁହାଯାଉଛି। ଏହାଛଡା ଶ୍ରୀମନ୍ଦିରରେ ଦୀପଦାନ ପାଇଁ ବ୍ୟବହୃତ ଘିଅର ମାନ ମଧ୍ୟ ଯାଞ୍ଚ କରାଯିବ। ଏଠାରେ ଉଲ୍ଲେଖନୀୟ ଯେ ଅତୀତରେ ଶ୍ରୀମନ୍ଦିର ଦାୟିତ୍ୱରେ ବରିଷ୍ଠ ପ୍ରଶାସକ ସୁରେଶଚନ୍ଦ୍ର ମହାପାତ୍ର ଥିବାବେଳେ ମନ୍ଦିରରେ ଓମଫେଡ୍ ଘିଅ ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତିକୁ କିଏ ବଦଳାଇଲା ଏବଂ କିଭଳି ଅପମିଶ୍ରିତ ଓ ନକଲି ଘିଅ ଶ୍ରୀମନ୍ଦିରରେ ପଶିଲା ସେଥିଘେନି ପ୍ରଶ୍ନବାଚୀ ଉଠୁଛି। କେବଳ ଶ୍ରୀମନ୍ଦିର ନୁହେଁ, ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ, ଅନନ୍ତ ବାସୁଦେବଙ୍କ ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ଅଞ୍ଚଳର ଯେତେସବୁ ଦେବା ଦେବୀଙ୍କ ମନ୍ଦିରରେ ଭକ୍ତଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ହେଉଛି ସେଥିରେ ବ୍ୟବହୃତ ଘିଅର ମାନ ଠିକ୍ ଅଛି ନା ନାହିଁ ଏବଂ ସମସ୍ତ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁମାନେ ଜାଳୁଥିବା ଦୀପର ଘିଅ ଅସଲି ନା ନକଲି ତାହାର ବି ଯାଞ୍ଚ ପାଇଁ ଦାବି ହେଉଛି। ପୂଜାପାଇଁ ବ୍ୟବହାର କରାଯାଉଥିବା ରାଶି ତେଲ, ଜଡା ତେଲ, ନଡିଆ ତେଲ ଆଦି ବି ନିମ୍ନମାନର ବୋଲି ଲୋକେ ଅନୁଭବ କରୁଛନ୍ତି। ଏମିତିକି ଏହି ତେଲ କେବଳ ପୂଜାପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ତେବେ ଏହି ତେଲ ସବୁ କେଉଁଥିରୁ ପ୍ରସ୍ତୁତ ହେଉଛି ଏବଂ ଯେଉଁମାନେ ଏହା ପ୍ରସ୍ତୁତ କରୁଛନ୍ତି ସେମାନଙ୍କର ଏଥିଲାଗି ଲାଇସେନ୍ସ ଅଛି କି ନାହିଁ ତାହା ଉପରେ ବି ପ୍ରଶ୍ନବାଚୀ ଉଠୁଛି। ମନ୍ଦିରର ଆଳତୀ ଓ ପ୍ରସାଦ ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଉଥିବା କର୍ପୁର ବି ବହୁ କ୍ଷେତ୍ରରେ ନକଲି। ଏମିତିକି ବଜାରରେ ବୋତଲରେ ପୂରାଇ ବିକା ଯାଉଥିବା ଗଙ୍ଗାଜଳ ଠାରୁ ଆରମ୍ଭକରି ଅଗରୁ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ବି ନିମ୍ନମାନର ରହୁଛି। ଏଠାରେ ଉଲ୍ଲେଖନୀୟ ଯେ ଦେବତ୍ତୋର ବିଭାଗ ନିୟନ୍ତ୍ରଣରେ ଥିବା ବହୁ ମନ୍ଦିର ଭିତରେ ପୂଜା ସାମଗ୍ରୀ ଓ ଭୋଗ ଦୋକାନମାନ ରହିଛି। ଏହି ଦୋକାନଗୁଡ଼ିକୁ ବେଶ୍ ଉଚ୍ଚ ଦରରେ ନିଲାମ କରାଯାଇଥାଏ। ଅଧିକାଂଶ ନିଲାମଧାରୀ ଲାଭ ଉଠାଇବାପାଇଁ ନିମ୍ନମାନର ଓ ନକଲି ପୂଜା ଓ ଭୋଗ ସାମଗ୍ରୀ ଖୋଲାଖୋଲି ଭାବେ ବିକ୍ରି କରୁଥିବାବେଳେ ଦେବତ୍ତୋର କିମ୍ବା ଅନ୍ୟ ବିଭାଗ ଏହାର ଯାଞ୍ଚ କରୁନାହାନ୍ତି। ଏମିତିକି ମହାଶିବରାତ୍ରିରେ ଅନେକ ଶିବ ମନ୍ଦିରରେ ଉଠୁଥିବା ମହାଦୀପର ବ୍ୟବହୃତ ଘିଅ ବି କିଲୋ ୧୦୦ ଟଙ୍କା ଭିତରେ ମିଳିଯାଉଛି। ଏତେ କମ୍ ଦରରେ ଯେଉଁ ଘିଅ ମିଳୁଛି ତାହା କେଉଁ ସାମଗ୍ରୀରୁ କିଏ ପ୍ରସ୍ତୁତ କରୁଛି ସେକଥା ଶ୍ରଦ୍ଧାଳୁ ଭକ୍ତମାନେ ନପଚାରି ଶସ୍ତାରେ ଧର୍ମକାର୍ଯ୍ୟ କରିବାକୁ ଚାହୁଁଛନ୍ତି। ପୁରୀ ଖଜାର ଖ୍ୟାତି ଦେଶ ବିଦେଶରେ ରହିଛି। ତେବେ ଏହି ଖଜା ପ୍ରସ୍ତୁତିରେ ଠିକଣା ମାନର ସାମଗ୍ରୀ ବ୍ୟବହୃତ ହେଉଛି ନା ନାହିଁ ତାହାର ବି ନିୟମିତ ଯାଞ୍ଚ କରାନଗଲେ ରାଜ୍ୟର ଅସ୍ମିତା ଉପରେ ପ୍ରଶ୍ନ ଉଠିପାରେ। (ତଥ୍ୟ)

## ଦାଦନ ଖଟିବାକୁ ଗଲେ,ଚୋରି କଳା ଧରି ଫେରିଲେ



**ଭୁବନେଶ୍ୱର,୨୭।୯(ସଂଚାର ବ୍ୟୁରୋ):** ପେଟ ପାଇଁ ଦାଦନ ଖଟିବାକୁ ସୁରତ ଯାଇଥିଲେ। ହେଲେ ସେଠାରେ ଦାଦନ ଖଟିବେ କ’ଣ ଚୋରି କଳା ଶିଖିଲେ! ରାସ୍ତାରେ ଏକୁଟିଆ ଯାଉଥିବା ମହିଳା ଓ ଯୁବତୀଙ୍କ ବେକରୁ ସୁନା ଚେନ୍ ଲୁଟ୍ ନେଉଥିଲେ। ପରବର୍ତ୍ତୀ ସମୟରେ ସେହି ଚୋରି କଳା ଧରି ଓଡ଼ିଶା ଫେରିଲେ ସୁବାସ ପ୍ରଧାନ। ପୁରୀ ଓ ଭୁବନେଶ୍ୱରରେ ନିଜର ଗ୍ୟାଙ୍ଗ କରି ଲୁଟ୍ କରୁଥିବା ବେଳେ କମିଶନରେଟ୍ ପୁଲିସ୍ ହାତରେ ଧରା ପଡ଼ିଛନ୍ତି ସୁବାସ ପ୍ରଧାନ ଏବଂ ତାଙ୍କ ସହଯୋଗୀ। ସୁବାସ ପ୍ରଧାନ ଜଣେ ଓଡ଼ିଆ। ସେ ୨୦୦୮ ମସିହାରେ ଦାଦନ ଖଟିବା ପାଇଁ ସୁରତ ଯାଇଥିଲେ। ସେଠାରେ ଦାଦନ ଖଟିବେ କ’ଣ ଲୁଟ୍‌ପାଟ୍‌ରେ ମାତିଲେ। ୨୦୧୪ ମସିହାରେ ସେ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିଲେ। ହେଲେ ଧରାପଡିଯିବା ଭୟରେ ସେ ପୁରୀ ପଳାଇ ଆସିଥିଲେ। ପୁରୀ ଆସିଲା ବେଳେ ପ୍ରଧାନ ନିଜର ସହଯୋଗୀ(ମହାରାଷ୍ଟ୍ରଙ୍କୁ ସାଥୀରେ ଧରି ଆସିଥିଲେ। ତା’ପରେ ନିଜସ୍ୱ ଗ୍ୟାଙ୍ଗ କରି ଲୁଟ୍‌ପାଟ୍‌ରେ ମାତିଥିଲେ। ସକାଳେ, ଦି’ପହର ଓ ସନ୍ଧ୍ୟା ବେଳେ ଏକୁଟିଆ ଯାଉଥିବା ମହିଳା ବା ଯୁବତୀଙ୍କୁ ଟାର୍ଗେଟ କରୁଥିଲେ। ଆଉ ସୁବିଧା ସୁଯୋଗ ଦେଖି ସୁନା ଚେନ୍ ଲୁଟ୍ କରୁଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ ଗତ ଜୁନ୍ ମାସରେ ସୁବାସ ପ୍ରଧାନ ଓ ତାଙ୍କର ସାଥୀ ରାଜଧାନୀ ଭୁବନେଶ୍ୱର ଆସିଥିଲେ। ସେମାନେ ଆଉ ଦୁଇ ଜଣଙ୍କୁ ନିଜ ଗ୍ୟାଙ୍ଗରେ ସାମିଲ୍ କରାଇ ଥିଲେ। ତା’ପରେ ଆରମ୍ଭ କରୁଥିଲେ ଲୁଟ୍‌ପାଟ୍। ପୁରୀ ଭଳି ଏଠାରେ ଏକୁଟିଆ ଯାଉଥିବା ମହିଳା ବା ଯୁବତୀଙ୍କୁ ଟାର୍ଗେଟ କରୁଥିଲେ। ଆଉ ଆଖି ପିଛୁଳାକେ ଚେନ୍ ଧରି ଚମ୍ପଟ ମାରୁଥିଲେ। ଗତ ୩ ମାସ ହେଲା ସେମାନେ ପଥଚାରୀଙ୍କୁ ନାକେଦମ୍ କରିଥିଲେ। ଏମାନେ ୯ରୁ ଅଧିକ ଚେନ୍ ଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। ପୁଲିସ୍ କମିଶନର ସଞ୍ଜୀବ ପଣ୍ଡାଙ୍କ କହିବା ଅନୁସାରେ ଗିରଫ ଅଭିଯୁକ୍ତଙ୍କଠାରୁ ୮ଟି ସୁନା ଚେନ୍, ୫ଟି ଇମିଟେସନ୍ ଚେନ୍ ଓ ଲୁଟ୍‌ରେ ବ୍ୟବହାର ହେଉଥିବା ୨ଟି ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ସୁରତ ଓ ପୁଲିସ୍ ମାମଲାରେ ୱାଣ୍ଟେଡ୍ ଅଛନ୍ତି। ଏନେଇ ସୁରତ ଓ ପୁରୀ ପୁଲିସ୍‌କୁ ସୂଚନା ଦିଆଯାଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର